# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୨୩ /୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 23/ 2019 (Career & Appointment) ★★★★

୪୫ଶ ଭାଗ ୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା**

କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି।

୦୯

୧୯

**ଅଂଶୁଙ୍କୁ ସିଙ୍ଗଲ୍ସ ଟାଇଟଲ**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଅନୁଷ୍ଠିତ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ ।








**ଆଜିର ସମ୍ପାଦକୀୟ**

**ବାବୁ 'ଅନୁରକ୍ତି'**

**ଆଜିର ମନ୍ତବ୍ୟ**

କେନ୍ଦ୍ରରେ କଂଗ୍ରେସ କ୍ଷମତାସୀନ ହେଲେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିବା।

**–ହରିଶ ରାୱତ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

ଗତ ୪ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୩.୬୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭–୧୮ ଆର୍ଥିକ ବର୍ଷରେ ୧.୦୨ ଲକ୍ଷ କୋଟି ଟଙ୍କା ଅସୁଲ ହୋଇଛି।

**– ଅର୍ଥ ମନ୍ତ୍ରଣାଳୟ**

## ■ ମାଟ୍ରିକ ପରୀକ୍ଷା ଆରମ୍ଭରୁ ବିଭ୍ରାଟ

# ଭାଇରାଲ ହେଲା ଓଡ଼ିଆ ପ୍ରଶ୍ନପତ୍ର

- **୪ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ ନିଲମ୍ବିତ**
- **ଥାନାରେ ଏତଲା**

**କଟକ ଅଫିସ/ନୂଆପଡ଼ା ଅଫିସ୍/ଢେଙ୍କାନାଳ ଅଫିସ୍/କୋରାପୁଟ,୨୨।୨(ସ୍ୱ.ପ୍ର.)**

ରାଜ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ହେଲେ ପ୍ରଥମ ଦିନରୁ ହିଁ ବିଭ୍ରାଟ ଉପୁଜିଛି। ଭାଇରାଲ ହୋଇଛି ଓଡ଼ିଆ ପରୀକ୍ଷାର ପ୍ରଶ୍ନପତ୍ର, ଯାହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପରିଚାଳନାକୁ ନେଇ ପୁଣି ଥରେ କାଠଗଡ଼ାରେ ଛିଡ଼ାହୋଇଛି ରାଜ୍ୟ ଗଣଶିକ୍ଷା ବିଭାଗ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ। ତେବେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ୪ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଉଛି। ବୋର୍ଡରେ ୧୯୮୮ ଆକ୍ଟ ଅନୁଯାୟୀ ଦାୟୀମାନଙ୍କ ବିରୋଧରେ ନିକଟସ୍ଥ ଥାନାରେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଏତଲା ଦିଆଯାଇଥିବା ବୋର୍ଡ ସଭାପତି ଡ. ଜହାଁଆରା ବେଗମ୍ ଶୁକ୍ରବାର ସନ୍ଧ୍ୟାରେ କହିଛନ୍ତି। ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ବୋର୍ଡ ପକ୍ଷରୁ ଉଦ୍ୟମ ହୋଇଛି। ମୋବାଇଲ ଫୋନ ☞ପୃଷ୍ଠା–୪



ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବା ବେଳେ ପୋଲିସ ସହ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଧସ୍ତାଧସ୍ତି।

## ସ୍ଥାୟୀ ହେବେ ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମଚାରୀ

**କ୍ୟାବିନେଟ ନିଷ୍ପତ୍ତି**

- **ବିଭାଗୀୟ ମୁଖ୍ୟ ଦପ୍ତର, ଜିଲା, ବ୍ଲକ, ତହସିଲ କର୍ମଚାରୀଙ୍କ ପଦୋନ୍ନତି ପାଇଁ ବାଟ ଖୋଲିଲା**
- **ଗଠନ ହେଲା କମନ୍‌କ୍ୟାଡର**
- **ବାର୍ଷିକ ପଡ଼ିବ ୭୨ କୋଟିର ଅତିରିକ୍ତ ଆର୍ଥିକ ବୋଝ**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାକୁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଚାଷୀ, ମହିଳା, ଯୁବଗୋଷ୍ଠୀ, ବୃଦ୍ଧା ବୃଦ୍ଧ, ଅନଗନ୍‌ୱାଡି କର୍ମୀଙ୍କୁ ଖୁସି କରିବା ପରେ ବିଭାଗୀୟ ମୁଖ୍ୟଦପ୍ତର, ଜିଲା, ବ୍ଲକ, ତହସିଲ ଓ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଖୁସି କରିଛନ୍ତି। ରାଜ୍ୟ ମୁଖ୍ୟଦପ୍ତର, ଜିଲା, ବ୍ଲକ ଓ ତହସିଲରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ପାଇଁ ନୂତନ କମନ କ୍ୟାଡର ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେବାକୁ ଘୋଷଣା କରିଛନ୍ତି।

ଦୀର୍ଘଦିନ ଧରି କ୍ୟାଡର ରୁଲ୍‌ରେ ସଂଶୋଧନ କରିବା ଏବଂ ସଚିବାଳୟ କର୍ମଚାରୀଙ୍କ ଭଳି ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀମାନେ ଦୀର୍ଘଦିନ ଆନ୍ଦୋଳନ ଚଳାଇଥିଲେ। ଏପରି କି ଦାବି ପୂରଣ ନେଇ ୩ ମାସ କଲମ ଛାଡ଼ ଆନ୍ଦୋଳନ କରି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କରିଥିଲେ। ନିର୍ବାଚନ ଆଗରୁ କର୍ମଚାରୀମାନଙ୍କୁ ଖୁସି କରିବା ଲାଗି ରାଜ୍ୟ ସରକାର ଓଡ଼ିଶା ☞ପୃଷ୍ଠା–୪





**CUTTACK: 558/834, Cantonment Road, Ph: 0671-3987777**

STORES ALSO AT: **BHUBANESWAR:** 621, Saheed Nagar, Janpath | **BHUBANESWAR:** Biju Patnaik International Airport | **BHUBANESWAR:** 309, District Centre, Chandrasekharpur | **BERHAMPUR:** Venkatraju Arcade, Sano Bazar | **ROURKELA:** Kesar Bhawan, Main Road | **Toll Free: 1800 3131 777** | **Open on Sundays**



“ସଫଳତା ହାସଲ କରିଥିବା ଲୋକେ ଆଜି ଯେଉଁ ସ୍ତରରେ ପହଞ୍ଚିଛନ୍ତି, ତାହା ସେମାନଙ୍କ ବ୍ୟକ୍ତିଗତ ପ୍ରୟାସ ଯୋଗୁ ସମ୍ଭବ ହୋଇନାହିଁ। ସମାଜର ଉଦ୍ୟମ ଓ ଆଶୀର୍ବାଦ ହେତୁ ସେମାନେ ସଫଳତା ପାଇଛନ୍ତି। ତେଣୁ ବଞ୍ଚିତ ବର୍ଗର ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ସମସ୍ତେ ବଢ଼ାଇବା ଉଚିତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



# ଆଝାରଙ୍କୁ ଚାବୁକ୍

ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି ଇସ୍‌ଲାମାବାଦ। ପୁଲଓ୍ୱାମା ଆକ୍ରମଣକୁ ନେଇ ଭାରତର କୂଟନୈତିକ ଉଦ୍ୟମ ପରେ ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଆକ୍ରମଣରେ ଜୈଶ୍‌ର ସମ୍ପୃକ୍ତିକୁ ଅସ୍ୱୀକାର କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସପ୍ତାହେ ପରେ ଏହି ଆତଙ୍କବାଦୀ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେଠାକାର ବାହବଲପୁରସ୍ଥିତ ଜୈଶ୍ ମୁଖ୍ୟାଳୟରେ ପାକିସ୍ତାନ ପୋଲିସ ଚଢ଼ାଉ କରିଥିବା ଜଣାପଡ଼ିଛି। ଆତଙ୍କ ଓ ମୃତ୍ୟୁର ସୌଦାଗର ମୌଲାନା ମାସୁଦ୍ ଆଝାରଙ୍କ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଚାବୁକ୍ ମାଡ଼ରୁ କିଛି କମ୍ ନୁହେଁ ବୋଲି କୁହାଯାଉଛି।




## ଜେଇଏମ୍ ମୁଖ୍ୟାଳୟ ବାଜ୍ୟାପ୍ତ

କରାଚୀ,୨୨।୨

ପୁଲଓ୍ୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରଙ୍କ ଜୈଶ-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟାଳୟକୁ ଶୁକ୍ରବାର ପାକିସ୍ତାନ ସରକାର ବାଜ୍ୟାପ୍ତ କରିଛନ୍ତି। ପଞ୍ଜାବ ପ୍ରଦେଶର ବାହବଲପୁରସ୍ଥିତ ଜେଇଏମ୍ ଅଫିସ ପରିସରକୁ ସେଠାକାର ପୋଲିସ ଦଖଲ କରିଛି। ଏହାସହ ଜେଇଏମ୍ ଦ୍ୱାରା ପରିଚାଳିତ ସମସ୍ତ ଇସ୍‌ଲାମିକ୍ ମଦ୍ରାସାକୁ ପଞ୍ଜାବ ସରକାର ନିଜ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି। ଇସ୍‌ଲାମାବାଦରେ ଗୁରୁବାର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି) ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଗୁରୁବାର ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ଜମାତ୍-ଉଦ୍-ଦାଓ୍ୱା (ଜେୟୁଡି) ଉପରେ ନିଷେଧାଦେଶ ଜାରି କରିବାର ଦିନକ ପରେ ଜେଇଏମ୍ ଅଫିସ ସିଲ୍ କରାଯାଇଥିବା ସେଠାକାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।





ଭିଏତ୍‌ନାମ ରାଜଧାନୀ ହାନୋଇରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କ ମଧ୍ୟରେ ଆସନ୍ତା ୨୭ରେ ଦ୍ୱିତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶୁକ୍ରବାର ହାନୋଇସ୍ଥିତ ଅପେରା ହାଉସ୍‌ରେ ଦୁହିଁଙ୍କ ଭଳି ଦେଖାଯାଉଥିବା ରସେଲ୍ ହ୍ୱାଇଟ୍ (ବାମ) ଓ ହାଓ୍ୱାର୍ଡ ଏକ୍ସ (ଡାହାଣ) ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ସଂକ୍ଷେପରେ

### କଶ୍ମୀରୀଙ୍କ ସୁରକ୍ଷା ନେଇ ୧୧ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୨।୨(ପି.ଟି.):** ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ବିଭିନ୍ନ ରାଜ୍ୟରେ କଶ୍ମୀର ଛାତ୍ର ଓ ଜନସାଧାରଣ ସାମାଜିକ ବାସନ୍ଦ, ହିଂସା ଓ ଧମକର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ୧୧ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଶ୍ମୀରୀଙ୍କ ବିରୋଧରେ ଘଟିଥିବା ହିଂସାକାଣ୍ଡ ଉପରେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟକୁ ଅଦାଲତ ଜବାବ ମାଗିଛନ୍ତି। ଗତ ୧୪ ତାରିଖ ପୁଲଓ୍ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ କଶ୍ମୀରୀମାନେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ହିଂସାକାଣ୍ଡ ଘଟାଉଥିବା ଲୋକଙ୍କ ବିରୋଧରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲ୍ଲା ସ୍ୱାଗତ କରିଛନ୍ତି।

### ସେନାକୁ ମିଳିଲା ଧ୍ରୁବ ହେଲିକପ୍ଟର

**ବେଙ୍ଗାଲୁରୁ,୨୨।୨(ପି.ଟି.):** ଏରୋ ଇଣ୍ଡିଆ ଏୟାର ଶୋ’ ଅବସରରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) ଶୁକ୍ରବାର ସେନାବାହିନୀକୁ ପ୍ରଥମ ପର୍ଯ୍ୟାୟରେ ୩ଟି ଅତ୍ୟାଧୁନିକ ହାଲୁକା ହେଲିକପ୍ଟର ‘ଧ୍ରୁବ’ ହସ୍ତାନ୍ତର କରିଛି। ୨୨ଟି ଧ୍ରୁବ (ଏଏଲ୍‌ଏଚ୍ ଏମ୍‌କେ-୩) ଏବଂ ୧୮ଟି ଏମ୍‌କେ-୪ ରୁଦ୍ର ହେଲିକପ୍ଟର ଯୋଗାଇବା ଲାଗି ହାଲ୍ ସହ ସେନାବାହିନୀ ୨୦୧୭ ଅଗଷ୍ଟରେ ଚୁକ୍ତି ସ୍ୱାକ୍ଷର କରିଥିଲା। ୨୨ଟିରୁ ୧୯ଟି ଧ୍ରୁବ ହେଲିକପ୍ଟର ନିର୍ମାଣ ଶେଷ ହୋଇଛି ଏବଂ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ ବୋଲି ହାଲ୍ ପକ୍ଷରୁ କୁହାଯାଇଛି।

### ■ ପୁଲଓ୍ୱାମା ଆକ୍ରମଣକୁ ଏଫ୍‌ଏଟିଏଫ୍‌ର ନିନ୍ଦା
## ‘ଗ୍ରେ’ ଲିଷ୍ଟରୁ ହଟିବନି ପାକିସ୍ତାନ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ଉପରେ କଡ଼ା ନଜର ରଖୁଥିବା ଅନ୍ତର୍ଜାତୀୟ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ ଶକ୍ତ ଝଟକା ଲାଗିଛି। ଏଫ୍‌ଏଟିଏଫ୍‌ର ‘ଗ୍ରେ’ ଲିଷ୍ଟ (ଧୂସର ତାଲିକା)ରେ ପାକିସ୍ତାନ ପୂର୍ବରୁ ରହିଥିବାବେଳେ ଏହାକୁ ବଳବତ୍ତର ରଖିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛି।

ଏଫ୍‌ଏଟିଏଫ୍ ଜୈଶ୍‌ର ପୁଲଓ୍ୱାମା ଆକ୍ରମଣକୁ ନିନ୍ଦା କରିଛି। ଏହାସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ବନ୍ଦ କରିବାରେ ପାକିସ୍ତାନ ବିଫଳ ହୋଇଥିବା ଦର୍ଶାଇଛି। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ଥିତ ଏଫ୍‌ଏଟିଏଫ୍ ମୁଖ୍ୟାଳୟରେ ଚାଲିଥିବା ବୈଠକ ପରେ ଏହି ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଟେରର୍ ଫାଇନାନ୍ସିଂର ବିପଜ୍ଜନକ ଦିଗଗୁଡ଼ିକୁ ନେଇ ସମୀକ୍ଷା କରିନାହିଁ। ତେଣୁ ଆସନ୍ତା ମେ ସୁଦ୍ଧା ଇସ୍‌ଲାମାବାଦ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ବିରୋଧରେ ତତ୍ପରତା ଦେଖାଉ। ଏଥିରେ ବିଫଳ ହେଲେ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଯାଇପାରେ। ୨୦୧୮ ଜୁନ୍‌ରୁ ପାକିସ୍ତାନ ଧୂସର ତାଲିକାରେ ରହିଛି। ଏହି ଦେଶକୁ ଏଫ୍‌ଏଟିଏଫ୍ ୨୮ ବିନ୍ଦୁ କାର୍ଯ୍ୟସୂଚୀ ଦିଆଯାଇଛି। ପାକିସ୍ତାନ ଏହି ତାଲିକାରେ ରହିବ କି ନାହିଁ ଆସନ୍ତା ଜୁନ୍‌ରେ ପୁଣି ସମୀକ୍ଷା କରାଯିବ ବୋଲି ଏଫ୍‌ଏଟିଏଫ୍ ବୈଠକରେ ଭାରତ ପକ୍ଷରୁ ଉପସ୍ଥିତ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଜାତିସଂଘ ସୁରକ୍ଷା ପରିଷଦର ଭର୍ତ୍ସନା

ଜାତିସଂଘ,୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲ୍ଲା ଅଓ୍ୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଆକ୍ରମଣ କରି ୪୯ ଯବାନଙ୍କ ଜୀବନ ନେଇଥିବା ଜୈଶ୍‌କୁ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଗୃହୀତ ସଂକଳ୍ପନାମାରେ ମଧ୍ୟ ନିନ୍ଦା କରାଯାଇଛି। ଏହି ବର୍ବର ଓ ଭୀରୁ କାର୍ଯ୍ୟ ପାଇଁ ଆକ୍ରମଣକାରୀମାନଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଯିବା ଆବଶ୍ୟକ ବୋଲି ୟୁଏନ୍‌ଏସ୍‌ସିରେ ମତ ପ୍ରକାଶ ପାଇଛି। ଆତଙ୍କବାଦୀଙ୍କୁ ସମର୍ଥନ, ପ୍ରୋତ୍ସାହନ, ଅର୍ଥଯୋଗାଣ ଓ ସଙ୍ଗଠିତ କରୁଥିବା ଦେଶକୁ ଆତଙ୍କବାଦ ପାଇଁ ଦାୟୀ କରାଯିବା ଲାଗି ଜାତିସଂଘର ଏହି ପ୍ରଭାବଶାଳୀ ଅଙ୍ଗର ସଦସ୍ୟ ରାଷ୍ଟ୍ର ଚାଇନା, ଫ୍ରାନ୍ସ, ରୁଷିଆ, ବ୍ରିଟେନ୍ ଓ ଆମେରିକା ଏକ ବିବୃତିରେ କହିଛନ୍ତି। ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପାଇଁ ଭାରତ ପକ୍ଷରୁ ଚାଲିଥିବା ଉଦ୍ୟମରେ ସବୁବେଳେ କଣ୍ଟା ସାଜୁଥିବା ଚାଇନାର ପ୍ରତିବାଦର ସ୍ୱର ଏଥର ନରମ ପଡ଼ିଯାଇଛି। ଏହାକୁ ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି।



## ୨ ଜୈଶ୍ ଆତଙ୍କବାଦୀ ଗିରଫ



ଶାହନଓ୍ୱାଜ୍ ଅହମଦ ତେଲି | ଆକିବ୍ ଅହମଦ ମଲିକ୍

ଲକ୍ଷ୍ନୌ,୨୨।୨(ପି.ଟି.)

ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ବିରୋଧରେ ଉତ୍ତରପ୍ରଦେଶ (ୟୁପି) ପୋଲିସକୁ ମିଳିଛି ସଫଳତା। ଶାହରନପୁର ଜିଲ୍ଲା ଦେଓବନ୍ଦରୁ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୨ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

ୟୁପି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ.ପି. ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜମ୍ମୁ-କଶ୍ମୀରର କୁଲଗାମ୍ ବାସିନ୍ଦା ଶାହନଓ୍ୱାଜ୍ ଅହମଦ ତେଲି ଓ ପୁଲଓ୍ୱାମା ନିବାସୀ ଆକିବ୍ ଅହମଦ ମଲିକ୍ ଦେଓବନ୍ଦର ଏକ ମଦ୍ରାସାରେ ଛଦ୍ମବେଶରେ ରହି ଆତଙ୍କବାଦୀ ସାଜିବାକୁ ଯୁବକମାନଙ୍କୁ ମତାଉଥିଲେ। ପୁଲଓ୍ୱାମା ଆକ୍ରମଣ ପରେ ଗୋଇନ୍ଦା ସୂଚନା ଆଧାରରେ ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଥିଲା। ଏଟିଏସ୍ ଆଇଜି ଅସୀମ ତରୁଣଙ୍କ ନେତୃତ୍ୱରେ ଗୁରୁବାର ରାତିରେ ପୋଲିସ ଉକ୍ତ ମଦ୍ରାସାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କେତେକ ଜେହାଦୀ ଦସ୍ତାବିଜ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି। ଉଭୟଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଦୁହେଁ ମଦ୍ରାସାରେ ନାମ ନ ଲେଖାଇ ସେଠାରେ ରହୁଥିଲେ। ପୁଲଓ୍ୱାମା ଆକ୍ରମଣରେ ସେମାନଙ୍କ ସମ୍ପର୍କ ନେଇ ଅଧିକ ତଦନ୍ତ ଲାଗି ଦୁଇ ଆତଙ୍କବାଦୀଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଲକ୍ଷ୍ନୌ ନିଆଯିବ ବୋଲି ଓ. ପି. ସିଂ ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ମଦ୍ରାସାରୁ ଓଡ଼ିଶା ଓ କଶ୍ମୀରର ଆଉ କେତେଜଣ ଛାତ୍ରଙ୍କୁ ନେଇ ଅଟକ ରଖିଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।




## ବିଷାକ୍ତ ମଦ ପିଇ ୩୨ ମୃତ

**ଗୁଆହାଟୀ,୨୨।୨:** ଆସାମ ଗୋଲାଘାଟ ଜିଲାରେ ବିଷାକ୍ତ ମଦ ପିଇ ଏକ ଚା ବଗିଚାର ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୦ ଜଣ ଅସୁସ୍ଥ ହୋଇ ଜୋରହାଟ ମେଡିକାଲ କଲେଜ ହସ୍ପିଟାଲ ଓ ଗୋଲାଘାଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେତେକଙ୍କ ଅବସ୍ଥା ଗୁରୁତର ଥିବାର ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗୁରୁବାର ସନ୍ଧ୍ୟାରେ ସାଲମାରା ଚା ବଗିଚାରେ ମୁନ୍‌ସାଇନ୍ ନାମକ ଦେଶୀମଦ ପିଇ ପ୍ରଥମେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମୃତ୍ୟୁସଂଖ୍ୟା ୨୨ରେ ପହଞ୍ଚିଛି। ପୋଲିସ ବୁଗିବାରି ଅଞ୍ଚଳରେ ଥିବା ମଦଭାଟିର ୨ ଜଣ ମାଲିକଙ୍କୁ ଗିରଫ କରିଛି। ବିଷାକ୍ତ ମଦ କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି। ଉକ୍ତ ଅଞ୍ଚଳରେ ଏହି ବେଆଇନ ମଦ ଗ୍ଲାସ୍ ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା। ମଦ ପିଇ ବିକ୍ରେତା ସଞ୍ଜୁ ଓରାଙ୍ଗ ଓ ତାଙ୍କ ମାଆ ମଧ୍ୟ ପ୍ରାଣ ହରାଇଛନ୍ତି। ଅବକାରୀ ମନ୍ତ୍ରୀ ମଦମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ମଦ କାରବାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରି ମଦବିରୋଧୀ ଆନ୍ଦୋଳନର ମୁଖ୍ୟ ଭାଜପା କର୍ମୀଙ୍କ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ମଦ ବ୍ୟବସାୟୀ ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକାରୁ ଏଭଳି ଘଟିଲା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ବିରୋଧୀ ଦଳ ଅସମ୍ ଗଣ ପରିଷଦ (ଏଜିପି) ଅଧ୍ୟକ୍ଷ ଆହ୍ୱାନ ଦେଇଥିବାବେଳେ କଂଗ୍ରେସ ବିଧାୟକ ରୂପଜ୍ୟୋତି କୁର୍ମୀ ଅବକାରୀ ମନ୍ତ୍ରୀ ପରିମଳ ଶୁକ୍ଳା ବୈଦ୍ୟଙ୍କ ଇସ୍ତଫା ଦାବି କରିଛନ୍ତି।

## ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାର

ସିଓଲ,୨୨।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷିଣ କୋରିଆ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଭିତ୍ତିଭୂମି ବିକାଶ, ଷ୍ଟାର୍ଟ-ଅପ୍, ସୀମାପାର ଅପରାଧ ରୋକିବା ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୬ଟି ରାଜିନାମା ସ୍ୱାକ୍ଷର ହୋଇଛି। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ ଓ ମୋଦିଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ପରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିଲା।

ଆତଙ୍କବାଦ ଏବଂ ଉଗ୍ରବାଦ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ପ୍ରତି ବଡ଼ ବିପଦ। ଆତଙ୍କବାଦ ନେଟଓ୍ୱର୍କ ଏବଂ ସେମାନଙ୍କୁ ପାଣ୍ଠି ଯୋଗାଉଥିବା ଚ୍ୟାନେଲଗୁଡ଼ିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଲାଗି ବିଶ୍ୱ ସମୁଦାୟ ଏକାଠି ହୋଇ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ୨୦୧୮ ବର୍ଷ ପାଇଁ ମର୍ଯ୍ୟାଦାଜନକ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ତର୍ଜାତୀୟ ସହଯୋଗ ଏବଂ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏଥିପାଇଁ ମୋଦି କୃତଜ୍ଞତା ଜଣାଇବା ସହ ପୁରସ୍କାର ସମସ୍ତ ଭାରତୀୟଙ୍କର ବୋଲି କହିଛନ୍ତି। ୨ ଲକ୍ଷ ଡଲାର ମୂଲ୍ୟର ଏହି ପୁରସ୍କାରକୁ ସେ ନମାମି ଗଙ୍ଗେ କାର୍ଯ୍ୟକ୍ରମ ପାଇଁ ଉତ୍ସର୍ଗ କରିଛନ୍ତି।

### ଭାରତ-ଦକ୍ଷିଣ କୋରିଆ ୬ ଚୁକ୍ତି



### [ଇତିହାସର ଆଇନାରେ]
**ଫେବୃୟାରୀ ୨୩ର ପ୍ରମୁଖ ଘଟଣା**

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ର ବିଭିନ୍ନ ସହରରେ ଆକ୍ରମଣ ଯୋଗୁ ୮୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫୦ ଆହତ ହୋଇଥିଲେ।

୧୯୪୭ ଫେବୃୟାରୀ ୨୩ରେ ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର ଷ୍ଟାଣ୍ଡାର୍ଡାଇଜେଶନ୍ (ଆଇଏସ୍‌ଓ) ପ୍ରତିଷ୍ଠା କରାଯାଇଥିଲା।

### ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟି ମନା

ମୁମ୍ବାଇ: ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଦେଶବିରୋଧୀ ମନ୍ତବ୍ୟ ପାଇଁ ପୂର୍ବତନ କ୍ରିକେଟର ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟିରେ ପ୍ରବେଶ କରିବାକୁ ବାରଣ କରାଯାଇଛି। କିଛିଦିନ ତଳେ ଏହି କାରଣ ପାଇଁ ତାଙ୍କୁ କପିଲ ଶର୍ମାଙ୍କ କମେଡି ଶୋ’ରୁ ବାଦ୍ ଦିଆଯାଇଥିଲା। ସେଥିରେ ସେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଉଥିଲେ। କଂଗ୍ରେସ ନେତା ସିଦ୍ଧୁଙ୍କୁ ଫେଡେରେଶନ୍ ଅଫ୍ ଓ୍ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ ପକ୍ଷରୁ ନିଷେଧ କରାଯାଇଥିବା ନେଇ ଏକ ପତ୍ର ଫିଲ୍ମ ସିଟିର ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି। ଭାରତରେ ପାକିସ୍ତାନୀ କଳାକାରଙ୍କୁ କାମ କରିବାର ସୁଯୋଗ ନ ଦେବା ଏବଂ ପାକିସ୍ତାନରେ ଭାରତୀୟ ଫିଲ୍ମ ରିଲିଜ୍ ନ କରିବାକୁ ଫେଡେରେଶନ୍ ପୂର୍ବରୁ ନିଷେଧାଜ୍ଞା ଜାରି କରିଥିଲା। କପିଲ ଶର୍ମା ଶୋ’ରେ ସିଦ୍ଧୁ କହିଥିଲେ କେତେଜଣ ଲୋକଙ୍କ ଖରାପ କାମ ପାଇଁ ସାରା ପାକିସ୍ତାନକୁ ନିନ୍ଦିତ କରାଯିବା ଉଚିତ ନୁହେଁ।



## ସଂକ୍ଷେପରେ

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦୋନ୍ନତି ମାମଲା

# ହାଇକୋର୍ଟଙ୍କ ନିର୍ଦ୍ଦେଶ: କୁଳାଧିପତି ନେବେ ନିଷ୍ପତ୍ତି

**କଟକ ଅଫିସ,୨୨।୨:** ୟୁଜିସିର ୨୦୧୦ ମସିହା ରେଗୁଲେଶନର ଧାରା ୬, ୪, ୮କୁ ଉଲ୍ଲଂଘନ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୬ ଜଣ ଆସୋସିଏଟ ପ୍ରଫେସରଙ୍କ ମଧ୍ୟରୁ ୧୧ ଜଣଙ୍କୁ ବେଆଇନ ଭାବେ ପ୍ରଫେସର ପଦକୁ ପଦୋନ୍ନତି ଦିଆଯାଇଛି। ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ୟୁଜିସି ନିୟମ ଆଧାରରେ ମାମଲାର ବିଚାର କରି କୁଳାଧିପତି ଦେଢ଼ ମାସ ମଧ୍ୟରେ ନିଷ୍ପତ୍ତି ନେଇ ତାହା ଆବେଦନକାରୀଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ୟୁଜିସିର ଉପରୋକ୍ତ ନିୟମ ଅନୁସାରେ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ହେଲେ ସମ୍ପୃକ୍ତ ବ୍ୟକ୍ତି ଆସୋସିଏଟ ପ୍ରଫେସର ପଦରେ ଅନ୍ୟୁନ ୩ ବର୍ଷ କାର୍ଯ୍ୟ କରିଥିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ବିଜ୍ଞପ୍ତି ସଂଖ୍ୟା ୪୮୩୧ ଅନୁସାରେ ୨୦୧୬ ନଭେମ୍ବର ୮ ତାରିଖରେ ୧୬ ଜଣଙ୍କୁ ଆସୋସିଏଟ ପ୍ରଫେସର ପଦକୁ ଉନ୍ନୀତ କରାଇଥିଲେ। ତେଣୁ ୟୁଜିସିର ରେଗୁଲେଶନ ଧାରା ୬, ୪, ୮ ଅନୁସାରେ ଏମାନେ ଆସୋସିଏଟ ପ୍ରଫେସର ପଦରେ ୩ ବର୍ଷ ରହିବା ପରେ ୨୦୧୯ ନଭେମ୍ବର ୭ ତାରିଖ ପରେ ହିଁ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ଯୋଗ୍ୟ ବିବେଚିତ ହେବା କଥା। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପରୋକ୍ତ ୟୁଜିସି ନିୟମକୁ ଅଣଦେଖାକରି ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ଆସୋସିଏଟ୍ ପ୍ରଫେସରଙ୍କୁ ପ୍ରଫେସର ପଦବୀକୁ ଉନ୍ନୀତ କରିବା ପାଇଁ କୁଳାଧିପତିଙ୍କୁ ଏମାନଙ୍କ ନାମ ସୁପାରିସ କରିଥିଲେ। ପରେ ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା। ମାତ୍ର ଏ କ୍ଷେତ୍ରରେ ୟୁଜିସି ନିୟମର ଉଲ୍ଲଂଘନ କରାଯାଇଥିଲା। ଉପରୋକ୍ତ ଅଭିଯୋଗ ଆଧାରରେ ପ୍ରଫେସର ପଦୋନ୍ନତିକୁ ବାତିଲ କରିବା ପାଇଁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଆଗତ କରାଯାଇଥିଲା।

## ଆଶିଷ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ

ଭୁବନେଶ୍ୱର,୨୨।୨ (ବ୍ୟୁରୋ): ଦକ୍ଷିଣାଞ୍ଚଳ ରେଞ୍ଜର ପୂର୍ବତନ ଡିଆଇଜି ଆଶିଷ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଗସ୍ତର ସୁରକ୍ଷା ବ୍ୟବସ୍ଥାର ସେ ତଦାରଖ କରିବେ। ଶୁକ୍ରବାର ସେ ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଗୋଇନ୍ଦା ବିଭାଗର ଡିଆଇଜି ଓ କ୍ରାଇମବ୍ରାଞ୍ଚ ଏସଟିଏଫ(ସ୍ପେଶାଲ ଟାସ୍କ ଫୋର୍ସ)ର ଅତିରିକ୍ତ କାର୍ଯ୍ୟଭାର ତାଙ୍କୁ ଦିଆଯାଇଛି। ରାଜ୍ୟରେ ଗୋଇନ୍ଦା ବିଭାଗ ଅନେକ ସମୟରେ ଫେଲ ମାରୁଥିବା ବେଳେ ଆଶିଷ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକଟି ଗସ୍ତ ଯୋଜନା ମୁତାବକ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ସମ୍ପାଦନ କରାଯିବ। ଏଥିରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେବ ନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ।




### ସିପିସିବି କର୍ତ୍ତୃପକ୍ଷଙ୍କ ଅଜବ ନୀତି

# ତଦନ୍ତର ୨ ମାସ ପରେ ବନ୍ଦ ନିର୍ଦ୍ଦେଶ

ଯାଜପୁର ଅଫିସ,୨୨।୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ ଉପରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କର୍ତ୍ତୃପକ୍ଷଙ୍କ ଆଶୀର୍ବାଦ ରହିଛି। ଗତ ଡିସେମ୍ବର ୧୩ ଓ ୧୪ର ଅନୁଧ୍ୟାନ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଅନୁଧ୍ୟାନ ତାରିଖର ୨ମାସ ଅତିକ୍ରାନ୍ତ ପରେ ମେସ୍କୋ ଷ୍ଟିଲ କମ୍ପାନୀର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ପରିଚାଳନା ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି। ଆଶ୍ଚର୍ଯ୍ୟର କଥା ଯେ, ସିପିସିବି କର୍ତ୍ତୃପକ୍ଷଙ୍କ ତଦନ୍ତ ପରେ ଇତିମଧ୍ୟରେ ମେସ୍କୋ କର୍ତ୍ତୃପକ୍ଷ ସୁଯୋଗ ପାଇ ବାୟୁ ପ୍ରଦୂଷଣର ଗୁରୁତ୍ୱପୂର୍ଣ୍ଣ ମେଶିନ କଣ୍ଟିନ୍ୟୁଇଂ ଏମିସନ ମନିଟରିଂ ସିଷ୍ଟମ (ସିଏମଏସ) କାର୍ଯ୍ୟକାରୀ ହୋଇସାରିଛି। ଏଥିରେ ମେସ୍କୋ ଓ ସିପିସିବି ମଧ୍ୟରେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ଅନୁମାନ କରାଯାଉଛି।

ବ୍ୟାପକ ପ୍ରଦୂଷଣରୁ ମୁକ୍ତ ରଖିବାକୁ କେନ୍ଦ୍ରସ୍ତରରେ ସିପିସିବି ଓ ରାଜ୍ୟସ୍ତରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) କାର୍ଯ୍ୟ କରୁଛି। ମାତ୍ର ସିପିସିବି ସମେତ ଏସ୍‌ପିସିବି ନିଜ ଦାୟିତ୍ୱକୁ ଭୁଲି ଯାଇଛି। ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରୁଥିବା ବିଭିନ୍ନ କାରଖାନା ମାଲିକଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ପ୍ରଭାବିତ ଲୋକଙ୍କ ଜୀବନକୁ ବିପଦରେ ପକାଉଥିବା ସିପିସିବିର ଏକ ନିର୍ଦ୍ଦେଶକୁ ଅବଲୋକନ କଲେ ସ୍ପଷ୍ଟ ବାରି ହୋଇ ପଡୁଛି। ସୂଚନା ଯେ, ଡିସେମ୍ବର ୧୩ ଓ ୧୪ରେ ସିପିସିବିର କୋଲକାତା ଆଞ୍ଚଳିକ ନିର୍ଦ୍ଦେଶାଳୟର ଅଧିକାରୀମାନେ ମେସ୍କୋ ଷ୍ଟିଲ ପରିଦର୍ଶନରେ ଆସିଥିଲେ। ସିପିସିବିର ଇ(ପି) ଆକ୍ଟ-୧୯୮୬ର ଧାରା-୫କୁ ମେସ୍କୋ କର୍ତ୍ତୃପକ୍ଷ ପାଳନ କରି ନ ଥିବା ଅଧିକାରୀମାନେ ତଦନ୍ତରୁ ଜାଣି ପାରିଥିଲେ। ସିଏମ୍‌ଏସ୍ ପ୍ରତିଷ୍ଠା ହୋଇ ନ ଥିବାରୁ ମେସ୍କୋ କାରଖାନାର ଚିମିନିରୁ ନିର୍ଗତ ଧୂଆଁରେ କେତେ ପରିମାଣରେ ପ୍ରଦୂଷଣ ରହିଛି ତାହା ଅନଲାଇନ ଡାଟାରେ ଜଣାପଡୁ ନ ଥିଲା। ଏହି ମେଶିନ ସହଯୋଗରେ ଦିଲ୍ଲୀରେ ରହି ଅନଲାଇନରେ ବାୟୁ ପ୍ରଦୂଷଣର ମାତ୍ରା ଆକଳନ କରାଯାଇଥାଏ, ଯାହାକି ମେସ୍କୋ କର୍ତ୍ତୃପକ୍ଷ ନ ମାନି ଦୀର୍ଘସମୟ ଧରି କାରଖାନା ଚଳାଇ ଆସୁଥିଲେ। ତଦନ୍ତ ପରେ ସିପିସିବି ପକ୍ଷରୁ ପତ୍ରସଂଖ୍ୟା ୧୫୩୩୬/୧୪।୨।୨୦୧୯ରେ ମେସ୍କୋ କାରଖାନାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଭିତ୍ତିକରି ଏସପିସିବିର ମୁଖ୍ୟ ପରିବେଶ ଯନ୍ତ୍ରୀ ଏ.କେ. ସୁଆର ତାଙ୍କ ପତ୍ରସଂଖ୍ୟା ୧୯୫୮/୨୨।୨।୨୦୧୯ରେ ମେସ୍କୋର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପ୍ରଦୂଷଣଜନିତ


EPBX : 2561909/2562847
Email : paribesh1@ospcboard.org
Website : www.ospcboard.org
STATE POLLUTION CONTROL BOARD, ODISHA
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakanthanagar, Unit-VIII,
Bhubaneswar 751012
No. 1958 / IND-I-CON-4989 Dt. 22.02.2019 /
By Speed Post / By Email-info@mescosteel.com
From
Dr. A.K. Swar,
Chief Env. Engineer
To
The Vice President (Works),
M/s. Mideast Integrated Steels Ltd.,
(Works at Kalingangar Industrial Complex)

In view of above, you are directed to furnish compliance to direction of CPCB to this office within 7 days for onward action at this end.
Yours faithfully,
Chief Env. Engineer
Memo No. 1959 /dtd. 22.02.2019 by E-mail
Copy forwarded to the Regional Officer, SPC Board, Kalingangar for information. He is requested to inspect the unit and verify physical compliance made by the unit and submit report to this office at the earliest.
Chief Env. Engineer

ଏସପିସିବିର ନୋଟିସ

ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଞ୍ଚାୟତ ମାନପୁର ଗ୍ରାମରେ ୮୭ ଜଣଙ୍କ ମୃତ୍ୟୁ ହୋଇସାରିଛି। ସେହିପରି ରାବଣା ଓ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାୟୁ, ଧୂଳିଧୂଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କିଡନୀ ରୋଗର ଭୟାବହତା ସାରା କଳିଙ୍ଗନଗର ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ସିପିସିବି ଓ ଏସପିସିବି ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ଲୋକଙ୍କ ଜୀବନ ବିପଦରେ ପଡିଥିବା କୁହାଯାଉଛି । ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ସିପିସିବିର ତଦନ୍ତ ପରେ ମେସ୍କୋ କାରଖାନାରେ ଇତିମଧ୍ୟରେ ସିଏମଏସ କାର୍ଯ୍ୟକାରୀ ହୋଇସାରିଛି। ଏନେଇ ରିପୋର୍ଟ ମଧ୍ୟ ଦାଖଲ ହୋଇସାରିଛି। ତଦନୁସାରେ ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବଳାତ୍କାର, ଭ୍ରଷ୍ଟାଚାର ମାମଲାରେ ଦୋଷୀ: ସାଲୱିନ୍ଦର ସିଂଙ୍କୁ ୧୫ ବର୍ଷ ଜେଲ୍

ଗୁରଦାସପୁର,୨୨।୨(ପି.ଟି.)

ପଞ୍ଜାବସ୍ଥିତ ଗୁର୍‌ଦାସପୁରର ପୂର୍ବତନ ଏସ୍‌ପି ସାଲୱିନ୍ଦର ସିଂଙ୍କୁ ଏକ ବଳାତ୍କାର ମାମଲାରେ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏହାସହ ଗୁର୍‌ଦାସପୁରସ୍ଥିତ ଅତିରିକ୍ତ ଜିଲା ସେସନ୍ସ କୋର୍ଟ ବିଚାରପତି ପ୍ରେମକୁମାର ସାଲୱିନ୍ଦରଙ୍କୁ ଏକ ଦୁର୍ନୀତି ମାମଲାରେ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୬ ଜାନୁୟାରୀରେ ପଠାନ୍‌କୋଟ ବାୟୁସେନା ଘାଟିରେ ଜୈଶ୍ ଆକ୍ରମଣର ଅବ୍ୟବହିତ ପୂର୍ବରୁ ଆତଙ୍କବାଦୀମାନେ ସାଲୱିନ୍ଦରଙ୍କୁ


ସାଲୱିନ୍ଦର ସିଂ

ଅପହରଣ କରିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ।

ବରିଷ୍ଠ ପୋଲିସ ଅଧିକାରୀ ସାଲୱିନ୍ଦର ଜଣେ ବଳାତ୍କାର ପୀଡ଼ିତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ବଳାତ୍କାର ମାମଲାର ତଦନ୍ତ କରୁଥିଲେ। ସେତେବେଳେ ସେ ଅଭିଯୁକ୍ତଙ୍କୁ ଜେରା କରିବା ବାହାନାର ପୀଡ଼ିତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ସାଲୱିନ୍ଦର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହାସହ ସେ ଅଭିଯୁକ୍ତଙ୍କ ମାମଲା ଦୁର୍ବଳ କରିବା ପାଇଁ ଉକ୍ତ ମହିଳାଙ୍କୁ ୫୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। କାର୍ଯ୍ୟରୁ ନିଲମ୍ବିତ ହେବା ପରେ ସେ ଫେରାର ହୋଇଯାଇଥିଲେ। ୨୦୧୭ ଏପ୍ରିଲ ୨୦ରେ ସାଲୱିନ୍ଦର ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିଥିଲେ। କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଅମୃତସର ସେଣ୍ଟ୍ରାଲ ଜେଲ୍‌କୁ ପଠାଇଦିଆଯାଇଛି।

NECC NATIONAL EGG CO-ORDINATION COMMITTEE 22.02.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 80 | 132 | 142 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers




### ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ନେଇ ବିବାଦ ଥମୁନି

# ଗିରଫ ଦାବିରେ ଭାଜପା, କଂଗ୍ରେସର ଏତଲା

କଟକ ଅଫିସ, ୨୨।୨

ଶହୀଦ ଯବାନଙ୍କ ସମ୍ପର୍କୀୟ ଦାଦାଙ୍କୁ ଠେଲାପେଲା କରି ବିବାଦକୁ ଆସିଥିବା କଟକ-ବାରବାଟୀ ବିଧାୟକ ତଥା ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେ ଘଟଣା ପାଇଁ କ୍ଷମାପ୍ରାର୍ଥନା କରିସାରିଥିବାବେଳେ ଏହି ପ୍ରସଙ୍ଗକୁ ବିରୋଧୀ ଦଳଗୁଡ଼ିକ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଭାଜପା ପକ୍ଷରୁ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ବିଧାୟକଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ବିଧାୟକଙ୍କ ଆଚରଣ କେବଳ ରାଜ୍ୟ ନୁହେଁ ସମଗ୍ର ଦେଶକୁ ଲଜ୍ଜିତ କରିଛି। ତେଣୁ ତାଙ୍କୁ ଗିରଫ କରାଯାଉ ବୋଲି ଭାଜପା ଦାବି କରିଛି। ସେହିପରି ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ନେତୃତ୍ୱରେ ବିଧାୟକଙ୍କ ବିରୋଧରେ ବାଦାମବାଡ଼ି ଥାନାରେ ଏତଲା ଦିଆଯାଇଛି। ହେଲେ ବିଧାୟକଙ୍କ ସପକ୍ଷରେ ବାହାରିଛନ୍ତି ଶହୀଦଙ୍କ ଦାଦା, ଯାହା ଘଟଣାକୁ ଭିନ୍ନମୋଡ଼ ଦେଇଛି।

ସୂଚନାଥାଉକି, ଗତ ୧୬ ତାରିଖରେ ନିଆଳି ବ୍ଲକ ଗଜାବର ଗ୍ରାମରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନ ମନୋଜ ବେହେରାଙ୍କ ଶବ ସତ୍କାର ହୋଇଥିଲା। ଶବସତ୍କାର ସ୍ଥଳକୁ ବିଧାୟକ ସାମନ୍ତରାୟ ଯାଇଥିଲେ। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ଠେଲାପେଲା କରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ପରେ ଜଣାପଡ଼ିଥିଲା ଯେ, ବିଧାୟକ ଯାହାଙ୍କୁ ଠେଲାପେଲା କରିଥିଲେ ସେ ହେଉଛନ୍ତି ଶହୀଦ ମନୋଜ ବେହେରାଙ୍କ ଜଣେ ସମ୍ପର୍କୀୟ ଦାଦା। ଏନେଇ ବିଧାୟକ କ୍ଷମାପ୍ରାର୍ଥନା କରିବା ସହ ଶହୀଦଙ୍କୁ ତୋପ ସଲାମି ସମୟରେ ବିଶୃଙ୍ଖଳାକୁ ଏଡ଼ାଇବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ବସାଇ ଦେଇଥିଲେ ବୋଲି କହିଥିଲେ। କିନ୍ତୁ ଘଟଣାର ଭିଡିଓ ପାକିସ୍ତାନର ଟିଭି ଚ୍ୟାନେଲ ଆଜାଦ ଟିଭି ପକ୍ଷରୁ ପ୍ରସାରିତ କରାଯାଇଥିଲା। ଫଳରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

### ବିଧାୟକଙ୍କ ସପକ୍ଷରେ ଶହୀଦଙ୍କ ଦାଦା

ଅନ୍ୟପକ୍ଷରେ ବିଧାୟକ ଠେଲାପେଲା କରିଥିବା ଶହୀଦଙ୍କ ଦାଦା ଚୈତନ୍ୟ ବେହେରାଙ୍କ ଏକ ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଚୈତନ୍ୟ ବିଧାୟକଙ୍କ ସପକ୍ଷରେ ମତ ଦେଇଛନ୍ତି। ବିଧାୟକ ମୋତେ ଠେଲାପେଲା କରି ନ ଥିଲେ ବରଂ ବସିଯିବାକୁ କହିଥିଲେ। କାରଣ ତୋପ ସଲାମି ସମୟରେ ଲୋକେ ଠେଲାପେଲା ହେଉଥିବାରୁ ତା' ଭିତରକୁ ନ ପଶିବାକୁ ସେ ମୋତେ କହିଥିଲେ। ଦେବାଶିଷ ବାବୁ ଜଣେ ବହୁତ ଭଲ ଲୋକ। ସେଦିନ ଶବ ପହଞ୍ଚିବା ପୂର୍ବରୁ ସେ ଆମ ଘରକୁ ଆସି ଆମକୁ ବୁଝାଶୁଝା କରିଥିଲେ। ଶବକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ। ବିଧାୟକ ମୋତେ କୌଣସି ପ୍ରକାର ଅସମ୍ମାନ କରିନାହାନ୍ତି। ଟିଭିରେ ଏହାକୁ ଦେଖି ମୋତେ ବହୁତ ଖରାପ ଲାଗୁଛି। ଏହାକୁ ନେଇ ରାଜନୀତି ନ କରିବାକୁ ଚୈତନ୍ୟ ଉକ୍ତ ଭିଡିଓ ମାଧ୍ୟମରେ କହିଛନ୍ତି।

ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଭିଡିଓ ପାକିସ୍ତାନକୁ ଲିକ୍ କରିବାରେ କେଉଁମାନଙ୍କ ହାତ ଅଛି ତାହାର ତଦନ୍ତ କରାଯାଉ। ବିଧାୟକ ସିଧା ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ଏହି ପ୍ରସଙ୍ଗକୁ ନେଇ ଭାଜପା ନିଜର ରାଜନୈତିକ ଅଭିସନ୍ଧି ହାସଲ କରିବା ଲକ୍ଷ୍ୟରେ ଅଛି। ପାକିସ୍ତାନ ଟିଭିରେ କ'ଣ ଚାଲିଲା ତାକୁ ନେଇ ଏଠାରେ ଚର୍ଚ୍ଚା କରିବା କିଭଳି ଦେଶପ୍ରେମ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଶହୀଦଙ୍କ ଦାଦା ଯେତେବେଳେ ନିଜ ତରଫରୁ ଏହା ଉପରେ ସ୍ପଷ୍ଟୀକରଣ ଦେଇସାରିଲେଣି ପୁନର୍ବାର ତାକୁ ନେଇ ରାଜନୀତି କରିବା ଭାଜପାର ମନ୍ଦ ଉଦ୍ଦେଶ୍ୟ ବୋଲି ସାମନ୍ତରାୟ ପ୍ରତିକ୍ରିୟାରେ କହିଛନ୍ତି।




୨୦୧୪ରୁ ଓଡ଼ିଶାରେ ଏଲ୍‌ପିଜି ଅଭିବୃଦ୍ଧି

| | ୨୦୧୪ | ୨୦୧୯ | ଅଭିବୃଦ୍ଧି |
|---|---|---|---|
| ଉପଭୋକ୍ତା | ୨୦.୨୨ ଲକ୍ଷ | ୭୬.୬୫ ଲକ୍ଷ | ୨୭୯% |
| ବଟଲିଂ | ୧.୨୭ କୋଟି | ୨.୫୪ କୋଟି | ୧୦୦% |
| ବିତରକ | ୩୬୭ | ୮୮୫ | ୧୪୧% |
| ଭୌଗୋଳିକ ପହଞ୍ଚ | ୨୦% | ୭୧.୫୦% | ୨୫୭% |

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ବିଭାନ୍
ପରିବାରବର୍ଗ



ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

automobile

### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293

ERTIGA diesel 2016 Pvt. used for sale. 7008028353. D-64798

real estate

### SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Book 4BHK flat with 3 toilet, near AIIMS Square 150 meter Aiginia over bridge, NH-5, 1622 sqft. @ 65 lac. including parking. 7978584549. D-65592

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11154

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65833

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65834

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65574

Now Matrimonial ads. only on Wednesday & Sunday
Book 1 Get 1 FREE

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11299

Yellowzone gharabari plots 30ft. road Jharapada Tankapani Road, Sai Temple 2BHK simplex 20,50,000/-. 7735738102. D-11286

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11298

୨୪୦୦ ବର୍ଗଫୁଟ ଘରବାଡି ଜାଗା ଗଙ୍ଗପାଟଣା ସମ୍ ହସ୍‌ପିଟାଲ୍ ପାଖରେ ବିକ୍ରିହେବ: 8984466226. D-64799

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65594

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

2BHK, 3BHK Duplex at Bharatpur near Kalinga Studio Chhak. Cost 60 to 85 Lakh: 7978214375. D-64590

construction

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11297

### GENERAL

### SALE

Running Bakery Unit for sale Rotary Ovan, Planetary Mixture and other equipments for sale at Bhubaneswar. Contact: 9438153250. D-64800

**Genuine labrador puppy sale Bhubaneswar. Contact: 7978380283.** D-61044

to-let

1BHK AC house near Lingaraj Temple, rent= 7000/- Bhubaneswar. 9437388990. D-58048

2000 sqft. ground floor commercial space only for Diagnostic/ medical purposes. Capital Hospital, Main Road, Bhubaneswar. Contact: 9556665152. D-65591

2BHK flat near Gudiapokhari Chhak, 7kms from Ravi Talkies Square. 9437562371. D-58052

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Roshin ayurvedic massage club fully relaxed by smart lady home service facility available. 9937637219. D-65824

Ayurvedic full body massage ladies/ gents experts therapist. 8338097451. D-65835

Experience full body massage with us by experts. Enquiry. 06742597822, 7377048581. D-65586

Herbal full body massage with refreshment by well trained therapist. 7381239385, 06742540855. D-65587

Improving your health, skin care through expert therapist, excellent offer. 9668374480. D-65588

Newly opening ayurvedic body massage smart therapist, Shree herbal. 7750020754. D-65589

Herbal full body massage by smart/ expert therapist. Contact: 8338067247. D-65590

Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

New new full body massage with home service available. 8117833107. D-38548

Physiotherapy, full body massage by trained ladies/ gents therapist: 7008773793. D-65485

Ayurvedic full body massage ladies/ gents smart experts therapist. 9114697517. D-65836

### AFFIDAVIT

Affidavit before Notary, Dhenkanal on 22.01.2019, I have changed my name from Mamina Hota to Pusparani Hota. Henceforth I shall be known as Pusparani Hota for all purpose. D-62078

### ପ୍ରଥମ ଜନ୍ମବାର୍ଷିକ ଉତ୍ସବ



(ବିଭାନ)

**ଶ୍ରେୟାଂଶ ରଞ୍ଜନ ଦାସ**

ସିଳନ୍ଦୀ, ତିର୍ତ୍ତୋଲ

ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ କୃପାରୁ ତୋର ସାରାଜୀବନ ସୁଖରେ ଭରିଯାଉ, **ଶୁଭେଚ୍ଛା ସହ:** ବାବା, ମାମା, ବଡ଼ବାବା, ବଡ଼ମାମା, ଓମ୍ ଭାଇ, ସାଇଭାଇ, ଜଗାଦାଦା, ଅଜା, ଆଈ, ଗୁଡ୍ଡୁ, ମାମୁ, ପୂଜା, ମଉସା, ମାଉସୀ, ପିଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୨୯୬

### Birthday Wish



Sending you smiles for every moment of your special day... Have a wonderful time and a very

***Happy Birthday***

**"Anubha"**

D-11295


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧.୭ ଟନ୍ ଗଞ୍ଜେଇ ଜବତ

**କୋରାପୁଟ,୨୨।୨(ସ୍ୱ.ପ୍ର.):** ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାରୁ ଗତ ଗୋଟିଏ ଦିନରେ ୧୭୦୯ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ବ୍ୟବହାର ହୋଇଥିବା ୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି ପୋଲିସ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୯୫ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
### ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଅର୍ଜୁନ ଛୁଆଲସିଂହ**

ବଡପୋଖରିଆ, ଖୋର୍ଦ୍ଧା
ଆବିର୍ଭାବ: ୩୦।୧୦।୧୯୩୦
ତିରୋଧାନ: ୦୮।୦୨।୨୦୧୫

ଆଜି ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ: ଛୁଆଳସିଂହ, ସାମନ୍ତରାୟ ଓ ହରିଚନ୍ଦନ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୧୨୯୨

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଦିଗମ୍ବର ମିଶ୍ର**

୧୯୨୯-୨୦୧୯
ଖଇରାପଡ଼ା, ଗଣ୍ଡରପୁର, ଭୁବନେଶ୍ୱର, ଖୋର୍ଦ୍ଧା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ମହର୍ଷି ବାଲ୍ମୀକିଙ୍କ ମୂଳ ରଚନାରୁ ଆପଣଙ୍କ ଦ୍ୱାରା ଅନୂଦିତ ଓଡ଼ିଆ ରାମାୟଣ ପ୍ରକାଶ ଅପେକ୍ଷାରେ। ଶୋକସନ୍ତପ୍ତ: ପ୍ରସନ୍ନ, ବାବୁ, ମାମି, ଛବି, ଲକ୍ଷ୍ମୀଧର, ରାମାୟଣ କମିଟି ସଦସ୍ୟବୃନ୍ଦ ଏବଂ ବନ୍ଧୁ ପରିଜନ। ଧ-୧୧୨୯୪


## ପ୍ରଥମ ପୃଷ୍ଠାରୁ...

# ସ୍ଥାୟୀ ହେବେ ଅସ୍ଥାୟୀ...

ଅମଲାସେବା(ଜିଲା କାର୍ଯ୍ୟାଳୟ ପ୍ରତିଷ୍ଠାନ ଅଧିକାରୀ ଓ ବରିଷ୍ଠ ପ୍ରତିଷ୍ଠାନ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ସାଧାରଣ କ୍ୟାଡର ନିୟମାବଳୀ ୨୦୧୯ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ୪ଟି କ୍ୟାଡର ରୁଲ୍ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପୂର୍ବରୁ ଓଡ଼ିଶା ମୁଖ୍ୟ ଦପ୍ତର କାର୍ଯ୍ୟାଳୟର କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଓ ଉପ ବିଭାଗ ଅଧିକାରୀଙ୍କ ସେବା ସର୍ତ୍ତ, ଓଡ଼ିଶା ଅମଲା ସଂଘ ନିୟମାବଳୀ ୧୯୯୪ କାର୍ଯ୍ୟକାରୀ ହେଉଥିଲା। ଏଥିଯୋଗୁ କର୍ମଚାରୀମାନେ ଅବସର ଗ୍ରହଣ କରୁଥିଲେ ମଧ୍ୟ ଗୋଟିଏରୁ ଅଧିକ ପଦୋନ୍ନତି ପାଇବା ସମ୍ଭବ ହେଉ ନ ଥିଲା । କ୍ୟାଡର ରୁଲ୍ ସଂଶୋଧନ ଓ ନୂତନ କମନ କ୍ୟାଡର ଗଠନ ପରେ ବିଭାଗୀୟ ମୁଖ୍ୟ ଦପ୍ତରରେ କନିଷ୍ଠସ୍ତରରେ ୩ଟି ପଦବୀ ଯଥା ଜୁନିୟର ଆସିଷ୍ଟାଣ୍ଟ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ଏବଂ ସେକ୍ସନ ଅଫିସର(ଏସଓ) ପାହ୍ୟା ସୃଷ୍ଟି କରାଯାଇଥିବା ବେଳେ ବରିଷ୍ଠସ୍ତରରେ ମଧ୍ୟ ୩ଟି ପାହ୍ୟା ସୃଷ୍ଟି କରାଯାଇଛି। ସେହି ପାହ୍ୟାଗୁଡ଼ିକ ହେଲା ଏଷ୍ଟାବ୍ଲିସମେଣ୍ଟ ଅଫିସର, ଆଡମିନିଷ୍ଟ୍ରେଟିଭ ଅଫିସର ଏବଂ ସିନିୟର ଆଡମିନିଷ୍ଟ୍ରେଟିଭ ଅଫିସର। ଏଥିପାଇଁ ବରିଷ୍ଠ ସ୍ତରରେ ୭୮ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟ ଦପ୍ତର କର୍ମଚାରୀଙ୍କ ଭଳି ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଏବଂ ତହସିଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ନୂତନ କ୍ୟାଡର ରୁଲ କାର୍ଯ୍ୟକାରୀ ହେବ। କ୍ୟାଡର ରୁଲ ସଂଶୋଧନ ପରେ ଜିଲାସ୍ତରରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଡ ଓ ସେକ୍ସନ ଅଫିସର ପାହ୍ୟାକୁ ପଦୋନ୍ନତି ମିଳି ପାରିବ। ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଏଷ୍ଟାବ୍ଲିସମେଣ୍ଟ ଅଫିସର ଓ ଏହାର ଉପର ପାହ୍ୟା ଅଧିକାରୀଙ୍କୁ ପଦୋନ୍ନତି ଏବଂ ଚାକିରି ସମ୍ବନ୍ଧୀୟ ସମାନ ସୁଯୋଗ ପ୍ରଦାନ କରିବା ନିମନ୍ତେ କମନ କ୍ୟାଡର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅବସର ନେବା ପର୍ଯ୍ୟନ୍ତ ମାତ୍ର ଗୋଟିଏ ପଦୋନ୍ନତି ପାଉଥିଲେ। କମନ କ୍ୟାଡର ଗଠନ ହେବା ପରେ କର୍ମଚାରୀମାନେ ଚାକିରି କାଳରେ ଅନେକ ପଦୋନ୍ନତି ପାଇପାରିବେ ବୋଲି କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। କେବଳ ମୁଖ୍ୟ ଦପ୍ତର ନୁହେଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସ୍ଥାୟୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ସ୍ଥାୟୀ ହେବେ। ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ) ସେବା(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫, ଓଡିଶା ଷ୍ଟାଫ ନର୍ସ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ ) ଆଇନ ୨୦୧୫, ଓଡିଶା ଲାବୋରେଟୋରି ଟେକ୍ନିସିଆନ, ଓଡିଶା ଫାର୍ମାସିଷ୍ଟ ସେବା ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫ ଆଦି ୬ଟି ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ଷ୍ଟାଫନର୍ସ, ଏଏନଏମ, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଲାବୋରେଟୋରି ଟେକ୍ନିସିଆନମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ଏଥିଯୋଗୁ ୮ ହଜାର ୧୦୦ କର୍ମଚାରୀ ଉପକୃତ ହେବେ। ସେଥିମଧ୍ୟରୁ ୫୮୮ ଜଣ ସ୍ୱାସ୍ଥ୍ୟକର୍ମୀ, ୩୯୯୮ ଷ୍ଟାଫ ନର୍ସ, ୨୭୩୦ ଏଏନଏମ, ୭୯୯ ଲାବୋରେଟୋରି ଟେକ୍ନିସିଆନ, ୬୮ ଜଣ ଫାର୍ମାସିଷ୍ଟ ରହିଛନ୍ତି। ଏଥିପାଇଁ ବାର୍ଷିକ ୧୭୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ସରକାରଙ୍କ ଉପରେ ପଡ଼ିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟ ଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୨୮ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି।

# ଭାଇରାଲ ହେଲା...

ବ୍ୟବହାର ଉପରେ କଟକଣା ଲାଗୁ ହୋଇଥିଲା। ନିୟମ ଭାଙ୍ଗିଥିବା ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସଭାପତି ବେଗମ୍ କହିଛନ୍ତି।ପ୍ରଶ୍ନପତ୍ରକୁ ତିନିସ୍ତରୀୟ ସିଲ୍ ଭିତରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥିଲା। ମାତ୍ର ଦିନ ପ୍ରାୟ ୧୧.୩୦ ପରେ ମାଟ୍ରିକ୍ ପରୀକ୍ଷାର ଓଡ଼ିଆ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ଗୁଡ଼ିକରେ ଦେଖିବାକୁ ମିଳିଥିଲା। ପରୀକ୍ଷା ୧୦ଟାରେ ଆରମ୍ଭ ହୋଇ ୧୨.୩୦ରେ ଶେଷ ହୋଇଥାନ୍ତା। ମାତ୍ର ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ର ଭାଇରାଲ ହେବା ଜଣାପଡ଼ିବା ପରେ ବୋର୍ଡ କର୍ତ୍ତୃପକ୍ଷଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଘଟଣାର ଅନୁସନ୍ଧାନ ଚଳାଇ ବୋର୍ଡ ରାଜ୍ୟର ୩ ଜିଲାର ୪ ପରୀକ୍ଷା କେନ୍ଦ୍ରରେ ଏହି ବେନିୟମ କାର୍ଯ୍ୟ ହୋଇଛି ବୋଲି ଜାଣିବାକୁ ପାଇଥିଲା। ନୂଆପଡ଼ା ଜିଲା ବୋଡେନ ବ୍ଲକର କରଙ୍ଗମାଲ ହାଇସ୍କୁଲ, ଲିଟିସର୍ଗିସ୍ଥିତ ଗୋପୀନାଥ ହାଇସ୍କୁଲ, ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ ଓ କୋରାପୁଟ ଜିଲାର ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ବିଭ୍ରାଟ ହୋଇଛି ବୋଲି ବୋର୍ଡ ସଭାପତି ଡ. ବେଗମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲାର କରଙ୍ଗମାଲ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ପତି, ପରୀକ୍ଷା ନିରୀକ୍ଷକ ମୁକୁନ୍ଦ ଶବର, ଗୋପୀନାଥ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ କୁମାର ଜୋଷୀ, ପରୀକ୍ଷା ନିରୀକ୍ଷକ ଅର୍ଜୁନ ଜୟ ପଣ୍ଡା, କୋରାପୁଟ ଜିଲା ବନ୍ଧୁଗାଁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା ଓ ପରୀକ୍ଷା ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରାଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ସେଠାକାର ଶିକ୍ଷା ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହୁଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା କହିଛନ୍ତି।

ସୂଚନା ଅନୁଯାୟୀ, ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୧୨୯ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଆରମ୍ଭ ହେବାର ୨୦ ମିନିଟ୍ ପରେ କେନ୍ଦ୍ରର ୫ ନମ୍ବର ରୁମ୍‌ର ଝରକା ପାଖକୁ ଆସି ଜଣେ ଯୁବକ ନିଜ ମୋବାଇଲ ଫୋନରେ ପ୍ରଶ୍ନପତ୍ରର ଫଟୋ ଉଠାଇ ଭାଇରାଲ କରିଦେଇଥିଲେ। ଏନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା କହିଛନ୍ତି ଯେ, କେନ୍ଦ୍ରର ପାଚେରି ନିକଟରେ ସୁରକ୍ଷାକର୍ମୀ ନ ଥିବାର ସୁଯୋଗ ନେଇ ଯୁବକ ଜଣକ ଏଭଳି ଘଟାଇଛନ୍ତି।

ଅନ୍ୟପକ୍ଷରେଘଟଣାକୁନେଇଛାତ୍ରସଂଗଠନଏବିଭିପିରକାର୍ଯ୍ୟକର୍ତ୍ତାମାନେ ରାଜଭବନ ନିକଟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୋଲିସ ୨୫ ଜଣଙ୍କୁ ଅଟକ ରଖିଛି।

ବୋର୍ଡ କର୍ତ୍ତୃପକ୍ଷ ପରୀକ୍ଷା ବ୍ୟବସ୍ଥାକୁ ଯେତେ କଡ଼ାକଡ଼ି କଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲକୁ ରୋକିବାରେ ବିଫଳ ହୋଇଛନ୍ତି। ନିକଟରେ ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ହେବାକୁ ନେଇ ବୋର୍ଡ ବିବାଦୀୟ ହୋଇଥିଲା। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉଛି। ସେହିପରି ଗତବର୍ଷ ମଧ୍ୟ ମାଟ୍ରିକ ପରୀକ୍ଷାର ଓଡ଼ିଆ, ଇଂଲିଶ୍ ଓ ଗଣିତ ପ୍ରଶ୍ନପତ୍ର ପରୀକ୍ଷା ଚାଲିଥିବାବେଳେ ହ୍ୱାଟସ୍‌ଆପ୍‌ରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବୋର୍ଡ କାର୍ଯ୍ୟାଳୟରେ ଭଙ୍ଗାରୁଜା ହେବା ସହିତ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିଥିଲା।

### ୭୮ଜଣ ମାଲପ୍ରାକ୍ଟିସ

ପ୍ରଥମ ଦିବସରେ ରାଜ୍ୟରୁ ମୋଟ ୭୮ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ଏହା ମଧ୍ୟରେ ମାଟ୍ରିକ୍ ପରୀକ୍ଷାର ୬୦ଜଣ ରହିଥିବା ବେଳେ ମଧ୍ୟମା ପରୀକ୍ଷାର ୩ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୧୫ଜଣ ରହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଏକାଦଶସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତ୍ୟେକ କାମ ସାହାଯ୍ୟ ସହଯୋଗ ମାଧ୍ୟମରେ ସମ୍ପନ୍ନ କରିପାରିବେ। ମନ ଚାହୁଁ ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ଦିଗରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ ।

**ବୃଷ**
ଷଷ୍ଠାଧିପତି ଅଷ୍ଟମସ୍ଥ ଯୋଗୁ ପରୋକ୍ଷ ଶତ୍ରୁତାର ବିନାଶ ଘଟିବ। ସାଙ୍ଗକୁ ଋଣ ମାଧ୍ୟମରେ ଅର୍ଥ ପ୍ରାପ୍ତି ଘଟିବ। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରୁ ଓହରି ଆସି ପାରିବେ ନାହିଁ । ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ରୋଗପୀଡ଼ାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ**
ଭାଗ୍ୟସ୍ଥାନରେ ରାଶ୍ୟାଧିପତି ହେତୁ ପ୍ରତିଷ୍ଠିତବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ହାସଲ କରିବେ। ଫଳତଃ କୌଣସି କାମ ଅଟକି ନ ରହି ଯଥା ସମୟରେ ସବୁ ଠିକ୍ ଠିକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। କଳା, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବାର ସୂଚନା ରହିଛି।

**କର୍କଟ**
ଶୁକ୍ର ଓ ଶନିଙ୍କ ସମ୍ବନ୍ଧରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟ କାରଣରୁ ସଙ୍କଟଜନକ ସ୍ଥିତି ଉପୁଜିବାର ସୂଚନା ରହିଛି। ତଥାପି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସହକର୍ମୀଙ୍କ ଜରିଆରେ ପାଇପାରିବେ।

**ସିଂହ**
ରବିଙ୍କ ସ୍ୱରାଶି ଅବଲୋକନ ପ୍ରଭାବରେ ଆରୋଗ୍ୟଲାଭ,ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସରକାରୀ ସହାୟତା ପ୍ରାପ୍ତିର ସମ୍ଭାବନା ରହିଛି। ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ।

**କନ୍ୟା**
ପାରିବାରିକ ଅଶାନ୍ତି ଓ ଦୈହିକ ଦୁର୍ବଳତା ମନୋବଳକୁ ହ୍ରାସ କରାଇପାରେ । କିନ୍ତୁ ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶିଡି ଚଢିପାରିବେ। ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଶନିଙ୍କ ପ୍ରଭାବ ଯୋଗୁ ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ତୁଳା**
ଧନ ସପ୍ତମାଧିପ ମଙ୍ଗଳଙ୍କ ସୁଦୃଷ୍ଟି ବ୍ୟବସାୟିକ ସ୍ଥିତିକୁ ସୁଦୃଢ କରିବା ସହ ଆର୍ଥିକ ଉନ୍ନତି ଘଟାଇବ। ଫଳପ୍ରଦ ଯାତ୍ରା, ଗୃହଭୂମି ଲାଭ, ପ୍ରତିଯୋଗିତାରେ ସଫଳତା ପ୍ରଦାନ କରିବାର ପୂର୍ଣ୍ଣ ଆଶା ରହିଛି । ଚିତ୍ରା ନକ୍ଷତ୍ରର କେତେକ ଘରୋଇକଥା ବନ୍ଧୁଙ୍କ ନିକଟରେ କହିବାର ସୁଯୋଗ ହାତଛଡା ହୋଇଯିବ। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ଠିକ୍ ନୁହେଁ।

**ବିଛା**
ରବି ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିଜନିତ ସମୟ ଓ ପରିସ୍ଥିତିର ବିଷମତା ଆଶା ଓ କାମନାକୁ ଏପଟ ସେପଟ କରିଦେଇପାରେ। ଅବଶ୍ୟ ବିଶାଖା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହିତ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ମିଳିବ।

**ଧନୁ**
କର୍ମଭାବସ୍ଥ ଚନ୍ଦ୍ର ଆପଣଙ୍କ ସମସ୍ୟା ସମାଧାନପୂର୍ବକ କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ନୂତନ ଗୃହ, ଯାନବାହନ, ବନ୍ଧୁ ସମ୍ପର୍କରେ ଉନ୍ନତି ମାନସିକ ସ୍ଥିତିକୁ ଦୃଢୀଭୂତ କରିପାରେ। ସାହିତ୍ୟ,କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମତାନ୍ତର କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମକର**
ଦ୍ୱାଦଶସ୍ଥ ଶୁକ୍ରଙ୍କ ପ୍ରଭାବରେ ବିଳାସବ୍ୟସନ ଦିଗରେ ମନ ଆକର୍ଷିତ ହୋଇ ଲକ୍ଷ୍ୟସାଧନର ମାର୍ଗକୁ ଅଣଦେଖା କରିପାରନ୍ତି। ଶ୍ରବଣା ନକ୍ଷତ୍ର ସକାଶେ ଏକାଦଶସ୍ଥ ଗ୍ରହସମ୍ପର୍କ ନୂତନ ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହୋଇପାରିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କୁମ୍ଭ**
ରାଶିରେ ଶତ୍ରୁଗ୍ରହ ରହିଥିଲେ ମଧ୍ୟ ଶନିଙ୍କ ଦୃଷ୍ଟିପ୍ରଭାବରେ କୌଣସି ଅସୁବିଧା ହେବନାହିଁ। ଯେତେ ପ୍ରକାରର ଚେଷ୍ଟାକଲେ ମଧ୍ୟ ବିରୋଧୀ ଶକ୍ତିର ପ୍ରାଦୁର୍ଭାବ ଆପଣଙ୍କ ଉପରେ କୌଣସି କୁପ୍ରଭାବ ପକାଇପାରିବ ନାହିଁ। ଆକସ୍ମିକ ଭାବେ ପୂର୍ବରୁ କୌଣସି ସୂଚନା ନ ଦେଇ ପ୍ରିୟ ବନ୍ଧୁ ଘରକୁ ଆସିପାରନ୍ତି।

**ମୀନ**
ରାଶ୍ୟାଧିପତିଙ୍କ ପୂର୍ଣ୍ଣ ଦୃଷ୍ଟିଜନିତ ଅଭାବ ଓ ସାମୟିକ ପ୍ରତିବନ୍ଧକ କାମକୁ ସ୍ଥଗିତ ରଖିପାରିବ ନାହିଁ। ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଗୁରୁପାକ ଦ୍ରବ୍ୟ ଭୋଜନଜନିତ ସ୍ୱାସ୍ଥ୍ୟହାନି ଘଟିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଭଲ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଶନିବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୨।୦୫ମି. ଗତେ ତୁଳା ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୧୦।୦୫ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୭ମି. ଗତେ ଘ୧୦।୩୩ମି. ମଧ୍ୟେ ରାହୁକାଳ ।

ୱାନ୍ ବାର୍ ୱାନ୍ ଭୋଟ

# କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୨୨।୨**

ଏଣିକି ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ। ଓଡ଼ିଶା ଆଇନଜୀବୀ ପରିଷଦକୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ୧୬୫ଟି ଓକିଲ ସଂଘର ନିର୍ବାଚନ ମାର୍ଚ୍ଚରେ ଗୋଟିଏ ବାର୍ ଗୋଟିଏ ଭୋଟ ନୀତିରେ ଅନୁଷ୍ଠିତ ହେବ। ପୂର୍ବରୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସମେତ ଦେଶରେ ଯେତେଗୁଡ଼ିଏ ଓକିଲ ସଂଘ ଥିଲା ଜଣେ ଓକିଲ ଯେଉଁଠାରେ ଚାହେଁ ଏକାଧିକ ସଂଘର ମନଇଚ୍ଛା ସଦସ୍ୟତା ନେଇ ସବୁଠାରେ ଭୋଟ ଦେଇପାରୁଥିଲେ। ଫଳରେ ଠିକ୍ ପ୍ରତିନିଧିତ୍ୱ ହେବା ତ ଦୂରର କଥା ବିଭିନ୍ନ ଅରାଜକତା ସୃଷ୍ଟି ହେବା ମନେ ହେଉଥିଲା। ଏପରିକି କାର୍ଯ୍ୟ କ୍ଷେତ୍ରରେ କ୍ରିୟାଶୀଳ ନ ଥିବା ଜଣେ ସଦସ୍ୟ ନିର୍ବାଚନ ଲଢୁଥିଲେ, ଜିତୁଥିଲେ କିମ୍ବା ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରୁଥିଲେ। କେହି କେହି ଜିତିବା ପାଇଁ ସୁପ୍ତ ଭୋଟରମାନଙ୍କ ନାମରେ ବାର୍ଷିକ ଦେୟ ଦେଉଥିବା ଜଣାପଡୁଥିଲା। ଫଳରେ ଯୋଗ୍ୟ ପ୍ରାର୍ଥୀ ମଧ୍ୟ ହାରିଯିବା ଭୟ ରହୁଥିଲା। ଏନେଇ ଆଡଭୋକେଟ ଶିବନାରାୟଣ ବିଶ୍ୱାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦକୁ ଜବାବ ରଖିବା ପାଇଁ ହାଇକୋର୍ଟ ଆଦେଶ ଦେଇଥିଲେ। ଆଇନଜୀବୀ ପରିଷଦ ପକ୍ଷରୁ ଜବାବ ଦାଖଲ ପରେ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୱାନ ବାର୍ ୱାନ ଭୋଟ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଚର୍ଚ୍ଚା: ଭାଜପାରୁ ମହାଶ୍ୱେତା, କଂଗ୍ରେସରୁ ଯୁବ ଆଶାୟୀ

**ହେମନ୍ତ ନାୟକ**
**ପୁରୀ ଅଫିସ, ୨୨।୨**

ପୁରୀ ଜିଲା ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହା ମହେଶ୍ୱର ମହାନ୍ତିଙ୍କ କବ୍ଜାରେ ରହିଆସିଛି। ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ପରିବର୍ତ୍ତନ କରିଥିଲେ ମଧ୍ୟ ସଫଳତା ପାଇନାହାନ୍ତି। ହେଲେ ଏଥର ପଟ ପରିବର୍ତ୍ତନ ହେବାର ଚର୍ଚ୍ଚା ଜୋର୍ ଧରିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଦଳ ନୁହେଁ, ଜଣେ ବ୍ୟକ୍ତି ହିଁ ମହେଶ୍ୱରଙ୍କୁ ଟକ୍କର ଦେବାକୁ ଚେଷ୍ଟା କରୁଥିଲେ। ଏଥର ସେ ପୁରୀ ଜିଲାରୁ ମୁହଁ ଫେରାଇ କଟକ ଜିଲା ଆଠଗଡ଼ ମୁହାଁ ହୋଇଛନ୍ତି। ମହେଶ୍ୱରଙ୍କୁ ଗାଦିଚ୍ୟୁତ କରିବା ସହଜ ନୁହେଁ, କିନ୍ତୁ ପରିବର୍ତ୍ତନର ହ୍ୱାୱା ବହୁଥିବାରୁ ଏହାକୁ ବିରୋଧୀ ଠିକ୍ ଢଙ୍ଗରେ ଆଗେଇ ନେଲେ ସଫଳ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଏହି ନିର୍ବାଚନମଣ୍ଡଳୀରେ ରହିଛି ପୁରୀ ସହର। ହେଲେ ସହରବାସୀ ସମସ୍ୟାରୁ କେବେ ମୁକୁଳି ପାରୁନାହାନ୍ତି। ବିଶେଷକରି ଡ୍ରେନେଜ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ କହିଛନ୍ତି, ଅସରାଏ ବର୍ଷା ହେଲେ ନଳାପାଣିରେ ଉବୁଟୁବୁ ହେଉଛି ବଡ଼ଦାଣ୍ଡ। ଘରେ ଘରେ ପଶୁଛି ଡ୍ରେନ୍ ପାଣି। ଏହି ମନୁଷ୍ୟକୃତ ତ୍ରୁଟି ପାଇଁ ବିଗତ ଦିନରେ ମହାପ୍ରଭୁଙ୍କ ରଥ ବି ଗଡ଼ିଛି ନଳା ପାଣିରେ। ସେମିତି ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ପଦବୀ ଖାଲି। ଅଧିକାଂଶ ମେଶିନ ଅଚଳ। ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ରୋଗୀଙ୍କୁ କଟକ, ଭୁବନେଶ୍ୱର ରେଫର କରିବାର ମାନସିକତା ଡାକ୍ତରଙ୍କ ମନରେ ବସା ବାନ୍ଧିଲାଣି। ସେହିପରି ଅଧିକାଂଶ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି ବୋଲି ଦାଶ କହିଛନ୍ତି। କୌଣସି ବଡ଼ ଶିଳ୍ପ କିମ୍ବା କାରଖାନା ନ ଥିବାରୁ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିରରେ ବିଭ୍ରାଟ ଏବଂ ବିଶୃଙ୍ଖଳା କେବଳ ଜିଲାକୁ ନୁହେଁ ରାଜ୍ୟକୁ ବି ବଦ୍‌ନାମ କରୁଛି। ହେଲେ ଏ ସବୁରୁ ଫାଇଦା ହାସଲ କରିବା ପାଇଁ ବିରୋଧୀ ଠିକ୍ ରଣନୀତି ପ୍ରସ୍ତୁତ କରିପାରୁନାହାନ୍ତି। ଫଳରେ ବିଜେଡି ଏକଚାଟିଆ ଭାବେ କ୍ଷମତା ଦଖଲ କରିଆସୁଛି ବୋଲି କୁହାଯାଉଛି।

**ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ**



| ୨୦୧୪ ନିର୍ବାଚନର ଫଳାଫଳ | | | |
|---|---|---|---|
| କ୍ର.ନ. | ପ୍ରାର୍ଥୀ | ଦଳ | ପାଇଥିବା ଭୋଟ |
| ୧ | ମହେଶ୍ୱର ମହାନ୍ତି | ବିଜେଡି | ୭୬,୭୬୦ |
| ୨ | ଉମାବଲ୍ଲଭ ରଥ | କଂଗ୍ରେସ | ୪୨,୦୩୯ |
| ୩ | କୃଷ୍ଣଚନ୍ଦ୍ର ପଣ୍ଡା | ଭାଜପା | ୧୭,୫୬୦ |
| ୪ | ସୁରେନ୍ଦ୍ର ନାଥ ଦାଶ | ଏସ୍‌କେଡି | ୨,୫୦୪ |
| ୫ | ଆଦିତ୍ୟ ହୃଦୟ ମିଶ୍ର | ଆପ୍ | ୧,୦୫୮ |
| ୬ | ବାସନ୍ତୀ ଭୋଇ | ବିଏସ୍‌ପି | ୯୨୧ |
| ୭ | ଶ୍ରୀଧର ମିଶ୍ର | ଆମ ଓଡ଼ିଶା | ୫୮୦ |
| ୮ | ନୃସିଂହ ଚରଣ ଦାସ | ଟିଏମ୍‌ସି | ୩୪୮ |
| ୯ | ରାମଚନ୍ଦ୍ର ପ୍ରଧାନ | ସ୍ୱାଧୀନ | ୩୩୧ |

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପୁଣି ଟିକେଟ ପାଇବାକୁ ଦୃଢ ଆଶା ରଖିଛନ୍ତି। ଲଗାତର ୫ଥର ସେ ବିଧାନସଭାକୁ ଜିତି ଆସିଛନ୍ତି। ସେ ଗତ ନିର୍ବାଚନରେ ୭୬,୭୬୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ୪୨,୦୩୯ ଖଣ୍ଡ ଭୋଟ ପାଇଥିଲେ। ମହେଶ୍ୱର ୩୪,୭୨୧ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ପୁଣି ଭାଜପାରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କୃଷ୍ଣଚନ୍ଦ୍ର ପଣ୍ଡା ୧୭,୫୬୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୦୯ ନିର୍ବାଚନକୁ ଦୃଷ୍ଟି ଦେଲେ ମହେଶ୍ୱର ୬୧,୩୨୮ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମାବଲ୍ଲଭ ରଥ ଭାଜପା ଟିକେଟ୍‌ରୁ ଲଢ଼ି ୪୭,୯୩୪ ଭୋଟ ପାଇଥିଲେ। କଂଗ୍ରେସର ଉତ୍ତମ ଆଚାର୍ଯ୍ୟ ୬,୮୩୨ ଭୋଟ ପାଇଥିଲେ। ତେବେ ଏଥିରୁ ସ୍ପଷ୍ଟ ହେଉଛି ମହେଶ୍ୱରଙ୍କ ସହିତ ଉମାବଲ୍ଲଭ ହିଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କାରଣ ୨୦୦୯ରେ ଉମାବଲ୍ଲଭ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୪ରେ ସେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୦୯ରେ ଭାଜପା ୪୭,୯୩୪ ଭୋଟ ଭାଜପା ପାଇଥିବା ବେଳେ ୨୦୧୪ରେ ଭାଜପା ୧୭,୫୬୦ ପାଇ ତୃତୀୟରେ ଥିଲା।

ଏଥର ଉମାବଲ୍ଲଭ ଆଠଗଡ଼ରୁ କଂଗ୍ରେସର ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ବିଜେଡି ଟିକେଟକୁ ନେଇ ଏଥର ଅନ୍ୟ କେହି ଆଶାୟୀ ଆଗକୁ ଆସିନାହାନ୍ତି। ଏ ସମ୍ପର୍କରେ ମହେଶ୍ୱରଙ୍କୁ ପଚରାଯିବାରୁ ତାହା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଲଢିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରାଯିବାରୁ ବିଜେଡି ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି, ଯିଏ ଠିଆ ହୁଅନ୍ତୁ କୌଣସି ଫରକ୍ ପଡିବ ନାହିଁ ବୋଲି ମହେଶ୍ୱର କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ବିଧାନସଭା ନିର୍ବାଚନ ପାଇଁ ଭାଜପାର ୩ ଆଶାୟୀ ପ୍ରାର୍ଥୀଙ୍କ ନାଁ ଏବେ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଅଭିନେତ୍ରୀ ମହାଶ୍ୱେତା ରାୟ, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର। ମହାପାତ୍ର କହିଛନ୍ତି, ସାଢ଼େ ୫ ବର୍ଷ ହେବ ଜିଲା ସଭାପତି ଭାବେ ସେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦଳ ଯେତେବେଳେ ଯାହା ନିର୍ଦ୍ଦେଶ ଦେବ ତାହାକୁ ସେ ପାଳନ କରିବେ। ସେହିପରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ପଣ୍ଡା ଦଳୀୟ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ସେ କହିଛନ୍ତି, ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ତାହା କରିଆସିଛନ୍ତି। କାହାକୁ ଟିକେଟ ମିଳିବ ନ ମିଳିବ ତାହା ଦଳର ପାର୍ଲମେଣ୍ଟ ବୋର୍ଡ ନିଷ୍ପତ୍ତି ନେବ। କେହି ଆଶା କରିବା କିଛି ଖରାପ ନୁହେଁ। କିନ୍ତୁ ଦଳରେ ଗୋଷ୍ଠୀ କନ୍ଦଳ ଥିବା ଯାହା ଚର୍ଚ୍ଚା ହେଉଛି ତାହା ଭୁଲ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଦଳୀୟ ସୂତ୍ରରୁ ମହାଶ୍ୱେତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ଏନେଇ ମହାଶ୍ୱେତା କହିଛନ୍ତି, ଯାହା ଚର୍ଚ୍ଚା ହେଉଛି ତାହା ଚର୍ଚ୍ଚାରେ ଥାଉ। ମୋତେ ପାର୍ଟି ଅଫିସ୍‌ରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଯଦି ଦଳ ମୋତେ କୌଣସି ଦାୟିତ୍ୱ ଦିଏ ତେବେ ନିଶ୍ଚିତ ତାହାକୁ ତୁଲାଇବି।

ଅନ୍ୟପକ୍ଷରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଂଗ୍ରେସ ଏଠାରେ ଉଠିପାରୁନି। ୧୯୮୦ରୁ ୮୫ ପର୍ଯ୍ୟନ୍ତ କଂଗ୍ରେସର ଗଦାଧର ମିଶ୍ର ବିଧାୟକ ହୋଇଥିଲେ। ଏହା ପରଠୁ ଏହି ଜାତୀୟ ଦଳର ସ୍ଥିତିରେ ସୁଧାର ଆସୁନାହିଁ। ବିଶେଷକରି ନିର୍ବାଚନମଣ୍ଡଳୀ ବାସିନ୍ଦାଙ୍କ ସହ ସମ୍ପର୍କ ନ ଥିବା ଲୋକଙ୍କୁ ଏଠାରୁ ପ୍ରାର୍ଥୀ କରାଯାଉଥିବାରୁ ଦଳ ସଙ୍ଗଠିତ ହୋଇପାରୁନି ବୋଲି କର୍ମୀ କହୁଛନ୍ତି। କିନ୍ତୁ ଏଥର ନିର୍ବାଚନ ଲଢିବା ପାଇଁ କଂଗ୍ରେସର ଲମ୍ବା ଆଶାୟୀ ରହିଛନ୍ତି। ଯୁବନେତା ଅରୋପ୍ରସାଦ ମିଶ୍ର, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ବିଶ୍ୱଜିତ ମହାନ୍ତି, ସୁଜିତ ମହାପାତ୍ର ପ୍ରାର୍ଥୀ ହେବା ନେଇ ଆଶା ରଖିଛନ୍ତି। ବିନାୟକ ଦାସ ମହାପାତ୍ର କହିଛନ୍ତି, ୩୦ ବର୍ଷ ହେବ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସିଛି। ଦଳ ମୋତେ ମୁଖପାତ୍ରର ଦାୟିତ୍ୱ ଦେଇଛି। ଟିକେଟ କାହାକୁ ମିଳିବ ତାହା ଦଳ ହିଁ ନିଷ୍ପତ୍ତି ନେବ। କିନ୍ତୁ ମୁଁ ଆଶା ରଖିଛି। ଅରୋପ୍ରସାଦ ମିଶ୍ର କହିଛନ୍ତି, ଯୁବ ପ୍ରାର୍ଥୀଙ୍କ ଉପରେ ରାହୁଲ ଗାନ୍ଧୀଙ୍କ ଫୋକସ ରହିଥିବାରୁ ଆଶାବାଦୀ ଅଛି। ୧୪ ବର୍ଷ ହେଲା ଯୁବ ଛାତ୍ର ସଙ୍ଗଠନରେ ଯୋଡ଼ି ହୋଇରହିଛି। ଛାତ୍ର କଂଗ୍ରେସର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ରହିଥିଲି। ତେଣୁ ଟିକେଟ ପାଇଁ ଆଶା ରଖିଛି। ବିଶ୍ୱଜିତ ମହାନ୍ତି କହିଛନ୍ତି, ଉମାବଲ୍ଲଭଙ୍କ ସ୍ଥାନରେ ଏଠାରେ ଏଥର ଦଳ ଜଣେ ଯୁବ ଚେହେରାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ତେଣୁ ଦଳର ଜଣେ ଯୁବ କର୍ମୀ ଭାବେ ମୁଁ ଟିକେଟ ପାଇବି ବୋଲି ଆଶା ରଖିଛି। ସୁଜିତ ମହାପାତ୍ର କହିଛନ୍ତି, ଦୀର୍ଘବର୍ଷ ହେଲା ଦଳ ସହିତ ରହିଆସିଛି। ଲୋକଙ୍କୁ ସାଙ୍ଗରେ ନେଇ ସଙ୍ଗଠନକୁ ଦୃଢ଼ କରିଛି। ନିର୍ମଳ ଭାବମୂର୍ତ୍ତି ଏବଂ ଯୁବ ଚେହେରାଙ୍କୁ ଦଳ ଚାହୁଁଥିବାରୁ ମୁଁ ଆଶାବାଦୀ। ଏମାନଙ୍କ ବ୍ୟତୀତ ଦଳ ଏବେ ବି ପୁରୀ ପାଇଁ ଅନ୍ୟ କେତେଜଣଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି। ନିର୍ବାଚନ ଯେତେ ପାଖଉଛି କଂଗ୍ରେସର ଅଙ୍କ ସେତେ ଜଟିଳ ହେବାରେ ଲାଗିଛି।

## ନିର୍ବାଚନମଣ୍ଡଳୀ ରୂପରେଖ

ପୁରୀ ପୌରାଞ୍ଚଳ, ସଦର ବ୍ଲକର ୧୯ ଏବଂ ଗୋପ ବ୍ଲକର ୩ଟି ପଞ୍ଚାୟତକୁ ନେଇ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୦୦,୫୪୮। ୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା ହେଉଛି ୨,୩୯,୪୩୧। ଏମାନଙ୍କ ମଧ୍ୟରେ ୧,୨୪,୫୩୭ ଜଣ ପୁରୁଷ, ୧,୧୪,୮୬୪ଜଣ ମହିଳା ଓ ଅନ୍ୟାନ୍ୟ ୩୦ଜଣ ଅଛନ୍ତି। ୨୦୧୪ ନିର୍ବାଚନରେ ମତଦାନ ହାର ୬୪.୭୩% ରହିଥିଲା। ବିଜେଡି ୫୩.୪୪% ଭୋଟ ପାଇଥିବା ବେଳେ କଂଗ୍ରେସ ୨୯.୨୭ ଏବଂ ଭାଜପା ୧୨.୨୩% ଭୋଟ ପାଇଥିଲା। ୨୦୦୯ ନିର୍ବାଚନରେ ମତଦାନ ହାର ଥିଲା ୫୭.୬୭%। ବିଜେଡି ୫୧.୫୮% ଭୋଟ ପାଇଥିବା ବେଳେ ଭାଜପା ୪୦.୩୨% ଏବଂ କଂଗ୍ରେସ ୫.୭୫% ଭୋଟ ପାଇଥିଲା।



# ବାବୁ 'ଅନୁରକ୍ତି'



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଓ ରାଜ୍ୟ ସୂଚନା ଆୟୋଗଗୁଡ଼ିକରେ ସୂଚନା ଆୟୁକ୍ତ ପଦଗୁଡ଼ିକ ପୂରଣ କରିବାରେ ସରକାର କାହିଁକି ଅଧିକାଂଶ ବାବୁଙ୍କ ପ୍ରତି ଅତିଶୟ ଅନୁରକ୍ତି ବା ପୂର୍ବାଗ୍ରହ ଦେଖାଇଛନ୍ତି, ସେ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି। କୋର୍ଟ କହିଲେ ଯେ, ଏହିସବୁ ପଦଗୁଡ଼ିକରେ ନିଯୁକ୍ତି ଦେବାବେଳେ ସରକାର କେବଳ ବାବୁମାନଙ୍କୁ ଗୁରୁତ୍ୱ ନ ଦେଇ ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ଓ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଛିବା ଉଚିତ ଥିଲା। ତେବେ କେନ୍ଦ୍ର ସରକାର ଏହି ନିଯୁକ୍ତି ପ୍ରକ୍ରିୟାରେ ଯେପରି ୱେବ୍‌ସାଇଟ୍‌ରେ ସର୍ଚ୍ଚ କମିଟି ସଦସ୍ୟମାନଙ୍କ ନାମ, ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କର ନାମ, ଯୋଗ୍ୟତା ମାନଦଣ୍ଡ ଆଦି ସ୍ଥାନିତ କରୁଛନ୍ତି, ରାଜ୍ୟଗୁଡ଼ିକ ମଧ୍ୟ ତାହା ଅନୁସରଣ କରିବା ଉଚିତ ବୋଲି କୋର୍ଟ ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ଆଠଟି ରାଜ୍ୟ– ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ନାଗାଲାଣ୍ଡ, ଆନ୍ଧ୍ରପ୍ରଦେଶ, କେରଳ ଓ କର୍ନାଟକକୁ ଆଉ ବିଳମ୍ବ ନ କରି ୬ ମାସ ମଧ୍ୟରେ ଖାଲି ଥିବା ସ୍ଥାନଗୁଡ଼ିକ ପୂରଣ କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। କୋର୍ଟ ପୁଣି କହିଛନ୍ତି, କୌଣସି ପଦବୀ ଖାଲି ହେବାର ସମ୍ଭାବ୍ୟ ତାରିଖଠାରୁ ଏକରୁ ଦୁଇମାସ ପୂର୍ବରୁ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବା ଉଚିତ, ଯାହାଫଳରେ ପଦ ଖାଲି ହେବା ଓ ପୂରଣ ହେବା ଭିତରେ ବିଶେଷ ବ୍ୟବଧାନ ରହିବ ନାହିଁ। ସର୍ଚ୍ଚ କମିଟି ପ୍ରାର୍ଥୀମାନଙ୍କୁ ଶର୍ଟଲିଷ୍ଟ କରିବା ପାଇଁ ଗ୍ରହଣ କରିଥିବା ଯୋଗ୍ୟତା ମାନଦଣ୍ଡକୁ ମଧ୍ୟ ସର୍ବସାଧାରଣରେ ପ୍ରକାଶ କଲେ, ତାହା ନିରପେକ୍ଷ ଭାବେ କରାଯାଉଛି ବୋଲି ଲୋକମାନେ ସୁନିଶ୍ଚିତ ହୋଇପାରିବେ।

### ୟୁପିଏସ୍‌ସି ଓ ଆଇପିଏସ୍

ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦ ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ରାଜ୍ୟ ସରକାରଙ୍କ ପାଖକୁ ତିନିଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କର ଏକ ଶର୍ଟଲିଷ୍ଟ ପଠାଇବାର ଦିନକ ପରେ ଏହି ପଦରେ ଦିନକର ଗୁପ୍ତାଙ୍କୁ ନିଯୁକ୍ତି ମିଳିଛି। ସଂକ୍ଷିପ୍ତୀକୃତ ତାଲିକାରେ ଅନ୍ୟ ଯେଉଁ ଦୁଇଜଣ ବାବୁଙ୍କର ନାମ ଥିଲା, ସେମାନେ ହେଉଛନ୍ତି ଡିଜିପି (ପ୍ରଶାସନ) ଏମ୍.କେ. ତିୱାରୀ ଏବଂ ଡିଜିପି (ପ୍ରୋଭିଜନିଂ) ଭି.କେ. ଭାୱ୍ରା। ଉଭୟେ ୧୯୮୭ ବ୍ୟାଚ୍‌ର ଅଫିସର। ଗୁପ୍ତା ହେଉଛନ୍ତି ସମସ୍ତଙ୍କଠାରୁ ବରିଷ୍ଠ। କୌଣସି ଡିଜିପି ନିଯୁକ୍ତି ନିମନ୍ତେ ପ୍ରଥମ ଥର ପାଇଁ ଏପରି ଶର୍ଟଲିଷ୍ଟ ପ୍ରସ୍ତୁତ କରାଯାଇଛି। ଗତ ଜାନୁୟାରୀ ମାସରେ ସୁପ୍ରିମ୍‌କୋର୍ଟ କହିଥିଲେ ୟୁପିଏସ୍‌ସି ପ୍ରସ୍ତୁତ କରିଥିବା ଶର୍ଟଲିଷ୍ଟରୁ ହିଁ ରାଜ୍ୟ ସରକାର ଜଣଙ୍କୁ ଡିଜିପି ରୂପେ ନିଯୁକ୍ତି ଦେଇପାରିବେ। ଏହି ପଦ୍ଧତି ଦ୍ୱାରା କୌଣସି ରାଜ୍ୟର ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। କୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ପ୍ରତ୍ୟେକ ରାଜ୍ୟ ସରକାର ୟୁପିଏସ୍‌ସିକୁ ଅବଗତ କରାଇବେ। ତା' ସହ ଯେଉଁ ଡିଜିପିଙ୍କୁ ବଛାଯିବ, ତାଙ୍କର ଚାକିରି ଅବଧି ଦୁଇବର୍ଷରୁ କମ୍ ବାକି ନ ଥିବ। କାରଣ ତାଙ୍କୁ ଦୁଇବର୍ଷର ନିର୍ଦ୍ଧାରିତ ଅବଧି ପାଇଁ ଡିଜିପି ପଦରେ ରହିବାକୁ ପଡ଼ିବ। ମଝିରେ ସରକାର ବଦଳିଲେ ବି ଯେପରି ଅଫିସରମାନଙ୍କ ଭିତରେ ବିଶେଷ ଅଦଳବଦଳ ନ ହୁଏ, ତାହା ସୁନିଶ୍ଚିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପଞ୍ଜାବ ସମେତ ଆଉ କେତେକ ରାଜ୍ୟ ସରକାର ଡିଜିପି ନିଯୁକ୍ତି ତାଙ୍କ ନିଜ ରାଜ୍ୟର ନିୟମ ଅନୁସାରେ କରିବାକୁ ଦିଆଯାଉ ବୋଲି ଆବେଦନ କରିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ସେ ଆବେଦନକୁ ନାକଚ କରିଦେଇଥିଲେ। କୌତୂହଳର ବିଷୟ, ସବୁ ଯୋଗ୍ୟତା ଥିବା ସତ୍ତ୍ୱେ ପଞ୍ଜାବ ପୋଲିସ ମୁଖ୍ୟ ନିଯୁକ୍ତିରେ ୧୯୮୫ ବ୍ୟାଚ୍ ଆଇପିଏସ୍ ଅଫିସର ମହମ୍ମଦ ମୁସ୍ତାଫାଙ୍କୁ ଉପେକ୍ଷା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହାପରର ପ୍ରତିକ୍ରିୟା କିଛି ଜଣାପଡ଼ି ନାହିଁ।

### ସେନା ମୁହଁରେ ତୁଣ୍ଡି

ବିଦେଶକୁ ସାମରିକ ସହଦୂତ (ମିଲିଟାରୀ ଆଟାଶେ) ପଠାଇବା ନେଇ ବିଳମ୍ବ ଘଟଣାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନା ମଧ୍ୟରେ ସମ୍ପର୍କରେ ଶିଥିଳତାର ସୂଚନା ମିଳୁଛି। ପ୍ରାପ୍ତ ଖବର ଅନୁସାରେ, ଚୟନ କମିଟିର ଗଠନକୁ ନେଇ ବିବାଦ ଉପୁଜିବାରୁ ୱାଶିଂଟନ ଡିସି ଓ ଓମାନ ସମେତ ଅନେକ ସ୍ଥାନରେ ସାମରିକ ସହଦୂତଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଯାହା ଜଣାଯାଏ, ସରକାର ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ପ୍ୟାନେଲରେ ଅନ୍ତର୍ଭୁକ୍ତ କରି ଏହାକୁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏପର୍ଯ୍ୟନ୍ତ ପ୍ରତିରକ୍ଷା ସହଦୂତ ଚୟନ ପ୍ରତିରକ୍ଷା ସେବାର ପରିଧି ଭିତରେ ହିଁ ହେଉଥିଲା। ତେଣୁ ସରକାରଙ୍କ ଏପରି ନିଷ୍ପତ୍ତି ଯୋଗୁ ପ୍ରତିରକ୍ଷା ସେବା ବାବୁମାନେ ଭାବୁଛନ୍ତି ଯେ, ଏହା ତାଙ୍କ କ୍ଷେତ୍ର ଉପରେ ସାଧାରଣ ପ୍ରଶାସନିକ ସେବା ବାବୁମାନଙ୍କ ଅନଧିକାର ପ୍ରବେଶ। ତେବେ ସରକାରଙ୍କ ଦାବି ଅନୁସାରେ ପୂର୍ବତନ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଅରବିନ୍ଦ ଗୁପ୍ତାଙ୍କ ସୁପାରିସ ଅନୁସାରେ ଚୟନ କମିଟିରେ ଉକ୍ତ ପରିବର୍ତ୍ତନ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ତିନି ସେବା ମୁଖ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ୍ କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଯୋଜନା କରୁଛନ୍ତି।

Email: dilipcherian@gmail.com

# ବୃଦ୍ଧକାଳେ ଅପତ୍ୟଦୁଃଖ



ରଞ୍ଜନ କୁମାର ଦାସ

ଜଣେ ବୟସ୍କ ବ୍ୟକ୍ତି ମୋର ଖବରକାଗଜରେ ପ୍ରକାଶିତ ଲେଖାସବୁ ପଢ଼ି ନିୟମିତ ଭାବେ ଫୋନ୍ କରନ୍ତି। ପ୍ରତ୍ୟେକ ଥର ସେ କହନ୍ତି ଯେ, ମୁଁ କେବେ ଥରେ ଯିବି ଆପଣଙ୍କ ସହ ଦେଖା କରିବି। ଏମିତି କହନ୍ତି ସିନା ସେ କେବେ ଆସନ୍ତି ନାହିଁ। ମୁଁ ମନେମନେ ଭାବେ ସେ ଆସୁ ତ ନାହାନ୍ତି ପୁଣି ଏ କଥା ବାରମ୍ବାର କହୁଛନ୍ତି କାହିଁକି? ଦିନେ ସେ ଫୋନ୍ କରି କହିଲେ, ଶୁଣିଲି ଆପଣ ଆସୁଛନ୍ତି ଆମ ପଞ୍ଚାୟତକୁ? ପଞ୍ଚାୟତ ଘର ପାଖରେ ହିଁ ଆମ ଘର। ମୁଁ ଆପଣଙ୍କୁ ଆମ ଘରକୁ ନିମନ୍ତ୍ରଣ କରିବି। ମନା କରିବେ ନାହିଁ, ନିଶ୍ଚୟ ଆସିବେ। ସରକାରୀ କାର୍ଯ୍ୟରୁ ସମୟ ମିଳିବ କି ନାହିଁ ବୋଲି ମୁଁ ସଂଶୟ ପ୍ରକଟ କରନ୍ତେ ସେ କହିଲେ, ବେଶି ସମୟ ନ ରହିଲେ ନାହିଁ ପଛେ ଖାଲି ଗୋଟିଏ ମିନିଟ୍ ପାଇଁ ଆମଘର ଆଗରେ ଓହ୍ଲାଇବେ। ଚିନ୍ତାକଲି ତାଙ୍କର ଆଗ୍ରହ ଭାଙ୍ଗିବା ଠିକ୍ ହେବନାହିଁ। ଯାହା ହେଲେ ବି ଯିବି।

ସେଦିନ ତାଙ୍କ ପଞ୍ଚାୟତକୁ ଅଭିଯୋଗ ଶୁଣାଣି ଶିବିର ପାଇଁ ଯାଇଥିଲି। ଶିବିର ସରିଲା ପରେ ସେ ଆସି ମତେ ଡାକିନେଲେ ତାଙ୍କ ଘରକୁ। ପଞ୍ଚାୟତର ଅଳ୍ପ ଦୂରରେ ତାଙ୍କ ଘର। ଆଜ୍‌ବେଷ୍ଟସ ଘର ତିନି ଚାରି ବଖରା। ସାମ୍ନାରେ ଛୋଟ ଗୋବରଲିପା ଅଗଣା, ବଗିଚାରେ ନାନାପ୍ରକାର ପରିବା। ପରିବାର କହିଲେ ତାଙ୍କର ବୃଦ୍ଧା ସ୍ତ୍ରୀ, ଶିକ୍ଷକ ଚାକିରି କରିଥିବା ଏକମାତ୍ର ପୁଅ, ଅବିବାହିତ ଝିଅଟିଏ, ବୋହୂ ଓ ନାତିନାତୁଣୀ। ବୃଦ୍ଧ ଜଣକ ଶିକ୍ଷକ ଚାକିରି କରିଥିଲେ। ବୟସ ହୋଇଯିବାରୁ ଇଚ୍ଛାକୃତ ଅବସର ନେଇ ପୁଅକୁ ତାଙ୍କ ଜାଗାରେ ରଖେଇ ଦେଇଛନ୍ତି। ଆପାତତଃ ସୁଖୀ ପରିବାର ହେବାକଥା। ମାତ୍ର ମୁଁ ତାଙ୍କ ଘରକୁ ଯେବେ ଗଲି ଦେଖିଲି କିଛି ଗୋଟେ ଶୂନ୍ୟତା ସବୁଠି ଉଙ୍କିମାରି ଚାହୁଁଚି। କାହା ମନରେ ସରାଗ ନାହିଁ। ବୁଢ଼ୀ ପିଣ୍ଡାରୁ ଓହ୍ଲେଇ ପାରୁ ନ ଥାନ୍ତି। ଝିଅଟି ପାଣି ଓ ଚା' କରି ଆଣି ଦେଲା। ବୋହୂ ତା' ପୁଅସହ ଆସି ମୁଣ୍ଡିଆ ମାରିଲା। ଚାରି ପାଞ୍ଚ ମାସର ଝିଅଟି ତା'ର ଅଳ୍ପ ଖରାରେ ଜେଜେମା ପାଖରେ ଶେଯରେ ଶୋଇଥାଏ।

ବୃଦ୍ଧ କହିଲେ କାନ୍ଦ କାନ୍ଦ ହୋଇ ଆପଣ ଏଠିକି ଆସିଛନ୍ତି ଜାଣିଲେ ଆମ ସମସ୍ତଙ୍କ ଅବସ୍ଥା ଆଜି କ'ଣ ହବ ମୁଁ କଳନା କରିପାରୁନି। ହେଲେ ଆପଣଙ୍କୁ ଦେଖିଲା ଦିନରୁ ଆପଣ ମୋର ବଡ଼ପୁଅ, ଯିଏ ଏ ଦୁନିଆରେ ଆଉ ନାହିଁ, ତାରି ଭଳି ଲାଗନ୍ତି। ସେଥିପାଇଁ ଶ୍ରଦ୍ଧାରେ ଡାକିଦେଲି। ଦୋଷ ଥିଲେ କ୍ଷମା କରିଦେବେ। ବୃଦ୍ଧ ତା'ପରେ ତାଙ୍କ ଝିଅ ଆଡକୁ ଚାହିଁ ପଚାରିଲେ ତୋ ଭାଇନାଙ୍କ ଚେହେରା ସହ ମିଶୁନି ସାର୍‌ଙ୍କ ଚେହେରା? ଝିଅଟି କାନ୍ଦକାନ୍ଦ ହୋଇଗଲା। ବୃଦ୍ଧା ବି କାନିରେ ଲୁହ ପୋଛିଲେ। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ଅବସ୍ଥା କ'ଣ ହେବ ବୋଲି କାହିଁକି କହୁଥିଲେ?

ବୃଦ୍ଧ କହିଲେ, ମୋ ବଡ଼ ପୁଅ ଥିଲା ସୁନାମୁଣ୍ଡା। ସେ ମଲା ପରେ ଆମେ ସମସ୍ତେ ଭାଙ୍ଗିପଡ଼ିଲୁ। ସ୍ତ୍ରୀ ଶଯ୍ୟାଶାୟୀ ହୋଇଗଲେ। ମୁଁ ବି ଘରଦ୍ୱାର ସମ୍ଭାଳିବାକୁ ଚାକିରିରୁ ଅବସର ନେଲି। ସାନପୁଅକୁ ଚାକିରିଖଣ୍ଡକ ଦେଇ ବାହା କରେଇଦେଲି। ବୋହୂ ବି ଭଲ। ମାତ୍ର ସେ କୁଳାଙ୍ଗାର ଖରାପ ସାଙ୍ଗରେ ପଡ଼ି ମଦପାଣି କଲା। ଘରକୁ ପଇସାପତ୍ର ଦଉନି, ଆସୁନି ବି। ଯେତେବେଳେ ବି ଆସୁଚି ବୋହୂକୁ, ଆମକୁ ମାର୍‌ପିଟ୍ କରୁଛି। ବେଳେବେଳେ ଇଚ୍ଛାହଉଚି ଘରଦ୍ୱାର ଛାଡ଼ି ଜରାନିବାସକୁ ଚାଲିଯିବାକୁ। ହେଲେ ଏ ବୋହୂ, ନାତିନାତୁଣୀଙ୍କୁ ଛାଡି କୁଆଡେ ଯିବୁ? ଆପଣ ଏଠିକି ଆସିଥିଲେ ଜାଣିଲେ ସେ ଭାବିବ ଆମେ ବୋଧେ ତା' ନାଁରେ ନାଲିସ୍ କରିବାକୁ ଆପଣଙ୍କ ପାଖକୁ ଯାଇଥିବୁ, ନ ହେଲେ ଆପଣ କାହିଁକି ଏଠିକି ଆସିଥାନ୍ତେ? ତେଣୁ ନିଶ୍ଚୟ ଆସି ଘରେ ହଙ୍ଗାମା କରିବ। ତାକୁ କିଏ ବା ବୁଝେଇବ? ଏ କଥା ଶୁଣୁଶୁଣୁ ଆଉ ଜଣେ ବୃଦ୍ଧ ଥିଲେ କହିଲେ, ଯାଙ୍କ ବୋହୂଟା ତ ହେଲେ କ'ଣ ଗଣ୍ଡାଏ ଫୁଟେଇ ଖାଇବାକୁ ଦଉଛି। ଆମର ପୁଅବୋହୂ ମିଶି ଆମକୁ ଯାହା କରୁଛନ୍ତି ନ କହିଲେ ଭଲ। ଦିନଟିଏ ବି ଭଲରେ କଟୁନି। ବେଳେବେଳେ ଭାବୁଚୁ ଆତ୍ମହତ୍ୟା କରିଦିଅନ୍ତୁ। ହେଲେ ମାୟା କୋଉ ତୁଟୁଛି? ବୁଢ଼ା ବୟସରେ ଏ କଷ୍ଟ ଆଉ ସହି ହଉନି।

ସେଦିନ ସେଇଠୁ ବୃଦ୍ଧଙ୍କ ଶିକ୍ଷକ ପୁତ୍ରଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଡକେଇଲି। ସେ ବାବୁ ବୁଝିବା ସ୍ତରରେ ନ ଥିଲେ। ସିଧାସଳଖ ତାଙ୍କୁ ଧମକେଇବାକୁ ପଡ଼ିଲା। କହିଲି, ଯଦି ବାପମା, ସ୍ତ୍ରୀ ପିଲାଙ୍କ ଦାୟିତ୍ୱ ନ ନବ, ସିଧା ସସ୍‌ପେଣ୍ଡ ହବ, ଜେଲ୍‌କୁ ଯିବ। ତମ ମଦପିଆ, ସାଙ୍ଗସାଥୀ ମସ୍ତି ସବୁ ଛାଡ଼ିଯିବ। ଥାନାବାବୁ ଆସିଲା ପରେ ପୋଲିସ ଦେଖି ତାଙ୍କର ନିଶା ଛାଡ଼ିଗଲା ଏବଂ ସେ ତାଙ୍କ ବାପାଙ୍କ ପାଦଛୁଇଁ ପ୍ରତିଜ୍ଞା କଲେ ଯେ ଆଉ ସେଭଳି କରିବେ ନାହିଁ। ମୋ ସାମ୍ନାରେ ତାଙ୍କ ବ୍ୟାଙ୍କ୍‌ର ଏଟିଏମ୍ କାର୍ଡ ସ୍ତ୍ରୀଙ୍କୁ ହସ୍ତାନ୍ତର କଲେ। ସର୍ତ୍ତ ରହିଲା ଯେ, ସେ ଆଉ ମଦ ପିଇବେ ନାହିଁ କି ଘରେ ଗଣ୍ଡଗୋଳ କରିବେ ନାହିଁ। ବୃଦ୍ଧ କୃତଜ୍ଞତା ଜଣାଇ ଘରକୁ ଗଲେ। ମାତ୍ର ଘଟଣାଟି ଗୋଟେ ଇଙ୍ଗିତ କଲା ଯେ ଏଇଭଳି ଘଟଣା ଅନେକ ଘରେ ଘଟୁଛି। ଅନେକ ଘରେ ବୃଦ୍ଧ ପିତାମାତା ଅବହେଳିତ, ସେମାନଙ୍କ ପାଇଁ ଘରେ ସ୍ଥାନ ନାହିଁ। ବନ୍ଧୁବାନ୍ଧବଙ୍କ ପାଖକୁ ଯାଇପାରିବେନି। ଅନେକ ଜାଗାରେ ଜରାନିବାସ ମଧ୍ୟ ନାହିଁ, ଯୋଉଠି କି ଯାଇ ସେମାନେ ଆଶ୍ରୟ ନେଇପାରିବେ।

ଏ କଥାଟି ମନରେ କୁହୁଳୁଥାଏ। ତେଣୁ ଆମେ ଜିଲାସ୍ତରରେ ନିଷ୍ପତ୍ତି ନେଲୁ ଅନ୍ତତଃ ଜିଲାର ଦୁଇ ମୁଣ୍ଡରେ ବଡ଼ ବଡ଼ ଅନାଥାଶ୍ରମ ଓ ଜରାନିବାସ କରିବୁ। ଉଭୟ ଅନାଥ ଶିଶୁ ଏବଂ ବୟସ୍କ ଲୋକମାନେ ଆଶ୍ରୟ ତ ନେବେ, ପୁଣି ପରିପୂରକ ଭାବେ ପରସ୍ପରର ଅଭାବ ପୂରଣ କରିପାରିବେ। ଅନାଥ ପିଲାମାନେ ଅଜାଆଈଙ୍କ ସ୍ନେହ ପାଇବେ ଓ ବୁଢ଼ାବୁଢ଼ୀମାନେ ପରିବାରର କୋଳାହଳମୟ ସାହଚର୍ଯ୍ୟ ବି ପାଇବେ। ନିଷ୍ପତ୍ତିଟି ଖବରକାଗଜରେ ବାହାରିବା ପରେ ଅନେକ ବ୍ୟକ୍ତି ସାଧୁବାଦ ବି ଜଣାଇଲେ। ଏଇ ସମୟରେ ଦିନେ ସେଇ ବୃଦ୍ଧ ଦୁଇଜଣଙ୍କର ଆବିର୍ଭାବ ହେଲା ମୋ କାର୍ଯ୍ୟାଳୟରେ। ଅବସରପ୍ରାପ୍ତ ସେଇ ଶିକ୍ଷକ ଯିଏ ନିଜ ପୁତ୍ର ଦ୍ୱାରା ନିର୍ଯାତିତ ହୋଇଥିଲେ ସେ କହିଲେ, ଆମେ ଆସିଥିଲୁ ଆପଣଙ୍କ ସହ କିଛି ଆଲୋଚନା କରିବା ପାଇଁ। କହିବା ପାଇଁ ମୁଁ ତାଙ୍କୁ ଇଙ୍ଗିତ କରିବା ପରେ ଅନ୍ୟ ବୃଦ୍ଧ ଜଣକ ଆରମ୍ଭ କଲେ, ଶୁଣୁଚୁ ଆପଣ କୁଆଡେ ବୁଢ଼ାବୁଢ଼ୀଙ୍କ ପାଇଁ ଗୋଟେ ଜରାଶ୍ରମ ଖୋଲୁଛନ୍ତି। ମୁଁ ତାଙ୍କୁ ହଁ କଲି। ହଠାତ୍ ସେ ଛଳଛଳ ହୋଇ ଉଠି କହିଲେ, ଦୟାକରି ଆପଣ ସେ ଜରାଶ୍ରମ ନିର୍ମାଣ କରନ୍ତୁ ନାହିଁ। ମୁଁ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିଲି। ସେ କ୍ଷଣକ ପାଇଁ ନିଜକୁ ସମ୍ଭାଳି ନେଇ କହିଲେ, ଆମର ତ ଦିନକାଳ ସରିଆସିଲାଣି। ଯାହା କଷ୍ଟ ଭୋଗିବା କଥା ଆମେ ଭୋଗି ସାରିଲୁଣି। ଆମ ପରେ ଏ ଅପତ୍ୟ ଦୁଃଖ କେହି ନ ଭୋଗନ୍ତୁ। ବାହାର ଶତ୍ରୁ ସାଙ୍ଗେ ସିନା ଲଢ଼ିହବ, ନିଜ ପୁଅବୋହୂଙ୍କ ସଙ୍ଗେ କି ଯୁଦ୍ଧ ଲଢ଼ିହବ? ଲଢ଼ିଲେ ବି ସେ ଯୁଦ୍ଧରେ ହାରିବ କିଏ, ଜିତିବ କିଏ? ଯିଏ ହାରିଲେ ବି କଷ୍ଟ ଆମକୁ ହିଁ ହବ। ତେଣୁ ଯିଏ ଯେତେ କହିଲେ ବି ଆମେ ଥାନା କଚେରି ଯାଇପାରୁନୁ। ଜାକିମାଡି ହୋଇ ଘରେ ପଡିରହିଛୁ କୁକୁର ଭଳି। କେବେ ଗଣ୍ଡାଏ ଦେଲେ ଖାଉଛୁ, ନ ହେଲେ ନାଇଁ। ଡରିଡରି ପଡିରହୁଛୁ, କାରଣ ପାଟି ଖୋଲିଲେ କେବେ ଘରୁ ତଣ୍ଟିଆ ଦେଇ ପୁଅବୋହୂ କାଢ଼ିଦେବେ। ଏବେ ସେମାନେ ଆମକୁ ଘରୁ ତଡିଦେଲେ ଆମେ କୁଆଡେ ଯିବୁ ଜାଣିପାରୁନୁ। ହୁଏତ ଲୋକଲଜ୍ଜା ପାଇଁ ସେମାନେ ଆମକୁ ଘରୁ କାଢ଼ିଦେଇ ପାରୁନାହାନ୍ତି। ମାତ୍ର ଯେଉଁ ଜରାଶ୍ରମ ଖୋଲିଯିବ ସେମାନେ ସେଦିନ ଆଉ ତକେଇବେ ନାହିଁ। ମୁହେଁ ମୁହେଁ କହିଦେବେ, ସରକାର ତମ ପାଇଁ ଘର ତୋଳିଦେଲେଣି, ଏଠି ଯଦି ଆଡଜଷ୍ଟ କରି ଚଳି ନ ପାରୁଛ ସେଠିକି ପଳା। ଏବେ ହେଲେ ଆମେ କହିପାରୁଛୁ ଏ ବୁଢ଼ା ବୟସରେ କୁଆଡେ ଯିବୁ, ସେତେବେଳେ ଆଉ କ'ଣ କହିବୁ? ଏତେ ଦୁଃଖ ଭିତରେ ବି ନାତିନାତୁଣୀଙ୍କୁ ଦେଖି ଯେଉଁ ଟିକେ ସୁଖ ମିଳୁଛି ସେତକରୁ ବି ବଞ୍ଚିତ ହୋଇଯିବୁ। ଦୟାକରି ଏ ଜରାନିବାସ କରନ୍ତୁନି କି ଆମକୁ ଘରୁ ବିତାଡିତ କରିବା ପାଇଁ ଆମ କୁଳାଙ୍ଗାର କୁଳଚନ୍ଦ୍ରମାମାନଙ୍କୁ ବାଟ ଦେଖାନ୍ତୁନି।

ବୃଦ୍ଧ ଦି'ଜଣ ବିଦାୟ ନେଇ ଚାଲିଗଲେ। ଅଥଚ ଛାଡିଗଲେ ଅନେକ ପ୍ରଶ୍ନ। ସେ ପ୍ରଶ୍ନ ଜାଲରେ ମୁଁ ଆଜିଯାଏ ଘାଣ୍ଟିହଉଛି। ଏ ଯାଏ ନିଷ୍ପତ୍ତି ନେଇପାରୁନି, ଜରାଶ୍ରମ ଖୋଲିବା ଉଚିତ ହେବ କି ଅନୁଚିତ।

ମୋ– ୯୪୩୭୨୮୬୫୧୨

# ସାବତ ମାଆର ପୁଅ



ମନ–ମାନଚିତ୍ର

ଡ. ନରହରି ବେହେରା

ସଂସାରରେ ଭାଗ୍ୟବାନ ସନ୍ତାନଟିଏ ହିଁ ମାଆର ସ୍ନେହ ଲାଭ କରିଥାଏ। ତାହାଠାରୁ ସେ ସନ୍ତାନ ଆହୁରି ଅଧିକ ଭାଗ୍ୟବାନ, ଯିଏ ସାବତ ମାଆଠାରୁ ମାଆର ସ୍ନେହ ପାଇଥାଏ। ଯେଉଁ ସାବତ ମାଆ ନିଜ ସନ୍ତାନ ପରି ଅନ୍ୟ ସନ୍ତାନକୁ ମାଆର ସ୍ନେହ ଦେଇପାରନ୍ତି, ସେ ସର୍ବଦା ନମସ୍ୟା। ମାତ୍ର ଅଧିକାଂଶ କ୍ଷେତ୍ରରେ ସାବତ ମାଆଠାରୁ ଏ ସ୍ନେହ ମିଳେନାହିଁ।

ଦିନେ ସମ୍ରାଟ୍ ସୁଲେମାନଙ୍କ ନିକଟରେ ଗୋଟିଏ ଶିଶୁପୁତ୍ରକୁ ଧରି ଦୁଇଜଣ ମହିଳା ଆସି ପହଞ୍ଚିଲେ। ଏ ଦୁଇ ମହିଳା ସେହି ଶିଶୁପୁତ୍ରକୁ ନିଜର ସନ୍ତାନ ବୋଲି ଦାବି କଲେ। ସମ୍ରାଟ୍ ଥିଲେ ବିଚାର–ବିଚକ୍ଷଣ। ସେ କିଛି ମୁହୂର୍ତ୍ତ ଚିନ୍ତାକରି ଶିଶୁ ପୁତ୍ରଟିକୁ ଦୁଇଖଣ୍ଡ କରି ଦୁଇ ମହିଳାଙ୍କ ମଧ୍ୟରେ ବାଣ୍ଟିଦେବା ପାଇଁ ଦୂତକୁ ଆଦେଶ ଦେଲେ। ଏଥିରେ ନକଲି ମାଆଟି ଖୁସିହୋଇ ସମ୍ରାଟ୍‌ଙ୍କ ଆଦେଶକୁ ସ୍ୱୀକୃତି ଜଣାଇଲା। ମାତ୍ର ପ୍ରକୃତ ମାଆଟି କାନ୍ଦି କାନ୍ଦି ସମ୍ରାଟ୍‌ଙ୍କ ନିକଟରେ ଅଳିକରି କହିଲା– ମୋ ପୁଅକୁ ଦୁଇଖଣ୍ଡ କରି କାଟିବାର ଆବଶ୍ୟକତା ନାହିଁ ସମ୍ରାଟ୍, ବରଂ ସେ ଏ ଶିଶୁପୁତ୍ରଟିକୁ ଏକାକୀ ନେଇଯାଉ, ମୋ ପୁଅ ବଞ୍ଚି ରହିଥାଉ। ଏହା ହିଁ ପ୍ରକୃତ ମାଆ ଓ ସାବତ ମାଆ ମଧ୍ୟରେ ପ୍ରଭେଦ।

ଆଜି ଆମେ ଯେଉଁ ସାବତ ମାଆର କଥା କହିବାକୁ ଚାହୁଁଛୁ, ସେ ସେହି ସାମାଜିକ ସ୍ୱୀକୃତି ଲାଭ କରିଥିବା ସାବତ ମାଆ ନୁହେଁ। ସେ ହେଉଛନ୍ତି ଏହି ବିଷମ ଭାବ ରଖିଥିବା ପ୍ରଶାସନ। ଆମେ ଜାଣୁ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ପ୍ରତିନିଧିମାନେ ହିଁ ବିଧିବିଧାନ ଏବଂ ସମ୍ବିଧାନକୁ ପ୍ରଚଳନ କରିଥାନ୍ତି। ଦୁଃଖୀ, ଦରିଦ୍ର ଓ ସାଧାରଣ ଜନତାର ସେମାନେ ହିଁ ମାଆବାପା। ସେମାନଙ୍କ ପାଖରେ ସମଭାବ ରହିବା ଉଚିତ। ସେମାନେ ଯଦି ସମାଜରେ ଥିବା ବିଭିନ୍ନ ବର୍ଗର ମଣିଷଙ୍କ ପ୍ରତି ଭିନ୍ନ ଭିନ୍ନ ଦୃଷ୍ଟି ଦିଅନ୍ତି, ତେବେ ସେମାନଙ୍କଠାରେ ଏହି ସାବତ ମାଆପଣିଆ ରହିଛି ବୋଲି କହିବାକୁ ହେବ।

ଆମେ ଜାଣୁ ଯେତେ ଛାଟିପିଟି ହେଲେ ବି ଭାରତ ଆଗାମୀ ପଚାଶ ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟାଧିରୁ ମୁକୁଳିବାର ସମ୍ଭାବନା ନାହିଁ। ସଂରକ୍ଷଣର ଆବଶ୍ୟକତା ଅଛି କି ନାହିଁ ତାହା ଏକ ଭିନ୍ନ ପ୍ରସଙ୍ଗ ଏବଂ ସେ ସଂକ୍ରାନ୍ତରେ କିଛି ଅଭିବ୍ୟକ୍ତି ରଖିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ। ମାତ୍ର ଦିନକୁ ଦିନ ଆମ ଶାସନର ଡୋରି ଧରିଥିବା ଶାସକ ବା ସରକାର ପଦବାଚ୍ୟ ବାବୁମାନେ କାହିଁକି ସାଧାରଣବର୍ଗଙ୍କ ପାଇଁ କଠୋର ହୋଇପଡୁଛନ୍ତି ସେ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ଏହାର ଲକ୍ଷ୍ୟ।

ପ୍ରଥମେ ଓଡ଼ିଶା କଥା ବିଚାର କରାଯାଉ। ସାଧାରଣ ବର୍ଗର ପିଲାମାନେ ସଂରକ୍ଷଣ ବ୍ୟାଧିରେ ଶଢୁଥିବାବେଳେ ଏବେ ତାଙ୍କ ଉପରେ ସରକାର ଆଉ ଗୋଟିଏ ଦଣ୍ଡବିଧାନ କରିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ପ୍ରଶାସନିକ ସେବା, ଓଡ଼ିଶା ଅର୍ଥ ସେବା ପ୍ରଭୃତି ଗୋଟିଏ ଗୋଟିଏ ସମ୍ମାନଜନକ ବୃତ୍ତି ଭାବରେ ଗଣାହୋଇଥାଏ। ଏଥିପାଇଁ ପ୍ରାୟ ସବୁ ବିଦ୍ୟାର୍ଥୀ ଆଶାୟୀ ଥା'ନ୍ତି। ନିଜକୁ ପ୍ରସ୍ତୁତ ମଧ୍ୟ କରିଥା'ନ୍ତି। ମାତ୍ର ଦୁଃଖର ବିଷୟ, ସାଧାରଣ ବର୍ଗର ଗରିବ ପିଲାଟିଏ କୌଣସି ସଂରକ୍ଷଣ ସୁବିଧା ପାଉ ନ ଥିବାବେଳେ ଓପିଏସ୍‌ସି କର୍ତ୍ତୃପକ୍ଷ ଏବେ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ମାତ୍ର ଚାରୋଟି ସୁଯୋଗ ପ୍ରଦାନ କରିଛନ୍ତି। ୨୦୧୫ ପର୍ଯ୍ୟନ୍ତ ସାଧାରଣ ବର୍ଗର ପରୀକ୍ଷାର୍ଥୀମାନେ ଓଡ଼ିଶା ସିଭିଲ୍ ସର୍ଭିସ୍ ପାଇଁ ଛ'ଥର ପରୀକ୍ଷା ଦେଇପାରୁଥିଲେ। ମାତ୍ର କର୍ତ୍ତୃପକ୍ଷ କାହିଁକି ଏହି ସୁଯୋଗ ଚାରିଥରକୁ ହ୍ରାସ କରିଦେଲେ ଏବଂ ଏହା ମୂଳରେ କି ଯୁକ୍ତି ଅଛି, ତାହା ଜଣାପଡୁ ନାହିଁ। ସାଧାରଣ ବର୍ଗର ପରୀକ୍ଷାର୍ଥୀମାନେ ସଂରକ୍ଷଣର ସୁବିଧା ପାଉ ନ ଥିବାରୁ ଏହି ଛଅଥର ସୁଯୋଗ ତାଙ୍କ ପାଇଁ ଏକମାତ୍ର ସାନ୍ତ୍ୱନା ଥିଲା। ମାତ୍ର ଏତିକି ବି ଆମ ବଡ଼ବଡ଼ିଆଙ୍କ ଆଖିରେ ଗଲାନାହିଁ। ପରୀକ୍ଷା ଦେବାର ସୁଯୋଗକୁ ଛ'ଥରରୁ ଚାରିଥରକୁ ଖସାଇଦେଲେ। ସାମାଜିକ ଓ ଆର୍ଥିକ ପଛୁଆ ବର୍ଗର ପରୀକ୍ଷାର୍ଥୀମାନେ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ପାଇଁ ସାତଥର ସୁଯୋଗ ପାଇଥାନ୍ତି। ଅନ୍ୟପକ୍ଷରେ ଏସ୍‌ସି ଏବଂ ଏସ୍‌ଟି ପରୀକ୍ଷାର୍ଥୀମାନଙ୍କ ପାଇଁ ଅନିର୍ଦ୍ଦିଷ୍ଟ ଥର ପରୀକ୍ଷା ଦେବାର ସୁଯୋଗ ଅଛି।

ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ ଯେ, ଜଣେ ପରୀକ୍ଷାର୍ଥୀ ଯଦି ପ୍ରିଲିମିନାରି ପରୀକ୍ଷାରେ ଗୋଟିଏ ବିଷୟରେ ପରୀକ୍ଷା ଦେଇ କୌଣସି କାରଣବଶତଃ ଆଉ ପରୀକ୍ଷା ଦେଇପାରିଲା ନାହିଁ, ତେବେ ତାକୁ ଗୋଟିଏ ସୁଯୋଗ ହରାଇବାକୁ ପଡ଼ିବ। ଜଣେ ପରୀକ୍ଷାର୍ଥୀ କେତେ ପ୍ରତିକୂଳ ପରିସ୍ଥିତିରେ ପରୀକ୍ଷା ଦେଇଥାଏ, ସେକଥା ଆମେ ସବୁ ପ୍ରାୟ ଊଣାଅଧିକେ ଜାଣୁ। ତା'ସତ୍ତ୍ୱେ ସଂରକ୍ଷଣ ବା ପରୀକ୍ଷା ଦେୟ ପ୍ରଭୃତିରେ କୌଣସି ସୁବିଧା ପାଉ ନ ଥିବା ସାଧାରଣ ବର୍ଗଙ୍କୁ ମାତ୍ର ଚାରିଥର ପରୀକ୍ଷା ଦେବାର ସୁଯୋଗ ଦେବା ଏକ ବୈମାତୃକ ବିଚାର ନୁହେଁ କି? ଏପରି ନିୟମ ସୂଚାଇ ଦେଉନାହିଁ କି, ଯିଏ ପାଉଛି ସବୁ ପାଉ, ଯିଏ ନ ପାଉଛି ସେ ଚୁଲିକୁ ଯାଉ। ଏଠାରେ ମନେପଡୁଛି ଗୋଟିଏ ଢଗ– ବଡ଼ ପୁଅ ବାପର, ସାନ ପୁଅ ମାଆର, ମଝିଆ କାହାର? ସେହିପରି ଏ ସାଧାରଣ ବର୍ଗ ଖଣ୍ଡେ ଚାକିରି ପାଇଁ କାହାର ଆଶ୍ରୟ ନେବେ– ତାହା ହିଁ ପ୍ରଶ୍ନ।

ଏ କ୍ଷେତ୍ରରେ କେନ୍ଦ୍ରୀୟ ଲୋକ ସେବା ଆୟୋଗ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏବେ ଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ଜଣେ ସାଧାରଣ ବର୍ଗର ପରୀକ୍ଷାର୍ଥୀ ତିରିଶ ବର୍ଷ ପର୍ଯ୍ୟନ୍ତ ଏବଂ ସର୍ବାଧିକ ଛଅଥର ଦେଇପାରୁଛନ୍ତି। ମାତ୍ର ନୀତି ଆୟୋଗ ଏବେ ସେମାନଙ୍କ ସର୍ବାଧିକ ବୟସ ସୀମା ତିରିଶରୁ ସତେଇଶ ବର୍ଷକୁ ଖସାଇ ଦେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ସେ ସହସା ଏ ପଦକ୍ଷେପ ନେବେନାହିଁ ବୋଲି ଜଣାଯାଇଛି। ୨୦୨୨–୨୩ ମସିହାଠାରୁ ପର୍ଯ୍ୟାୟକ୍ରମେ ସେ ଏହି ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ ପାଇଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି, ଏପରି ସଣ୍ଢୁଆସି ଆକ୍ରମଣ ଏହି ସାଧାରଣ ବର୍ଗର ପିଲାମାନଙ୍କ ପାଇଁ କାହିଁକି? କେତେବେଳେ ବୟସକୁ କାଟ୍‌ଛାଣ୍ଟ କରାଯାଉଛି ତ ପୁଣି କେତେବେଳେ ତାଙ୍କୁ ପରୀକ୍ଷା ସୁଯୋଗରୁ ବଞ୍ଚିତ କରାଯାଉଛି। ସାଧାରଣ ବର୍ଗ ସତରେ କ'ଣ ସାବତ ମାଆର ପୁଅ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ୍, ଭଦ୍ରକ,
narahari1965@gmail.com

## ଏଇ ଭାରତରେ

ଭାରତରେ ଏପରି ଏକ ନଦୀଘାଟ ଅଛି, ଯେଉଁଠି ଗାଧୋଇଲେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥାଏ। କାଶୀରେ ଗଙ୍ଗାକୂଳରେ ରହିଛି ୮୪ଟି ଘାଟ। ସବୁଘାଟରେ ସ୍ନାନକଲେ ପୁଣ୍ୟ ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ତେବେ ସେଠାରେ ଥିବା କୁବାଇ ଘାଟରେ ସ୍ନାନ କଲେ ଦମ୍ପତିଙ୍କ ପାରିବାରିକ ଜୀବନରେ ଝଡ଼ ଉଠିବା ସହିତ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଦମ୍ପତିଙ୍କ ଚିନ୍ତାଧାରାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥାଏ। ପରବର୍ତ୍ତୀ ସମୟରେ ଏହା ଛାଡ଼ପତ୍ରରେ ପରିଣତ ହୋଇଥାଏ ବୋଲି ସ୍ଥାନୀୟ ଲୋକେ କହିଥାଆନ୍ତି। ତେଣୁ ଏହି ଘାଟରେ ସ୍ନାନକରିବା ଲାଗି ଦମ୍ପତିଙ୍କୁ ବାରଣ କରାଯାଇଥାଏ। ଏ ସମ୍ପର୍କିତ ଏକ ବୋର୍ଡ ମଧ୍ୟ ସେଠାରେ ଟଙ୍ଗାଯାଇଛି। କୁହାଯାଏ ଏହି ଘାଟକୁ ଦେବର୍ଷି ନାରଦ ନିର୍ମାଣ କରିଥିଲେ। ସେ ବ୍ରହ୍ମଚାରୀ ଥିବାରୁ ଦାମ୍ପତ୍ୟ ଜୀବନରେ ବିଚ୍ଛେଦ ସୃଷ୍ଟି ହୋଇଥାଏ। ଏହାକୁ ନାରଦ ଘାଟ ଏବଂ ପତ୍ନୀମୁକ୍ତି ଘାଟ ମଧ୍ୟ କୁହାଯାଇଥାଏ। ବିଭିନ୍ନ ପାରିବାରିକ କାରଣରୁ ପତ୍ନୀଙ୍କଠାରୁ ମୁକ୍ତି ପାଇବାକୁ ଚାହୁଁଥିବା ପୁରୁଷ ଏଠାରେ ସ୍ନାନ କଲେ ସେମାନଙ୍କ ପତ୍ନୀ ଦୂରେଇ ଯାଇଥାଆନ୍ତି ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ତୈଳହୀନ ପ୍ରଦୀପର କ୍ଷୀଣ ରଶ୍ମିରେଖା
ନିମିଷେକ ଲାଗି ଦିଏ ଦେଖା
ନିମିଷେକ ପରେ ପୁଣି ନିବିଡ଼ ତମସା ଅନ୍ତରାଳେ
କାହିଁ ଯେ ଉଭେଇ ଯାଏ ଦେଖିଅଛି କିଏ କେଉଁ କାଳେ ?
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଫେବୃଆରୀ ୧୯୯୪

- ଅର୍ଥନୈତିକ, ବାଣିଜ୍ୟ, ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ଅଧିକ ସହଯୋଗ ରକ୍ଷା ଲାଗି ଭାରତ ଓ ମଙ୍ଗୋଲିଆ ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷରିତ।
- ରାମ ଜନ୍ମଭୂମି–ବାବ୍ରୀ ମସ୍‌ଜିଦ ବିବାଦ ସମ୍ପର୍କିତ ସମସ୍ତ ବିଷୟ ଉପରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଆରମ୍ଭ।
- ରୁଆଣ୍ଡାର ଶକ୍ତିମନ୍ତ୍ରୀ ଫେଲିସିନଙ୍କୁ କେତେକ ଅଜଣା ସଶସ୍ତ୍ର ବ୍ୟକ୍ତି ଗୁଳିକରି ହତ୍ୟା କରିଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | | 1 | | | | | D | | 9 | B |
| | | 2 | E | | | D | 7 | 6 | | 3 | 1 | A | | |
| | | | | 8 | | C | 3 | | A | 6 | | | 1 | |
| | | | | | | | | | 9 | | 2 | 3 | | |
| E | | | | | | | | 0 | | 4 | 5 | D | 6 | 7 |
| | | | | 6 | E | | D | 7 | | B | | | 8 | |
| | | 7 | 5 | 9 | | | C | | | 1 | | | | 4 |
| | 8 | | | A | 4 | | 2 | | | | | | D | |
| | | 9 | | D | C | 3 | | 8 | | | | 1 | E | |
| | | | | | | | | B | 3 | | 6 | 5 | 2 | 9 |
| | | B | | 4 | | | | | 5 | | 7 | 8 | | |
| | | | | B | | E | | | | 9 | 8 | | | |
| | | | 1 | C | 9 | | 4 | | | | 0 | | B | 2 |
| | | 5 | | | 6 | | | D | E | | | | | |
| | 4 | 6 | 0 | | 5 | | | | | 2 | 3 | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଙ୍କଡ ହାତରେ ଶାଳଗ୍ରାମ

ମହାଶୟ,

ଧରିତ୍ରୀ (୧୨।୨)ର ପ୍ରଥମ ପୃଷ୍ଠାରେ ଲଜ୍ଜାକର ଖବର ପାଠକରି ମୁଁ ଭାବୁଛି ଇଂରେଜ ଶାସନ ଖୁବ୍ ଭଲ ଥିଲା। ମାଙ୍କଡ ହାତରେ ଶାଳଗ୍ରାମ ପରି ଆମ ଗଣତନ୍ତ୍ର ଶାସନ। ଥାନାରେ ପଡିଛି ୧୧ ହଜାର ମାମଲା। ୧୧ ବର୍ଷରେ ୯୩ ହତ୍ୟା, ୧୪୩ ବଳାତ୍କାର, ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା। ଅଭିଯୋଗ ପରେ ପୋଲିସ ଠିକ୍ ପଦକ୍ଷେପ ନେଉନାହାନ୍ତି। ରାଜନୈତିକ ଚାପ ଓ ଅର୍ଥ ବଳରେ ଅନ୍ୟାୟ ଅନୀତି ବଢିଚାଲିଛି। ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ସେ ଏସବୁକୁ କଠୋର ହସ୍ତରେ ଦମନ କରନ୍ତୁ। ପିଠା, କାଳିଆ ସହିତ କଠୋର ଆଇନ ପ୍ରଣୟନ କରନ୍ତୁ। ଲୋକେ ଶାନ୍ତିରେ ରହିବାକୁ ଚାହୁଁଛନ୍ତି। ନିଶା ସେବନ ଯୋଗୁ ମଣିଷ ଅମଣିଷ ପାଲଟିଯାଉଛି। ନିଶା ନିବାରଣ ହେଉ, ଉପଯୁକ୍ତ ଶିକ୍ଷାର ପ୍ରସାର ହେଉ।

ବାବାଜୀ ଚରଣ ସେଠୀ, ଶ୍ରୀରାମନଗର, ଭୁବନେଶ୍ୱର

### ବାପପୁଅ ରାତି ଅନିଦ୍ରା

ମୋଦିଙ୍କ ନେତୃତ୍ୱରେ ଗଠିତ ଏନ୍‌ଡିଏ ସରକାର ୧୩୦ରୁ ଅଧିକ ଯୋଜନା କାର୍ଯ୍ୟକାରୀ କରିବା ସହ ବହୁ ସଂସ୍କାରଧର୍ମୀ ନିଷ୍ପତ୍ତି ନେଇଛନ୍ତି। ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୌଭାଗ୍ୟ, ସ୍ୱଚ୍ଛ ଭାରତ, ବେଟି ବଚାଓ ବେଟି ପଢାଓ, ମୁଦ୍ରା ଓ ଆୟୁଷ୍ମାନ ଭାରତ ଯୋଜନାରେ ଆଶାତୀତ ସଫଳତା ମିଳିଛି ବୋଲି କୁହାଯାଉଛି। ଏସବୁ ସତ୍ତ୍ୱେ ଦେଶରେ ଦାରିଦ୍ର୍ୟ, ବେକାରି, କ୍ଷୁଧା ଓ ଅପପୁଷ୍ଟି ବୃଦ୍ଧିପାଇଛି। ବେକାରି ଗତ ୪୫ ବର୍ଷରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ବ୍ୟାଙ୍କ ଠକେଇ ଓ ସାଇବର ଅପରାଧ ବଢ଼ିଛି। ଅସହିଷ୍ଣୁତା ଓ ମାନବିକ ଅଧିକାର ଉଲ୍ଲଂଘନ ବଢ଼ିଛି। ଦଳିତ, ସଂଖ୍ୟାଲଘୁ ମହିଳା ଓ ଗଣମାଧ୍ୟମ ଉପରେ ଅତ୍ୟାଚାର ବଢ଼ିଛି। ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅନୁଷ୍ଠାନର ସ୍ୱାୟତ୍ତତା କ୍ଷୁଣ୍ଣ ହୋଇଛି। ସଂକ୍ଷେପରେ କହିବାକୁ ଗଲେ ଦେଶକୁ ସୁଶାସନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ସକଳ ଉଦ୍ୟମ ସତ୍ତ୍ୱେ ବିକାଶର ସୁଫଳ ତୃଣମୂଳ ସ୍ତରରେ ଗରିବ ଓ ବେକାରିଙ୍କ ପାଖରେ ପହଞ୍ଚିନାହିଁ ଓ ବିଭିନ୍ନ ମାନବ ବିକାଶ ସୂଚକାଙ୍କରେ ଭାରତ ବିଶ୍ୱରେ ନିମ୍ନଗାମୀ ହୋଇଛି। ଏହା ଠିକ୍ 'ବାପପୁଅ ରାତି ଅନିଦ୍ରା ମୁଗୁରା ମୁହଁ ମେଲା' ପରି।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡି,ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

ଢେଙ୍କାନାଳ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲା

### ମୁଖ୍ୟ ଅଭିଯୁକ୍ତ, ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨୨।୨:** ଢେଙ୍କାନାଳର ଗୁଡ୍ ନ୍ୟୁଜ ଇଣ୍ଡିଆ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫୟାଜ ରହମନ ଓ ତାଙ୍କ ସହଯୋଗୀ ଉଦିତ କୁମାର ଲିମାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଗତ ୨୦ ତାରିଖରେ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ହୋଇଥିଲା। ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ତେବେ ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି। ଯେଉଁଥିରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଛି। ସୂଚନାଥାଉ କି, ଉକ୍ତ ଶେଲ୍‌ଟର ହୋମରେ ରହୁଥିବା ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ସେଲ୍‌ଟର ହୋମର ମୁଖ୍ୟ ଫୟାଜ ରହମନ ଓ ତାଙ୍କର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଏମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ମଧ୍ୟରୁ ଫୟାଜ ଓ ଲିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଖୁସି ଯୋଜନାକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨୨।୨(ବ୍ୟୁରୋ)

- ୧୭.୨୫ ଲକ୍ଷ ଛାତ୍ରୀଙ୍କୁ ମିଳିବ ମାଗଣା ସାନିଟାରୀ ନାପକିନ
- ୫ ବର୍ଷରେ ଖର୍ଚ୍ଚ ହେବ ୪୬୬ କୋଟି
- ସବୁ ସହରରେ ଆହାର
- ଦୈନିକ ୧ ଲକ୍ଷ ଲୋକଙ୍କୁ ୫ଟଙ୍କିଆ ଡାଲମା ଭାତ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ୮ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ କରିଛି। ସରକାରୀ ସ୍କୁଲ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପାଠ ପଢୁଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ରାଜ୍ୟ ସରକାର ଖୁସି ଯୋଜନାରେ ମାଗଣା ସାନିଟାରୀ ନାପକିନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ଯୋଜନାରେ ପ୍ରତ୍ୟେକ ଛାତ୍ରୀଙ୍କୁ ମାସକୁ ୧୮ଟି ଲେଖାଏ ସାନିଟାରୀ ନାପକିନ ଯୋଗାଇ ଦିଆଯିବ। ଏଥିରେ ୧୭ ଲକ୍ଷ ୨୫ ହଜାର ଛାତ୍ରୀ ଉପକୃତ ହେବେ। ଏହି ଯୋଜନାରେ ୫ ବର୍ଷ ପାଇଁ ୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଘୋଷଣା କରିଥିଲେ। ହୋମିଓପାଥିକ ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ନିଯୁକ୍ତି ପାଇଁ ଆବେଦନ କରିବାକୁ ଥିବା ବୟସ ସୀମାରେ କୋହଳ କରାଯାଇଛି। ଏଣିକି ହୋମିଓପାଥିକ ନିଯୁକ୍ତି ପାଇଁ ବୟସ ସୀମା ୪୦ ବର୍ଷ ରହିବ। ପୂର୍ବରୁ ୩୨ ବର୍ଷ ଥିଲା। ଗତ କିଛିବର୍ଷ ହେବ ହୋମିଓପାଥିକରେ କୌଣସି ନିଯୁକ୍ତି ଦିଆଯାଇନଥିବାରୁ ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ସୁଯୋଗ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ସବୁ ସହରରେ ଆହାର କେନ୍ଦ୍ର ଖୋଲିବ। ରାଜ୍ୟରେ ଥିବା ୧୧୪ଟି ପୌରାଞ୍ଚଳରେ ୧୫୭ଟି ଆହାର କେନ୍ଦ୍ର ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଦୈନିକ ୧ ଲକ୍ଷ ଲୋକଙ୍କୁ ୫ ଟଙ୍କିଆ ଡାଲମା ଭାତ ଯୋଗାଇ ଦିଆଯିବ। କେତେକ ସ୍ଥାନରେ ରାତ୍ରିରେ ମଧ୍ୟ ଖାଇବାକୁ ମିଳିବ। ଏଥିପାଇଁ ବାର୍ଷିକ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୩୧ ତାରିଖରେ ସମସ୍ତ ସହରରେ ଆହାର କେନ୍ଦ୍ର ଖୋଲିବାକୁ ଘୋଷଣା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।



ଭୁବନେଶ୍ୱର ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ଆରମ୍ଭ ହୋଇଥିବା ଆଇସିଏସ୍ଇ ଦଶମ ପରୀକ୍ଷା ଦେଉଛନ୍ତି।

## ଚିଲିକା ବ୍ଲକ ଉପାଧ୍ୟକ୍ଷ ଭାଜପାରୁ ନିଲମ୍ବିତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ ଓ ସରପଞ୍ଚ ମମତା ପାଇକରାୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା



**ମୁମ୍ବାଇ:** କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟର ସର୍ବାଧିକ ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଦୀପିକା। ସେ ପ୍ରାୟତଃ ପ୍ରତ୍ୟେକ ଦିନ ବିଶେଷ କାର୍ଯ୍ୟକ୍ରମ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି। ନିକଟରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ରାଜନୀତିରେ ଯୋଗଦେବା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ସେ କହିଥିଲେ, ରାଜନୀତିରେ ତାଙ୍କର ବିଶେଷ କିଛି ଅଭିଜ୍ଞତା ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ତାଙ୍କର ଭବିଷ୍ୟତରେ ସେପରି କିଛି ଯୋଜନା ଅଛି। କେବେ ରାଜନୀତିରେ ମିଶିବାର ସୁଯୋଗ ମିଳିଲେ ସେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଅଧିକ ପସନ୍ଦ କରିବେ। କାରଣ ସେ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଦୀପିକାଙ୍କୁ ମେଘ୍‌ନା ଗୁଲ୍‌ଜାରଙ୍କ 'ଛପକ'ରେ ଦେଖିବାକୁ ମିଳିବ। ଏସିଡ୍ ଆକ୍ରମଣର ଶିକାର ହୋଇ ବଞ୍ଚିଯାଇଥିବା ଜଣେ ମହିଳା (ଲକ୍ଷ୍ମୀ)ଙ୍କ ଭୂମିକାରେ ସେ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବିକ୍ରାନ୍ତ ମାସି। ଫିଲ୍ମର ଶୁଟିଂ କାର୍ଯ୍ୟ ଚାଲୁରହିଥିବା ବେଳେ ଏହା ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ।

## ବାଘ ନୁହେଁ ବୋଲି ପଗ୍‌ମାର୍କରୁ ସ୍ପଷ୍ଟ

**ପୁଣି ରାଜଧାନୀରେ ବାଘ ଆତଙ୍କ**

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ରାଜଧାନୀରେ ପୁଣି ବାଘ ଆତଙ୍କ। ରଙ୍ଗମାଟିଆ ତଳସାହି ଅଞ୍ଚଳରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କେଶବ ମନ୍ତ୍ରୀ ନାମକ ବ୍ୟକ୍ତି ଏହି ଅଞ୍ଚଳରେ ବାଘ ବୁଲୁଥିବାର ଦେଖିଥିବା କହିଥିଲେ। ଖବର ପାଇ ଶୁକ୍ରବାର ସକାଳୁ ବନ ବିଭାଗ ଉକ୍ତ ଅଞ୍ଚଳକୁ ଯାଇ ତନାଘନା କରିଥିଲା। ନଗର ବନଖଣ୍ଡ ପକ୍ଷରୁ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସମେତ ୧୦ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ପାଦଚିହ୍ନ ଦେଖି ତା'ର ପଗ୍‌ମାର୍କ ସଂଗ୍ରହ କରିଥିଲେ। ପରେ ତାକୁ ନନ୍ଦନକାନନରେ ପରୀକ୍ଷା କରିବା ପରେ ତାହା ବାଘର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ତଥାପି ରାତିସାରା ପାଟ୍ରୋଲିଂ କରାଯିବ ବୋଲି ଗୋବିନ୍ଦ ବିଶ୍ୱାଳ କହିଛନ୍ତି। ଯେହେତୁ ପାଦଚିହ୍ନରୁ ବାଘ ନୁହେଁ ବୋଲି ପ୍ରମାଣିତ ହୋଇସାରିଛି, ତେଣୁ ଲୋକେ ଭୟ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। କାରଣ କିଛିଦିନ ତଳେ ବିମାନବନ୍ଦର ପରିସରରୁ ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଥିଲା। ଜନବସତିରେ ବାଘ ପଶିବାର ଭୟ ଥମି ନ ଥିବାବେଳେ ପୁଣି ଏଭଳି ଘଟଣା ରାଜଧାନୀବାସୀଙ୍କୁ ଆହୁରି ଭୟଭୀତ କରାଇଦେଇଛି।

## ସଦାଶିବ ପ୍ରଧାନୀ, ବହୁ ଅବସରପ୍ରାପ୍ତ କର୍ମଚାରୀ ବିଜେଡିରେ ସାମିଲ

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଅନ୍ୟ ଦଳର ନେତାଙ୍କୁ ନିଜଆଡ଼କୁ ଟାଣିବା ପାଇଁ ସମସ୍ତେ ପ୍ରୟାସ କରୁଛନ୍ତି। ଶାସକ ବିଜେଡି ମଧ୍ୟ ଏହି ପ୍ରକ୍ରିୟାରେ ଅନ୍ୟ ଦଳଗୁଡ଼ିକଠାରୁ ସାମାନ୍ୟ ଆଗରେ ଥିବା ମନେହେଉଛି। ଅନ୍ୟ ଦଳର ବିଧାୟକ ହୁଅନ୍ତୁ ବା ତୃଣମୂଳସ୍ତରୀୟ ନେତା ସମସ୍ତଙ୍କୁ ନିଜ ଆଡ଼କୁ ଆଣୁଛି। ଏହି କ୍ରମରେ ଶୁକ୍ରବାର ନବରଙ୍ଗପୁରର ସଦାଶିବ ପ୍ରଧାନୀ ବିଜେଡିରେ ସାମିଲ ହୋଇଛନ୍ତି। ସଦାଶିବ ଜଣେ ବର୍ଷୀୟାନ୍ କଂଗ୍ରେସ ନେତା ତଥା ନବରଙ୍ଗପୁର ଏମ୍‌ପି ଖଗପତି ପ୍ରଧାନୀଙ୍କ ପୁତୁରା ଏବଂ ନବରଙ୍ଗପୁର ଜିଲାର ପ୍ରଥମ ଜିଲା ପରିଷଦ ଅଧ୍ୟକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁତ୍ର । ନାଲ୍‌କୋର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦବୀରୁ ଇସ୍ତଫା ଦେଇ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

ସଦାଶିବ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛି। ସେ ସାଧାରଣ ଜୀବନରୁ ଆସିଛନ୍ତି। ତେଣୁ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ବିକାଶ ପାଇଁ କାମ କରିବେ ବୋଲି ପ୍ରଧାନୀ କହିଛନ୍ତି। ସଦାଶିବଙ୍କ ଯୋଗଦାନ ସମୟରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଏମ୍‌ପି ବଳଭଦ୍ର ମାଝି, ପ୍ରତାପ ଦେବ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବଙ୍କୁ ବାଦ୍ ଦେଇ ଏକାଧିକ ଅବସରପ୍ରାପ୍ତ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ କଳାକାରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଉଛନ୍ତି– ସାଲେପୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବ୍ରହ୍ମାନନ୍ଦ ଶତପଥୀଙ୍କ ପୁତ୍ର ତଥା ସ୍ତମ୍ଭକାର ଗିରିଶ୍ ଚନ୍ଦ୍ର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ସୁଲୋଚନା ଦାସ, ପ୍ରଫେସର ଡ. କପିଳେଶ୍ୱର ମିଶ୍ର, ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ ଓ କିରଣ ରାଉତ, ପ୍ରଫେସର ଜୟକୃଷ୍ଣ ମହାନ୍ତ, ପ୍ରଫେସର ବିଜୟ କୁମାର ଟପ୍ପୋ, ଅବସରପ୍ରାପ୍ତ ଅତିରିକ୍ତ ଡିଜି ପୋଲିସ ଗୋପବନ୍ଧୁ ମଲ୍ଲିକ, ଭୁବନେଶ୍ୱର ଜିଲା ଲାୟନ ଗଭର୍ନର ବିଶ୍ୱନାଥ ମହାନ୍ତି, ଅବସରପ୍ରାପ୍ତ ସିଡିପିଓ ଛବି ମହାନ୍ତି, ଅବସରପ୍ରାପ୍ତ ସିଆର୍‌ଆର୍‌ଆଇ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସୁଜାତା ମିଶ୍ର ଏବଂ ଅର୍ଥନୀତିଜ୍ଞ ପ୍ରଫେସର ଡ. ହରିଶ୍ ଚନ୍ଦ୍ର ନାୟକ।

## ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱଳା: ସୁଷମା ସ୍ୱରାଜ

ଭୁବନେଶ୍ୱର,୨୨।୨(ବ୍ୟୁରୋ)



ଉଜ୍ଜ୍ୱଳା ଯୋଜନା ପରିବାରଗୁଡ଼ିକୁ କେବଳ ଗ୍ୟାସ ସିଲିଣ୍ଡର ପ୍ରଦାନ କରି ନାହିଁ। ଏହା ମହିଳାଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଶୁକ୍ରବାର ସାରା ରାଜ୍ୟର ଜିଲାସ୍ତରରେ ଅନୁଷ୍ଠିତ ଉଜ୍ଜ୍ୱଳା ଦିବସ କାର୍ଯ୍ୟକ୍ରମରେ ସ୍ୱରାଜ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓକନଫରେନ୍ସ ଯୋଗେ ସାମିଲ ହୋଇଥିଲେ। ଏହି ଅବସରରେ ସୁଷମା ସ୍ୱରାଜ କହିଛନ୍ତି ଯେ, କାଠ ଦ୍ୱାରା ରୋଷେଇ ଯୋଗୁ ମହିଳାଙ୍କ ଅନେକ ସମୟ ଅପଚୟ ହେଉଥିଲା। ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବା ସହ ପରିବେଶକୁ ମଧ୍ୟ ପ୍ରଦୂଷଣ କରୁଥିଲା। ମାତ୍ର ଉଜ୍ଜ୍ୱଳା ଆସିବା ପରେ ମହିଳାମାନେ ଏସବୁ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଉଜ୍ଜ୍ୱଳା ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱରାଜ ଧନ୍ୟବାଦ ଦେଇଛନ୍ତି।

ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଦ୍ୱାରା ଦେଶରେ ଏକ ନୂଆ କ୍ରାନ୍ତି ଆସିଛି। ପୂର୍ବରୁ ଏଲ୍‌ପିଜି ବିତରକ ସଂଖ୍ୟା ୧୩ ହଜାର ଥିବା ବେଳେ ଏହା ବର୍ତ୍ତମାନ ୨୩ ହଜାର ଟପିଛି। ବିତରଣ କେନ୍ଦ୍ର ବୃଦ୍ଧି ସହ କମନ ସର୍ଭିସ ସେଣ୍ଟର ମଧ୍ୟ ଯୋଡାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଉଜ୍ଜ୍ୱଳା ଦିଦି ସମାବେଶ ଆଜି

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ପକ୍ଷରୁ ସାରା ରାଜ୍ୟର ଉଜ୍ଜ୍ୱଳା ଦିଦିଙ୍କୁ ନେଇ ଏଠାକାର ମଞ୍ଚେଶ୍ୱର ସ୍ପୋର୍ଟସ କମ୍ପ୍ଲେକ୍ସ ଗ୍ରାଉଣ୍ଡଠାରେ ଏକ ସମାବେଶ ଶନିବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୧୦,୦୦୦ ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଓଏମ୍‌ସିଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଉଜ୍ଜ୍ୱଳା ଉପଭୋକ୍ତା ଏବଂ ବିତରକଙ୍କ ମଧ୍ୟରେ ଏକ ସେତୁ ଭାବେ ଉଜ୍ଜ୍ୱଳା ଦିଦି କାର୍ଯ୍ୟ କରିବେ। ଗ୍ରାମାଞ୍ଚଳର ଘରୋଇ ଉର୍ଜା କ୍ଷେତ୍ର ଏବଂ ବିତରଣ ନେଟ୍‌ୱର୍କରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ। କାର୍ଯ୍ୟକ୍ରମ ଅବସରରେ ତେଲ କମ୍ପାନୀର ଏସ୍‌ଏଲସି ତଥା ସିଜିଏମ୍ ଆଇଓସିଏଲ୍ ଶୁଭଜିତ ଘୋଷ, ଏଚ୍‌ପିସିଏଲ୍ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଓସିଏଲ୍ ଜିଏମ୍ ଏସ୍.କେ.ଝା, ରାଜ୍ୟସ୍ତରୀୟ ସଂଚାଳକ ଅନମୋଲ ବାରା ଏବଂ ସିନିୟର ମ୍ୟାନେଜର କର୍ପୋରେଟ କମ୍ୟୁନିକେଶନ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି । ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା ।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୯.୪ |
| ଚାନ୍ଦବାଲି | ୩୫.୭ | ୨୨.୫ |
| କଟକ | ୩୭.୨ | ୧୮.୮ |
| ପାରାଦ୍ୱୀପ | ୨୯.୬ | ୨୩.୨ |
| ଭୁବନେଶ୍ୱର | ୩୯.୨ | ୧୯.୭ |
| ଗୋପାଳପୁର | ୩୦.୮ | ୨୧.୪ |
| ପୁରୀ | ୩୦.୮ | ୨୩.୬ |
| ଅନୁଗୋଳ | ୩୬.୧ | ୧୫.୬ |
| ବାରିପଦା | ୩୬.୨ | ୨୦.୬ |
| ଝାରସୁଗୁଡ଼ା | ୩୫.୭ | ୧୯.୦ |
| କେନ୍ଦୁଝର | ୩୪.୬ | ୧୮.୦ |
| ସମ୍ବଲପୁର | ୩୫.୫ | ୧୮.୫ |
| ସୁନ୍ଦରଗଡ଼ | ୩୪.୦ | ୧୫.୫ |
| ହୀରାକୁଦ | ୩୫.୧ | ୧୮.୯ |
| ତାଳଚେର | ୩୬.୫ | ୧୮.୩ |
| ଭବାନୀପାଟଣା | ୩୭.୦ | ୧୯.୫ |
| ବଲାଙ୍ଗୀର | ୩୬.୫ | ୧୮.୦ |
| କୋରାପୁଟ | ୩୩.୦ | ୧୫.୦ |
| ଫୁଲବାଣୀ | --- | ୧୪.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୯.୨ | ୧୭.୨ |
| ସୋନପୁର | ୩୬.୪ | ୧୭.୨ |
| ଦାରିଙ୍ଗିବାଡ଼ି | ୩୨.୩ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ବର୍ଷେ

# କ୍ଷତ ଭରିନି, ଲୁହ ଶୁଖିନି

- ଜିଅନ୍ତା ଶବ ଭଳି ବଞ୍ଚିଛୁ:ରବୀନ୍ଦ୍ର
- ପୁଞ୍ଜିଲାଲକୁ ଫାଶୀଦଣ୍ଡ ବି କମ୍ ହେବ:ସଂଯୁକ୍ତା
- ସୌମ୍ୟଙ୍କ ସ୍ମୃତିରେ ହସ୍‌ପିଟାଲ, ଅନାଥାଶ୍ରମ କରିବି:ରିମା

ବଲାଙ୍ଗୀର ଅଫିସ, ୨୨।୨

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଶନିବାର ବର୍ଷେ ପୂରିଛି। ୨୦୧୮ ଫେବୃୟାରୀ ୨୩ ତାରିଖ। ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ଏକମାତ୍ର ପୁଅ ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ନବବିବାହିତା ବୋହୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ବାହାଘରର ମାତ୍ର ୫ ଦିନ ପରେ ରବୀନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ଆସିଥିଲା । ସେହି ପାର୍ସଲକୁ ସୌମ୍ୟ ଶେଖର ଖୋଲୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ସେହି ବିସ୍ଫୋରଣ ଏତେ ଭୟାନକ ଥିଲା ଯେ ଘରର ଛାତ ଉଡ଼ିଯିବା ସହିତ ଆସବାବପତ୍ର ଛିନ୍ନଛତ୍ର ହୋଇଯାଇଥିଲା । ଘଟଣାସ୍ଥଳରେ ହିଁ ସୌମ୍ୟ ଓ ଜେମାମଣିଙ୍କ ମୃତ୍ୟୁ ଘଟିଥିଲା । ନବବଧୂ ରିମା ଗୁରୁତର ହୋଇପଡିଥିଲେ । କେହି କିଛି ଚିନ୍ତା କରିବା ପୂର୍ବରୁ ବାହାଘରର ଖୁସି ଯେମିତି ପାଣିଫୋଟକା ପରି ଅସହ୍ୟ ଦୁଃଖରେ ଲୀନ ହୋଇଯାଇଥିଲା ।

ଏହି ଲୋମଟାଙ୍କୁରା ଜଘନ୍ୟକାଣ୍ଡର ୧ ବର୍ଷ ପରେ ପୁଣିଥରେ ସେହି ଘଟଣା ଆଲୋଚ୍ୟ ବିଷୟ ହୋଇଛି । ସୌମ୍ୟ ଓ ରିମାଙ୍କ ପରିବାର ଲୋକେ, ସମ୍ପର୍କୀୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୌମ୍ୟଙ୍କ ମା'ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ସେମାନେ ସେଦିନରୁ ଜିଅନ୍ତା ଶବ ପାଲଟି ଯାଇଥିବା କହିଛନ୍ତି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଯେତେ ଶୀଘ୍ର ଫାଶୀ ଦିଆଯିବ ତାହା ଠିକ୍ ହେବ ବୋଲି ସେମାନେ କହିଛନ୍ତି । ପାଣି ଭିତରୁ ମାଛକୁ କାଢ଼ି ନେଲେ ଯେଭଳି ସିଏ ଛଟପଟ ହୋଇ ମରିଯାଏ, ସେଭଳି ଅବସ୍ଥା ଆମର । ମାଛ ମରିଯାଏ । ହେଲେ ଏଭଳି ସ୍ଥିତିରେ ଆମେ ମରିପାରୁନାହିଁ ବୋଲି ଅଧ୍ୟାପକ ସାହୁ କହିଛନ୍ତି । ଆମ ସୁନାର ସଂସାରକୁ ପୁଞ୍ଜିଲାଲ ଧୂଳିସାତ୍ କରିଦେଲା ବୋଲି କହିଛନ୍ତି । ପୁଅକୁ ବିବାହ କରିବା ପରେ ଏକ ସୁଖ ଜୀବନର ପରିକଳ୍ପନା କରିଥିଲୁ । ମାତ୍ର ସେ ସବୁ ଓଲଟପାଲଟ ହୋଇଗଲା । ଏବେ କେବଳ ମୃତ୍ୟୁକୁ ଅପେକ୍ଷା କରିବା ଭଳି ସ୍ଥିତିରେ ଆମେ ରହିଛୁ ବୋଲି ଅଧ୍ୟାପକ ସାହୁ କହିଛନ୍ତି ।

ମୃତ ସୌମ୍ୟ ଶେଖରଙ୍କ ମା' ସଂଯୁକ୍ତା ସାହୁ ୨୦୧୪ ମସିହାରେ ବରଗଡ଼ ଜିଲା ଝାରବନ୍ଧ କଲେଜରୁ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜକୁ ବଦଳି ହୋଇ ଆସିଥିଲେ । ସେତେବେଳେ ଇଂଲିଶ ବିଭାଗ ଅଧ୍ୟାପକ ଥିବା ପୁଞ୍ଜିଲାଲ ମେହେର କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ୨୦୧୭ ମସିହାରେ ବରିଷ୍ଠତା ଭିତ୍ତିରେ ସଂଯୁକ୍ତା ସାହୁ ପୁଞ୍ଜିଲାଲଙ୍କଠାରୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଘଟଣା ପରେ ପୁଞ୍ଜିଲାଲ ପ୍ରତିଶୋଧପରାୟଣ ହୋଇପଡିଥିଲେ । ସେଦିନଠାରୁ ସେ ଏପରି ଷଡ଼ଯନ୍ତ୍ର କରିଥିବା କ୍ରାଇମବ୍ରାଞ୍ଚ କହିଛି । ଏହି ତଥ୍ୟକୁ ଆଧାର କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲଙ୍କୁ ଗିରଫ କରିଛି । ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ । ଅଧ୍ୟକ୍ଷ ଚୌକି ତାଙ୍କ ପୁଅର ଜୀବନ ନେଇଯିବ ଓ ମୋର ପରିବାରକୁ ଛାରଖାର କରିଦେବ ବୋଲି ସେ କେବେ ବି କଳ୍ପନା ମଧ୍ୟ କରି ନ ଥିଲେ ବୋଲି ସଂଯୁକ୍ତା କହିଛନ୍ତି । ପୁଞ୍ଜିଲାଲ ପାଇଁ ଫାଶୀଦଣ୍ଡ ମଧ୍ୟ କମ୍ ହେବ ବୋଲି ସେ କହିଛନ୍ତି ।

ଗତବର୍ଷ ଫେବୃୟାରୀ ୧୮ ତାରିଖରେ ସୌମ୍ୟ ଓ ରିମାଙ୍କ ବିବାହ ସମ୍ପନ୍ନ ହୋଇଥିଲା । ବିବାହର ମାତ୍ର ୫ଦିନ ପରେ ଅର୍ଥାତ୍ ଫେବୃୟାରୀ ୨୩ ତାରିଖରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ସୌମ୍ୟଙ୍କ ସହ ୫ ଦିନର ବୈବାହିକ ଜୀବନ କଟାଇଥିବା ରିମା ଏବେ ସମ୍ପୂର୍ଣ୍ଣ ଏକାକୀ ହୋଇପଡିଛନ୍ତି । ତେବେ ସୌମ୍ୟଙ୍କ ସହ ୫ ଦିନର ସମ୍ପର୍କ ଓ ସ୍ମୃତିକୁ ନେଇ ସାରା ଜୀବନ ସେ ବଞ୍ଚିବେ କହିଛନ୍ତି । ଏବେ ଶାଶୁ-ଶ୍ୱଶୁରଙ୍କ ସହ ପାଟଣାଗଡ଼ ବ୍ରହ୍ମପୁରା ଛକସ୍ଥିତ ଘରେ ରହୁଛନ୍ତି ରିମା । ଯେତେଶୀଘ୍ର ପୁଞ୍ଜିଲାଲଙ୍କୁ ଫାଶୀ ଦିଆଯିବ ସେ ଶାନ୍ତି ପାଇବେ ବୋଲି କହିଛନ୍ତି । ତାଙ୍କ କହିବା ଅନୁଯାୟୀ, ସୌମ୍ୟଶେଖର ଅନାଥ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ । ବିବାହ ପୂର୍ବରୁ ଅନାଥାଶ୍ରମ ଯାଇ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ସୌମ୍ୟ ଓ ରିମା କେକ୍ କାଟିଥିଲେ । ଏବେ ସୌମ୍ୟ ନାହାନ୍ତି । ସୌମ୍ୟଙ୍କ ସ୍ମୃତି ଓ ଭଲପାଇବା ନେଇ ଅନାଥାଶ୍ରମଟିଏ କରିବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି । ଏହା ସହିତ ସୌମ୍ୟଙ୍କ ସ୍ମୃତିରେ ଏକ ଡାକ୍ତରଖାନା କରି ଅବଶିଷ୍ଟ ଜୀବନକୁ ଗରିବ ଲୋକଙ୍କ ସେବାରେ ବିତାଇବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି ।

ଆଉ କାହା ଘରେ ଏଭଳି ଘଟଣା ନ ଘଟୁ। ଆଉ କାହାର ସ୍ୱପ୍ନ ଚୂରମାର ନ ହେଉ। ଜୀବନ ଥିବା ଯାଏ ପୁଞ୍ଜିଲାଲ ଦେଇଥିବା କ୍ଷତ ଭରିବ ନାହିଁ କି ଲୁହ ଶୁଖିବ ନାହିଁ ବୋଲି ସୌମ୍ୟଙ୍କ ମା'ବାପା କହିଛନ୍ତି ।



ସୌମ୍ୟଙ୍କ ମା'ବାପାଙ୍କ ସହିତ ବୋହୂ ରିମା ସାହୁ।

*ରିପୋର୍ଟ–ବୀରେନ୍ଦ୍ର ଝାଙ୍କର*



ଭବିଷ୍ୟତକୁ ସୁନ୍ଦର କରି ଗଢ଼ିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଆଜିର କର୍ତ୍ତବ୍ୟକୁ ଭଲଭାବରେ ସମ୍ପାଦନ କରିବା।
-ଜର୍ଜ ମାକ୍‌ଡୋନାଲ୍ଡ



## ସଂକ୍ଷେପରେ

### ବିଜୟ୍ ଆଣ୍ଡ ରାଜା ସ୍ମାରକୀ କ୍ରିକେଟ୍: ଛତିଆ ଚାମ୍ପିୟନ

**ଛତିଆ ୨୨।୨(ଡିଏନ୍‌ଏ):** ବଡଚଣା ବ୍ଲକ ଛତିଆ ପଞ୍ଚାୟତର ଫୁଟବଲ୍ ପଡିଆରେ ୱାଇସିସି ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ବିଜୟ୍ ଆଣ୍ଡ ରାଜା ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଛତିଆ ଓ ପିସିସି ପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୱାଇସିସି ଛତିଆ ଦଳ ପିସିସି ପାଟଣାକୁ ହରାଇ ଚାମ୍ପିୟନ୍ ହୋଇଛି। ଫାଇନାଲରେ ଛତିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା। ଜବାବରେ ପିସିସି ୨୦ ଓଭରରେ ୭ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳକୁ ଜ୍ଞାନେନ୍ଦ୍ର ପ୍ରଧାନ ଓ ବାସୁଦେବ ବାଗ୍ ପରିଚାଳନା କରିଥିବା ବେଳେ ଅବିନାଶ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବଡଚଣା ବ୍ଲକ୍ ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ୍ ଯୋଗଦେଇ ବହଚଣା ଅଞ୍ଚଳରେ କ୍ରୀଡାର ବିକାଶ କ୍ଷେତ୍ରରେ ଆବଶ୍ୟକ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ମିହିର ପ୍ରତାପ ଦାସ, ବିନୟ ପ୍ରସାଦ ନନ୍ଦ, ସନ୍ତୋଷ ମହାନ୍ତି, ଅମ୍ବିକା ପ୍ରସାଦ ମହାନ୍ତି, ଶରତ ପାଣି ପ୍ରମୁଖ ଯୋଗଦେଇ ପାଟଣା ଦଳର ରଞ୍ଜନ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ଛତିଆ ଦଳର ମୁନା ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ତହସିଲଦାରଙ୍କୁ ଅଟକ ରଖିଲେ ଆନ୍ଦୋଳନକାରୀ

**ବରୀ,୨୨।୨(ସ୍ୱ.ପ୍ର):** ବରୀ ତହସିଲ ସମ୍ମୁଖରେ ବରୀ ଦ୍ୱିପାଞ୍ଚଳ ଉନ୍ନୟନ ପରିଷଦର ଚାଲିଥିବା ଗଣଧାରଣା ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ଆରମ୍ଭରୁ ତହସିଲ ଫାଟକରେ ତାଲା ପକାଯାଇ ଗଣଧାରଣା ଚାଲିଥିଲାବେଳେ ଶୁକ୍ରବାର ଘଟଣାସ୍ଥଳରେ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲଙ୍କୁ ଧାରଣାକାରୀ ଘେରିଯାଇ ଅଟକ ରଖିଥିଲେ। ପୋଲିସ ପହଞ୍ଚି ବୁଝାସୁଝା କଲା ପରେ ତହସିଲଦାରଙ୍କୁ ଛାଡି ଦିଆଯାଇଥିଲା। ପରେ ସେ ନିଜ କାର୍ଯ୍ୟାଳୟରେ ବସି ରହି ଧାରଣାକାରୀଙ୍କ ନିକଟକୁ ଆସି ନ ଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପ୍ରକାଶ ଯେ, ବରୀ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନକୁ ନେଇ ପରିଷଦ ପକ୍ଷରୁ ଫାଟକରେ ତାଲା ପକାଯାଇ ଗଣଧାରଣା ଜାରି ରହିଛି। ସମାଧାନ ନ ହେବା ଯାଏ ଗଣଧାରଣା ଜାରି ରହିବ ବୋଲି ପରିଷଦର ସଭାପତି କୁଳମଣି ଶୁକ୍ଳ, କାହ୍ନୁଚରଣ ବେହୁରା, କାଞ୍ଚନବାଳା ଯତି, ପ୍ରଶାନ୍ତ ପଡିଆରି, ତିଳୋତ୍ତମା ସେଠୀ, ତିଳୋତ୍ତମା ବେହେରା, ଆଶାଲତା ଦାଶ, ବାସନ୍ତି ଓଝା, ପ୍ରଗତି ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି।

### ଜେଜେବାପା, ଜେଜେମା' ସମ୍ମିଳନୀ

**କୋରେଇ,୨୨।୨(ସ୍ୱ:ପ୍ର):** ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱର ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଓ ଜେଜେମା'ଙ୍କ ନିମନ୍ତେ ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସମବାୟ ସମିତିର ଅବସରପ୍ରାପ୍ତ ଅଧିକାରୀ ହରେକୃଷ୍ଣ ପଣ୍ଡା ଯୋଗଦେଇ ଶିଶୁଙ୍କର ସାମଗ୍ରିକ ବିକାଶରେ ଜେଜେବାପା ଓ ଜେଜେମା'ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ଜେଜେବାପା ଓ ଜେଜେମା' ଅଂଶଗ୍ରହଣ କରିଥିଲେ।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟକ

**କୋରେଇ,୨୨।୨(ସ୍ୱ:ପ୍ର):** କୋରେଇ ବ୍ଲକ ଅନ୍ତର୍ଗତ କନ୍ତୋର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପକୁ ବିଧାୟକ ଆକାଶ ଦାସନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। କନ୍ତୋରର ୨ ଅଙ୍ଗନୱାଡି କେନ୍ଦ୍ର, ହିଙ୍ଗୁଳା କମ୍ୟୁନିଟି ସେଣ୍ଟର, କନ୍ତୋରୋଶୁଣୀ କମ୍ୟୁନିଟୀ ସେଣ୍ଟରର ଉଦ୍‌ଘାଟନ କରିଥିଲେ। ବିଧାୟକ ଆକାଶ ଦାସନାୟକଙ୍କୁ କନ୍ତୋର ପଞ୍ଚାୟତର ପୂର୍ବକୋଟଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ନିଆଯାଇଥିଲା। ଉଦ୍‌ଘାଟନ ପରେ ମା' କନ୍ତୋରଶୁଣୀଙ୍କ ଦର୍ଶନ କରି ବିଧାୟକ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରୁନୁ ଭୂୟାଁ, ଅଶୋକ ବାରିକ, ଭକ୍ତବତ୍ସଳ ସ୍ୱାଇଁ, କୁଳମଣି ଦାସ ପ୍ରମୁଖଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ପାଦ ଥାପିଲା ଚେଟିନାଡ ସିମେଣ୍ଟ

# ୬ରେ ଜନଶୁଣାଣି, ବିରୋଧ ଭୟ

**ଯାଜପୁର ଅଫିସ,୨୨।୨**

ଇମାମି, ଜେଏସ୍‌ଡବ୍ଲ୍ୟୁ, ରାମ୍‌କୋ, ଯାଜପୁର ସିମେଣ୍ଟ ପରେ ମେସର୍ସ ଚେଟିନାଡ ସିମେଣ୍ଟ କର୍ପୋରେଶନ ପ୍ରାଇଭେଟ ନାମକ ଏକ କମ୍ପାନୀ କଳିଙ୍ଗନଗରରେ ପାଦ ଥାପିଛି। ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ବର୍ଷକୁ ୨X୧.୦ ମିଲିୟନ ଟନ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ(ପିଏସସି), ଓପିସି ଏବଂ ଭୂମିଷ୍ଠ ବ୍ଲାଷ୍ଟ ଫର୍ନାସ ସ୍ଲାଗର ଉତ୍ପାଦନ କରିବ। ଏଥିପାଇଁ କମ୍ପାନୀ ୧୨୦କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏଥିରେ ୧୮୦ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀର କାର୍ଯ୍ୟନିର୍ବାହୀ ସାରାଂଶରେ ଦର୍ଶାଯାଇଛି। ତେବେ ଆସନ୍ତା ମାର୍ଚ୍ଚ ୬ରେ ଦାନଗଦି ଭବନଠାରେ ଜନଶୁଣାଣି ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ ସେଭଳି ପ୍ରଚାରପ୍ରସାର ହେଉନାହିଁ। ବିରୋଧ ଆଶଙ୍କାରେ ପ୍ରଚାରପ୍ରସାରକୁ ସୀମିତ ରଖାଯାଉଥିବା ଆଲୋଚନା ହେଉଛି।

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ବାସ୍ତବରେ ଶିଳ୍ପାୟନର ଆବଶ୍ୟକତା ରହିଛି। କିନ୍ତୁ ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କେତେ ହେଉଛି, କିଏ ଅଧିକ ଲାଭବାନ ହେଉଛି, ତାହା ଉପରେ ସରକାରଙ୍କ ଆୟତ୍ତ ଥିଲା ଭଳି ମନେ ହେଉନାହିଁ । ଯାଜପୁର ଜିଲାରେ ଚାଲିଥିବା ଶିଳ୍ପାୟନରେ ଏହା ଜଳଜଳ ହୋଇ ଦିଶୁଛି। ବେକାରୀ ସମସ୍ୟା ଦୂର କରିବା ପରିବର୍ତ୍ତେ ବାହାର ରାଜ୍ୟର ଅଧିକ ବୈଷୟିକ ଡିଗ୍ରୀଧାରୀ ଓ ଠିକାଦାର ଏଠାରେ ନିୟୋଜିତ ହେଉଛନ୍ତି। ଅଭିଜ୍ଞତା ଆଳରେ ରାଜ୍ୟ ବାହାରର ଲୋକଙ୍କୁ ଆଣି ନିୟୋଜନ କରାଯାଉଛି। ବିସ୍ଥାପନ ଓ ପ୍ରଦୂଷଣର ଦୁଃଖ ସାଙ୍ଗକୁ ଶିଳ୍ପ ସଂସ୍ଥାର ଏଭଳି କାର୍ଯ୍ୟ ଲୋକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରୁଛି। ଏଥିଯୋଗୁ ଅନେକ ଜନଶୁଣାଣିରେ ବିରୋଧ କରାଯାଉଥିବା ନଜିର ରହିଛି। ଯଦ୍ୱାରା ଆଗନ୍ତୁକ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ଜନଶୁଣାଣି କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଆଗ ଜନଶୁଣାଣି ଓ ତାପରେ ପରିବେଶ ଅନୁମତି ପାଇଁ ଆବେଦନ କରିବାର ନିୟମ ରହିଛି। କିନ୍ତୁ ଯାଜପୁର ଜିଲାରେ ବିନା ଜନଶୁଣାଣିରେ ରାମକୋ ସିମେଣ୍ଟକୁ ଯାଜପୁର ଜିଲାରେ ପ୍ରତିଷ୍ଠା ପାଇଁ ଅନୁମତି ମିଳିଛି। ଯାଜପୁର ଜିଲାରେ ଗଢି ଉଠିଥିବା ଶିଳ୍ପ ଅନୁଷ୍ଠାନଗୁଡିକର ନିଯୁକ୍ତି ଚିତ୍ର ବାସ୍ତବରେ ଦୁର୍ଭାଗ୍ୟଜନକ। ସ୍ଥାନୀୟ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ବାହାର ରାଜ୍ୟର ଶିକ୍ଷିତ ଓ ଅଭିଜ୍ଞ ଲୋକଙ୍କୁ ନିଯୁକ୍ତିରେ ଅଧିକ ସୁଯୋଗ ମିଳୁଛି। ଏହିକ୍ରମରେ ପ୍ରସ୍ତାବିତ ଚେଟିନାଡ ସିମେଣ୍ଟକୁ ଯୋଗାଇ ଦିଆଯାଇଥିବା ୮୩ ଏକର ଜମିରୁ ଅଧିକାଂଶ ଜଙ୍ଗଲ ଜମି ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରସ୍ତାବିତ ସ୍ଥାନରୁ ୨୦୦ ନମ୍ବର ଜାତୀୟ ରାଜପଥ ୮ କି.ମି. ହେବ। ଏହାବାଦ ପ୍ରସ୍ତାବିତ ପ୍ରକଳ୍ପର ୧୦ କି.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳ ମଧ୍ୟରେ ସଂରକ୍ଷିତ ଜଙ୍ଗଲ ନାହିଁ। ପ୍ରସ୍ତାବିତଠାରୁ ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଯଖପୁରା, ମାନତିରା, କୁଡୁମିସାହି, ଅରାସାହି, ପଙ୍କପାଳ, ଦିଗାମ୍ବରପୁର, ରାବଣା ପ୍ରଭୃତି ଗ୍ରାମ ରହିଛି। ଏହି ପ୍ରକଳ୍ପ ପାଇଁ ଦିନକୁ ୧୦୦ ଘନ ମିଟର ଜଳର ଆବଶ୍ୟକତା ରହିଛି। ଯାହାକି ଇଡକୋର ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ପୂରଣ ହେବ। ତେବେ ଏହି ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା ହେଲେ ଆଖପାଖ ଅଞ୍ଚଳବାସୀ ପ୍ରଦୂଷଣ ସମସ୍ୟାରେ ରୁନ୍ଧି ହେବା ନିଶ୍ଚିତ। କଞ୍ଚାମାଲ ଏବଂ ଉତ୍ପାଦିତ ପଦାର୍ଥର ପରିବହନ ଓ ପରିସ୍କରଣ ପାଇଁ ବ୍ୟବହୃତ ହେଉଥିବା ଚୂର୍ଣ୍ଣିକରଣ, ପରିସ୍କରଣ, ସଂରକ୍ଷଣ ଓ ସ୍ଥାନାନ୍ତରଣ ସ୍ଥାନରେ ଉତ୍ପନ୍ନ ହେଉଥିବା ଧୂଳିକଣା ଯୋଗୁ ମାନପୁର ଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଚେଟିନାଡ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଉତ୍ପନ୍ନ ଧୂଳିକଣାର ନିରାକରଣ ପାଇଁ ଶୋଧନ ଥଳି ବ୍ୟବହାର କରାଯିବ। ଏହାସହ ନିୟମିତ ଜଳସିଞ୍ଚନ ଏବଂ ସବୁଜକ୍ଷେତ୍ରର ଉନ୍ନତିକରଣ ବ୍ୟବସ୍ଥା କରାଯିବ। ବ୍ୟବହାର ହେବାକୁ ଥିବା ସମସ୍ତ ରାସ୍ତାକୁ ପକ୍କା ରାସ୍ତା ଭାବେ ନିର୍ମାଣ କରାଯିବ। ଫଳରେ ପ୍ରଦୂଷଣ ସମସ୍ୟା ହେବ ନାହିଁ ବୋଲି କମ୍ପାନୀର ସାରାଂଶରେ ଦୃଢୋକ୍ତି ପ୍ରକାଶ କରାଯାଇଛି।

- ସୀମିତ ହୋଇଛି ପ୍ରଚାରପ୍ରସାର
- ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ ୟୁନିଟ ପାଇଁ ବିନିଯୋଗ କରିବ ୧୨୦ କୋଟି
- ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ୧୮୦ ଜଣ
- ଚିହ୍ନଟ ଜମିରୁ ଅଧିକାଂଶ ଜଙ୍ଗଲ ଜମି

### ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଦଶରଥପୁର,୨୨।୨(ଡିଏନ୍‌ଏ)**

ସାପ କାମୁଡ଼ାରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଚାଷୀ ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ଲାଲବାଗ ଗ୍ରାମର ଧ୍ରୁବ ମଲ୍ଲିକ(୭୦)। ସେ ଗୁରୁବାର ଚାଷ କାମ ଲାଗି ଜମିକୁ ଯାଇଥିବାବେଳେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ଯେ, ଏହି ଗ୍ରାମର ଧ୍ରୁବ ମଲ୍ଲିକ ଗୁରୁବାର ଭାଗଚାଷ କରୁଥିବା ବାଉତରା ଭେଡାର ଚାଷ ଜମିକୁ ଚାଷ କାମ କରିବାକୁ ଯାଇଥିବାବେଳେ ସେଠାରେ ଧ୍ରୁବଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହାପରେ ଧ୍ରୁବ ଘରକୁ ଫେରିଆସି ଖାଇପିଇ ସାରିବା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଥିଲା। ପରିବାର ଲୋକେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲାରେ ମହିଳା, ପୁରୁଷ ଭୋଟର ଅନୁପାତ

# ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି

**୨୦୧୪ରେ ଥିଲା ୮୭୪, ଏଥର ୯୦୯**



ବୈଠକରେ ଉପସ୍ଥିତ ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟ ଅଧିକାରୀ।

**ଯାଜପୁର ଅଫିସ,୨୨।୨**

ଯାଜପୁର ଜିଲାରେ ମହିଳା ଭୋଟର ସଂଖ୍ୟା ବୃଦ୍ଧି ପାଇବା ସହ ପୁରୁଷ ଓ ମହିଳା ଅନୁପାତ ସଂଖ୍ୟା ମଧ ବଢିଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ମତପ୍ରକାଶ ପାଇଛି। ଏହିକ୍ରମରେ ପୁଣି ଆସନ୍ତା ୨୩ ଓ ୨୪ ତାରିଖରେ ସ୍ୱତନ୍ତ୍ର ଭୋଟର ତାଲିକା ଅଭିଯାନ ଆରମ୍ଭ କରାଯାଉଛି। ପ୍ରତ୍ୟେକ ଭୋଟର ନିଜ ନିଜ ମତଦାନ କେନ୍ଦ୍ରରେ ରହିଥିବା ଭୋଟର ତାଲିକାକୁ ଅନୁଧ୍ୟାନ କରିବା ସହ ଯଦି ଭୋଟର ତାଲିକାରେ ନିଜ ନାମ ନାହିଁ, ତେବେ ତୁରନ୍ତ ବିଏଲଓଙ୍କ ମାଧ୍ୟମରେ ଆବେଦନ ପତ୍ର ପ୍ରଦାନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଭୋଟର ତାଲିକାର ସ୍ୱତନ୍ତ୍ର ଅଭିଯାନ ନିମିତ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୧।୧।୨୦୧୯ତାରିଖ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବା ତଦୁର୍ଦ୍ଧ୍ୱ ହୋଇଛି ସେମାନେ ଭୋଟର ତାଲିକାରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ଜନ୍ମ ତାରିଖର ପ୍ରମାଣ ପତ୍ର ଓ ପାସ୍‌ପୋର୍ଟ ସାଇଜର ଫଟୋ ସଂପୃକ୍ତ ବିଏଲଓଙ୍କୁ ପ୍ରଦାନ କରିପାରିବେ। ନିର୍ବାଚନ ସମୟରେ ସମସ୍ତ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ବା ସେମାନଙ୍କର ଏଜେଣ୍ଟ ବୁଥରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ମିଳିଥିବା ଫର୍ମଗୁଡିକୁ ମାର୍ଚ୍ଚ ୭ ସୁଦ୍ଧା ସମ୍ପୃକ୍ତ ବିଏଲ୍‌ଓ ଯାଞ୍ଚ କରିବା ପରେ ଏହାର ସମାଧାନ କରାଯାଇ ଭୋଟର ତାଲିକାଭୁକ୍ତ କରାଯିବ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କୁ ବୁଥଓ୍ୱାରୀ ଚିହ୍ନଟ କରାଯାଉଛି। ଫଳରେ ସେମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ପାଇଁ ସୁଗମ୍ୟ ନାମକ ଏକ ଯୋଜନା ମାଧ୍ୟମରେ ଗାଡିର ବ୍ୟବସ୍ଥା କରାଯାଉଛି। ଗାଡିରୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ହୁଇଲ ଚେୟାରର ବ୍ୟବସ୍ଥା ମଧ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ଭୋଟରଙ୍କ ସଂଖ୍ୟା ୧୪,୪୩,୫୭୭ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୭,୫୬,୨୩୦, ମହିଳାଙ୍କ ସଂଖ୍ୟା ୬,୮୭,୨୬୫ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୮୨ ରହିଛି। ମହିଳା ଓ ପୁରୁଷ ଅନୁପାତ ପ୍ରତି ହଜାରରେ ପୁରୁଷ ଭୋଟରରେ ୯୦୯ ମହିଳା ରହିଛନ୍ତି। ତେବେ ୨୦୧୪ ନିର୍ବାଚନରେ ମୋଟ ୧୩,୦୦,୭୪୫ ଭୋଟର ରହିଥିବା ବେଳେ ପୁରୁଷ ମହିଳା ଅନୁପାତ ୮୭୪ ଥିଲା। ଜନଗଣନା ଅନୁଯାୟୀ ମହିଳା ପୁରୁଷ ଅନୁପାତ ରାଜ୍ୟରେ ୯୭୮ ରହିଥିବା ବେଳେ ଜିଲାରେ ୯୭୨ ଏବଂ ଭୋଟର ଅନୁପାତରେ ରାଜ୍ୟରେ ୯୪୬ ଥିବାବେଳେ ଜିଲାରେ ୯୦୯ ରହିଛି। ଭୋଟର ତାଲିକାରେ ୯୮.୮୬ ଭାଗ ଫଟୋ ଲାଗିଥିବା ବେଳେ ୧୬,୪୭୨ ଜଣଙ୍କ ଫଟୋ ଲାଗି ନାହିଁ। ଯାହା ଶତକଡା ୧.୧୪ ଭାଗ। ଏହାକୁ ବୃଦ୍ଧି ପାଇଁ ବିଏଲ୍‌ଓଙ୍କ ମାଧ୍ୟମରେ ଫଟୋ ସଂଗ୍ରହ କରାଯାଉଛି। ତେବେ ଶତକଡା ୯୯.୧୭ ଭାଗ ଭୋଟରଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୬ ପ୍ରକଳ୍ପ ଉଦ୍‌ଘାଟିତ

**ରସୁଲପୁର,୨୨।୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ପକ୍ଷରୁ ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହ ଉତ୍ସବରେ ବରୀ ବିଧାୟକ ଦେବାଶିଷ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହାସହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରୀ ବ୍ଲକ ବିଜେଡି ସଭାପତି ସେକ୍ ସଫିଉଦ୍ଦିନ, ଅତାଲାପରୁ ସରପଞ୍ଚ ପ୍ରଫୁଲ ସାହୁ, ରାଜେନ୍ଦ୍ରପୁର ସରପଞ୍ଚ ସୁଶାନ୍ତ ବେହେରା, ସାମନ୍ତରାପୁର ସରପଞ୍ଚ ଅଭିମନ୍ୟୁ ମହାଳିକ, ପ୍ରାକ୍ତନ ସରପଞ୍ଚ ହେମନ୍ତ ଦାସ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ଶିକ୍ଷାବିତ୍ ଶୁକଦେବ ଦାସ, ସୁବଳ ମଲିକ, ଶିକ୍ଷକ ଦୁଃଶାସନ ସାହୁ, ବାବୁଲି ସେଠୀ ପ୍ରମୁଖ ଯୋଗଦେଇ ବିଧାୟକଙ୍କ ସହ ବିଭିନ୍ନ ପ୍ରକଳ୍ପ ବୁଲିଥିଲେ। ଏହି ଅବସରରେ ବିଧାୟକ ନାୟକଙ୍କୁ ୧୬ନଂ ଜାତୀୟ ରାଜପଥ ମୂଳାପାଳ ଛକ ନିକଟରୁ ଏକ ବିରାଟ ପଟୁଆରରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପଞ୍ଚାୟତର ୮.୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗଙ୍ଗାଧରପୁର ପ୍ରାଥମିକ ବିଦ୍ୟାଳୟ, ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାଜେନ୍ଦ୍ରପୁର ଅଙ୍ଗନୱାଡି କେନ୍ଦ୍ର-୨, ହାଟସାହି ଅଙ୍ଗନୱାଡି କେନ୍ଦ୍ର-୧, ୧୦ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ୧୫ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନବୀକରଣ, ୩ଲକ୍ଷ ଟଙ୍କା ବ୍ୟୟରେ ଯୁବ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ପଞ୍ଚାୟତରେ ଅଦ୍ୟାବଧି ୧୮ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଚାୟତରେ ୧.୩୬କୋଟି ଟଙ୍କାରେ ପାନୀୟ ଜଳ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ହୋଇଛି। ପଞ୍ଚାୟତର ଏକ ଷ୍ଟାଡିଅମ୍ ନିର୍ମାଣ ସକାଶେ ସରପଞ୍ଚ ବିଧାୟକଙ୍କ ନିକଟରେ ଦାବି ଜଣାଇଛନ୍ତି। ବ୍ରଜ କିଶୋର ପୃଥାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ

**ଯାଜପୁର ଅଫିସ,୨୨।୨**

ବିରଜା ମହିଳା କଲେଜରେ ଶୁକ୍ରବାର ବାଳିକା ଆତ୍ମରକ୍ଷା କୌଶଳ ଯୋଜନାର ୧୨ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାଣ, ଇତିହାସ ଓ କିମ୍ବଦନ୍ତୀରେ ମହିଳାଙ୍କୁ ସର୍ବଦା ଉଚ୍ଚ ସ୍ଥାନରେ ଦେଖିବାକୁ ମିଳିଥାଏ ବୋଲି ସୂଚନା ଦେଇଥିଲେ। ତେବେ ସମ୍ପ୍ରତି ମହିଳାଙ୍କ ପ୍ରତି ସାମାଜିକ ବିଭେଦ, ନିର୍ଯାତନା ଓ ଆକ୍ରମଣ ଇତ୍ୟାଦି ଘଟଣା ଉଦବେଗ ସୃଷ୍ଟି କରିଛି। ସେଥିପାଇଁ ସରକାର ଏହି ଅଭିନବ ଯୋଜନା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା କରିଛନ୍ତି ବୋଲି ମତ ଦେଇଥିଲେ। ବିରଜା ଡିଗ୍ରୀ କଲେଜର ଅଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ଅଧ୍ୟାପକ ଗୌରସୁନ୍ଦର ଦାସ ଓ ଆନନ୍ଦ ଚନ୍ଦ୍ର ସାହୁ ବାଳିକା ଆତ୍ମସୁରକ୍ଷା ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଅଖିଳ ମୋହନ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ୧୨ଦିନ ଧରି ଏହି ପ୍ରଶିକ୍ଷଣ ଚାଲିବା ସହ ମାଷ୍ଟର ଟ୍ରେନରମାନେ ଛାତ୍ରୀଙ୍କୁ ଯେଉ ପ୍ରଶିକ୍ଷଣ ଦେଇଛନ୍ତି ଏହା ଦୈନନ୍ଦିନ ଅଭ୍ୟାସରେ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ପରେ ପ୍ରଶିକ୍ଷିତ ପ୍ରତ୍ୟେକ ବାଳିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ସାହୁ, ଅଧ୍ୟାପକ ସୁନିଲ ସାହୁ, ପ୍ରଶିକ୍ଷକ ପ୍ରକାଶ ଲାଲା ପ୍ରମୁଖ ସହଯୋଗ କରିଥିଲେ।

### ଭତ୍ତା,ପାଇଖାନା କାର୍ଯ୍ୟାଦେଶ ବଣ୍ଟନ

**ସିଂହପୁର,୨୨।୨(ଡିଏନଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତରେ ଶୁକ୍ରବାର ପାଇଖାନା କାର୍ଯ୍ୟାଦେଶ ବଣ୍ଟନ, ବର୍ଦ୍ଧିତ ଭତ୍ତା, ଏଲଇଡି ବଲ ବଣ୍ଟନ କରାଯାଇଛି। ପିଠା କାର୍ଯ୍ୟକ୍ରମରେ ଏହି ବଣ୍ଟନ କରାଯାଇଥିଲା। ବିଂଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରମିଳା ମଲିକ, ଶିକ୍ଷାବିତ୍ ଶ୍ରିହରୀ ସାହୁ, ସରପଞ୍ଚ ରମାମଣୀ ସାହୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ସାହୁ, କହ୍ନେଇ ଚରଣ ବାରିକ, କୃଷ୍ଣଚନ୍ଦ୍ର ମଲିକ, ପୂର୍ବତନ ସମିତି ସଭ୍ୟା ସୁଧାଂଶୁ ବାଳା ନାୟକ, ସୌଦାମିନି ଆଚାର୍ଯ୍ୟ, ପେତପଡା ସରପଞ୍ଚ ଅଦ୍ୱୈତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ମା' ତାରିଣୀ ଅନଚାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଭଗତପୁର ବିଜୟୀ

**ରସୁଲପୁର,୨୨।୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ବେତଣ୍ଡା ଗ୍ରାମରେ ଶୁକ୍ରବାର ୨୯ତମ ମା' ତାରିଣୀ ଅନଚାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାରବାଟୀ ସମିତିସଭ୍ୟ ଚୈତନ୍ୟ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଭଗତପୁର ବିଜୟୀ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଭଗତପୁର ଓ ନଗୁଆଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଗତପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮୫ରନ୍ ସଂଗ୍ରହ କରିଥିଲା। ଜବାବରେ ନଗୁଆଁ ସମସ୍ତ ଓଭରରେ ମାତ୍ର ୭୫ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ଉକ୍ତ ମ୍ୟାଚକୁ ଅକ୍ଷୟ ସ୍ୱାଇଁ ଓ ଅଖିଳ ସ୍ୱାଇଁ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳି।

## ଯାଜପୁର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ

# ପାନୀୟ ଜଳ, ପରିମଳ ସମସ୍ୟା ଉପରେ ଗୁରୁତ୍ୱ

**ବିରଜାକ୍ଷେତ୍ର,୨୨।୨(ଡି.ଏନ୍.ଏ)**




ପଞ୍ଚାୟତ ସମିତି ସାଧାରଣ ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

ଯାଜପୁର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ ପଞ୍ଚାୟତ ସମିତି କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ଏହି ବୈଠକକୁ ପରିଚାଳନା କରୁଥିଲେ। ବିଭିନ୍ନ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଯୋଗଦେଇ ଆଗକୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ପାନୀୟ ଜଳ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା କରିଥିଲେ। ଗ୍ରୀଷ୍ମଋତୁ ଆରମ୍ଭରୁ ଯାଜପୁର ବ୍ଲକ ଅଞ୍ଚଳରେ ନଈ, ନାଳ, ପୋଖରୀ ଓ କୂପ ଆଦି ଶୁଖିଗଲାଣି ବୋଲି ଜନପ୍ରତିନିଧିମାନେ କହିବା ସହ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଗ୍ରାମଗୁଡ଼ିକରେ ପହଞ୍ଚି ପାରି ନ ଥିବାରୁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଛତିଶଦେଵିଲ, ବାସୁଦେବପୁର, ମାର୍କଣ୍ଡପୁର, ବେରୁଦା, ମାଳଆନନ୍ଦପୁର, ଯମଧରପୁର, ମହେଶ୍ୱରପୁର, ଭୂଇଁପୁର, ମାର୍କଣ୍ଡପୁର ଇତ୍ୟାଦି ପଞ୍ଚାୟତର କିଛି ଗ୍ରାମରେ ପାନୀୟ ଜଳ ପହଞ୍ଚି ପାରିନାହିଁ। ଯଦ୍ୱାରା ଏହି ପଞ୍ଚାୟତର ଅଧିବାସୀମାନେ ଗ୍ରୀଷ୍ମ ପ୍ରବାହର ଆରମ୍ଭରୁ ଜଳକ୍ଲିଷ୍ଟ ଭୋଗିଲେଣି। ଏହାର ତୁରନ୍ତ ସମାଧାନ ପାଇଁ ଜନପ୍ରତିନିଧିମାନେ ବ୍ଲକ ପ୍ରଶାସନ ନିକଟରେ ଦାବି କରିଥିଲେ। ଯାଜପୁର ବ୍ଲକ ଅଞ୍ଚଳର ବହୁ ଅଚଳ ନଳକୂପକୁ ସଚଳ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଜଳସ୍ତର ହ୍ରାସ ପାଇବା ଆଶଙ୍କା ଦେଖାଦେଇଥିବାରୁ ସାଧାରଣ ଲୋକ କିପରି ପାନୀୟ ଜଳର ସୁବିଧା ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ବିଦ୍ୟାଳୟଗୁଡ଼ିକରେ ଥିବା ନଳକୂପଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଜନପ୍ରତିନିଧି ପ୍ରସ୍ତାବ ଆଗତ କରିଥିଲେ। ଏପରିକି ବହୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ପରିସ୍ରାଗାର ନିର୍ମାଣ କରିବାକୁ କେତେକ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ସେହିପରି ଗମନାଗମନ ଓ ଶିକ୍ଷା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଯାଜପୁର ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତରେ ଥିବା ନଳକୂପ ମରାମତି ଓ ଯାତାୟାତ ଖର୍ଚ୍ଚ ପାଇଁ ଯାଜପୁର ବ୍ଲକ ପ୍ରଶାସନ ପକ୍ଷରୁ ୧୪ଲକ୍ଷ ୩୫ହଜାର ଅର୍ଥ ବ୍ୟୟବରାଦ କରାଯାଇଛି। ଏହି ବୈଠକରେ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ, ବ୍ଲକ ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସରୋଜ ରାଉତ, କୁନାରାଣୀ ସାହୁ, ଚନ୍ଦ୍ରହାସ ନାୟକଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ। ସରପଞ୍ଚ ନନ୍ଦକିଶୋର ସାହୁ, ବିଶ୍ୱନାଥ ସ୍ୱାଇଁ, ପରେଶ ବିଶ୍ୱାଳ, ସତ୍ୟଜିତ୍ ପରିଡ଼ା, ମୋନାଲିସା ପତି, ସୁରେଶ ରାଉତ, ଅଶ୍ୱିନୀ ବିଶ୍ୱାଳ, ଦୁର୍ଯ୍ୟୋଧନ ଦାସ, ଝରଣା ସେଠୀ, ଜୟନ୍ତୀ ପରିଡ଼ା ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।



ଭଗବାନଙ୍କୁ ନିଜଠାରୁ ଆପଣାର ବୋଲି ଜାଣି ଯିଏ ତାଙ୍କ ପାଇଁ ଜୀବନର ସମସ୍ତ ସୁଖ, ଭୋଗ, ବାସନା ତ୍ୟାଗ କରିଛି, ସେ ତାଙ୍କର ଅତି ନିକଟତର ହୋଇଛି।
-ବ୍ରହ୍ମାନନ୍ଦ ସ୍ୱାମୀ



## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷାରେ ୪୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ଧର୍ମଶାଳା,୨୨।୨(ଡି.ଏନ୍.ଏ.)- ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ୧୮ଟି ପରୀକ୍ଷା କେନ୍ଦ୍ରରେ ୩୨୬୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ଜଣ ଅନୁପସ୍ଥିତ ଥିବାବେଳେ ମାତୃଭଷାରେ ୩ହଜାର ୨୧୯ଜଣ ପରୀକ୍ଷା ଦେଇଥିବା ଡିଇଓ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଶ୍ୟାମସୁନ୍ଦର ବିଦ୍ୟାପୀଠରେ ସର୍ବାଧିକ ୯ଜଣ, ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠ ଅଣ୍ଟିଆରେ ୭, ଜେନାପୁର ହାଇସ୍କୁଲରେ ୭ ଜଣ ଅନୁପସ୍ଥିତ ରହିଥିଲେ। ୫ଟି ପରୀକ୍ଷା କେନ୍ଦ୍ର ଧର୍ମଶାଳା ବାଣୀପୀଠ, ନୀଳସୁନ୍ଦର ବିଦ୍ୟାପୀଠ ନେଉଳପୁର, ଲାଲବାହାଦୂର ହାଇସ୍କୁଲ କାଏମା, ଜାଗୁଲାଇ ହାଇସ୍କୁଲ କୋଟପୁର, ପଞ୍ଚାୟତ ହାଇସ୍କୁଲ, ନରସିଂହପୁରରେ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତଥିଲେ। କବାଟବନ୍ଧ ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ରେଖିଦେଇପୁର, ବଳରାମପୁର ହାଇସ୍କୁଲ, ତଳଗଡ଼ ପରୀକ୍ଷା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଶୁକ୍ରବାର ସକାଳେ ଧର୍ମଶାଳା ନୋଡାଲ ସେଣ୍ଟରରୁ ପୋଲିସ ସହାୟତାରେ ୧୮ଟି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଥିଲା। ଧର୍ମଶାଳା ଅତିରିକ୍ତ ବିଡିଓ ଉପେନ୍ଦ୍ର ଜେନା, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି ବାଣୀପୀଠ, ଜାରକା ହାଇସ୍କୁଲ, ଲାଲବାହାଦୂର ହାଇସ୍କୁଲ, ନୀଳସୁନ୍ଦର ହାଇସ୍କୁଲ, ଶ୍ୟାମସୁନ୍ଦର ବିଦ୍ୟାପୀଠ, ଜାଗୁଲାଇ ହାଇସ୍କୁଲ ପରୀକ୍ଷାକେନ୍ଦ୍ର ଗୁଡିକକୁ ପରିଦର୍ଶନ କରି ପରୀକ୍ଷା ତଦାରଖ କରିଥିଲେ।

### ଯାଜପୁର ଲୋକସଭାସ୍ତରୀୟ ଇସ୍ତାହାର କମିଟି ବୈଠକ

ଯାଜପୁର ରୋଡ, ୨୨।୨ (ନି.ପ୍ର.)- ଯାଜପୁର ରୋଡଠାରେ ଶୁକ୍ରବାର କଂଗ୍ରେସର ଲୋକସଭା ଇସ୍ତାହାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ମନୋଜ ଜେନାଙ୍କ ଅଧକ୍ଷତାରେ ବିଧାନସଭା ସ୍ତରୀୟ ସଂଯୋଜକ ଓ ସୋସିଆଲ ମିଡିଆ ପ୍ରତିନିଧି ଯୋଗ ଦେଇଥିଲେ । ବୈଠକରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ନିକଟକୁ ଯାଇ ସମସ୍ୟା ଓ ସେମାନଙ୍କର ଦାବି ସମ୍ପର୍କରେ ସେମାନଙ୍କ ସହ ଆଲୋଚନା ଓ ମତାମତ ଗ୍ରହଣ କରିବା ପାଇଁ ବୈଠକରେ କମିଟି ନିଷ୍ପତି ନେଇଛି। ଏଥିସହ କମିଟି ପ୍ରତି ନିର୍ବାଚନ ମଣ୍ଡଳୀକୁ ଗସ୍ତ କରି ଅଞ୍ଚଳର ସମସ୍ୟା ଆଲୋଚନାକରି ମତାମତ ଗ୍ରହଣ କରିବ ବୋଲି ନିଷ୍ପତି ହୋଇଥିଲା । ଏ ନେଇ ଆସନ୍ତା ୨୫ତାରିଖରୁ ମାର୍ଚ୍ଚ ୩୦ରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ କଂଗ୍ରେସରେ ନୂତନଭାବେ ଯୋଗ ଦେଇଥିବା ସମାଜିକ କର୍ମୀ ମାନସ ଜେନାଙ୍କୁ ସ୍ୱାଗତ କରାଯାଇଥିଲା । ନୀଳକଣ୍ଠ ମିଶ୍ର, ଧର୍ମଶାଳାରୁ ଅନନ୍ତ ସ୍ୱାଇଁ, କୋରାଇରୁ ଆରତୀ ସ୍ୱାଇଁ, ବଡ଼ଚଣାରୁ ନୀଳକଣ୍ଠ ମିଶ୍ର, ସୁକିନ୍ଦାରୁ ନାରାୟଣ ଧୀର, ବରୀରୁ ପ୍ରଭାତ ରାୟ, ବିଞ୍ଝାରପୁରୁ ଦୋଳଗୋବିନ୍ଦ ପରିଡା ଓ ଅରୁଣ ସୀନା, ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସୁଦାନିଧି ମହାପାତ୍ର, ପଦ୍ମନାଭ ସ୍ୱାଇଁ, ଶୈଳେନ୍ଦ୍ର ବେହୁରାଆ, ରାୟଚରଣ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସମସ୍ୟା ଅନେକ, ହେଉନି ସମାଧାନ

ଦଶରଥପୁର,୨୨।୨(ଡିଏନ୍ଏ)

## ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

- ବଣ୍ଟନ ହୋଇପାରିନି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଷ୍ଟାଫ କ୍ୱାର୍ଟର
- ବ୍ୟବହାର ହୋଇ ନ ପାରି ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି
- ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀ



ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅନ୍ୟୁନ ୨୩ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଓ ପଡ଼ୋଶୀ ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲାର ସୀମାବର୍ତ୍ତୀ ଅଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଅନେକ ସମସ୍ୟା ଘେରରେ ରହିଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ସବୁର ସମାଧାନ ମଧ୍ୟ ହୋଇପାରି ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଲାଗି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଷ୍ଟାଫ କ୍ୱାର୍ଟର ନିର୍ମାଣ ହୋଇଥିଲା। ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଷ୍ଟାଫ କ୍ୱାର୍ଟର ନିର୍ମାଣ ଶେଷ ହୋଇଯାଇଥିଲେ ହେଁ ବଣ୍ଟନ ହୋଇ ନ ଥିବାରୁ ଏବେ ତାହା ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଥିବା ଦେଖିବାକୁ ମିଳିଛି। ସୂଚନା ଯେ, ଜାତୀୟ ସ୍ୱାସ୍ଥ୍ୟ ଗ୍ରାମୀଣ ମିଶନ(ଏନ୍ଏଚ୍ଆର୍ଏମ୍) ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ଲାଗି ୨୦୧୪-୧୫ ଆର୍ଥିକ ବର୍ଷରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍‌ଡି ବିଭାଗ ଜରିଆରେ ଯୋଗାଇ ଦିଆଯାଇଥିଲା। ତେବେ ଠିକାଦାର କୌଣସି ସୂଚନା ଫଳକ ନ ଲଗାଇ କାର୍ଯ୍ୟକୁ ନିମ୍ନମାନର କରି ସମ୍ପୂର୍ଣ୍ଣ କରିଥିଲେ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୨ବର୍ଷ ପରେ ବି ଉକ୍ତ କ୍ୱାର୍ଟର ଏଯାବତ୍ ବଣ୍ଟନ ହୋଇପାରି ନାହିଁ। ଫଳରେ ଡାକ୍ତରମାନେ ଏଣେତେଣେ ଘର ଭଡ଼ା ନେଇ ରହୁଥିବାରୁ ଜରୁରିକାଳୀନ ସେବା ପାଇଁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କ୍ୱାର୍ଟର ପଛପଟେ ଲଟା ମାଡିଯିବା ସହିତ ପବନ ବର୍ଷାରେ କବାଟ ଝରକା ଭାଙ୍ଗିରୁଜି ଯାଇଥିବା ମଧ୍ୟ ପରିଲକ୍ଷିତ ହୋଇଛି। ଏହାଛଡା ନିମ୍ନମାନର କାମ ଯୋଗୁ କାନ୍ଥରୁ ପ୍ଲାଷ୍ଟର ଝଡି ପଡୁଥିବା ଦେଖାଯାଇଛି । ଯେଉଁ ଉଦ୍ଦେଶ୍ୟ ନେଇ ଏନ୍ଏଚ୍ଆର୍ଏମ୍ ଏହି ଅର୍ଥ ଯୋଗାଇଥିଲା, ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହେବା ଯୋଗୁ ତାହା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଦୀର୍ଘ ୩ବର୍ଷ ପରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ବିଧାୟିକା ପ୍ରମିଳା ମଲ୍ଲିକ ଓ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଉନ୍ନୟନ କାର୍ଯ୍ୟ ଉପରେ କେବଳ ସମୀକ୍ଷା କରି ଚାଲିଯାଇଥିଲେ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନୟନ କାର୍ଯ୍ୟ କହିଲେ ଆଜି ଯାଏ କିଛି ବି ହୋଇ ନ ଥିବା ଜଣାଯାଇଛି। ୫ଦିନ ଭିତରେ ଆମ୍ବୁଲାନ୍ସ ଏବଂ ୫ଟି ଏସି ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରଣବ ପ୍ରକାଶ ଦାସ ବୈଠକବେଳେ କହିଥିବାବେଳେ ବିଧାୟିକା ମଲ୍ଲିକ୍ ବୈଠକରେ ବିଭିନ୍ନ ବିଷୟରେ ସମୀକ୍ଷା କରି ରୋଗୀ କଲ୍ୟାଣ ସମିତିରେ ଗଚ୍ଛିତ ଥିବା ଟଙ୍କାକୁ ଉଠାଇ ଉନ୍ନୟନ କାର୍ଯ୍ୟ କରିବାକୁ କହିଥିଲେ। ହେଲେ ଏଯାବତ୍ କୌଣସି କାର୍ଯ୍ୟ ହୋଇ ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାଯାଇଛି। ଘଟଣା ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକଙ୍କୁ ପଚାରିବାରେ, ବିଧାୟକ ପ୍ରଣବ ପ୍ରକାଶ ଦାସ ରୋଗୀ କଲ୍ୟାଣ ସମିତିର ଅଧକ୍ଷ ଅଛନ୍ତି। ତେବେ ପୂର୍ବରୁ ହୋଇଥିବା ବୈଠକ ବିଷୟରେ ସେ କିଛି ଜାଣି ନାହାନ୍ତି। ଏହାଛଡା ଷ୍ଟାଫ କ୍ୱାର୍ଟର ବଣ୍ଟନ ପାଇଁ ଆର୍‌ଡି ବିଭାଗ ପକ୍ଷରୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାରୁ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହାନ୍ତି ବୋଲି କହିଛନ୍ତି।

### ଧର୍ମଶାଳା ପ୍ରିମିୟର୍‌ଲିଗ୍ କ୍ରିକେଟ ଫାଇନାଲରେ ଗଙ୍ଗାଧରପୁର

ଧର୍ମଶାଳା,୨୨।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ବାଟୁକପ୍ ଧର୍ମଶାଳା ପ୍ରିମିୟର୍‌ଲିଗ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଶେଷ ହୋଇଛି। ଏହି ଅବସରରେ କାଏମା ଦଳକୁ ଏକ ଉଇକେଟରେ ପରାସ୍ତକରି ଗଙ୍ଗାଧରପୁର ଫାଇନାଲରେ ପ୍ରବେଶ କରିଛି। କାଏମା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ୨୦ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୨୩୧ ରନ୍ କରିଥିଲା। ଜବାବରେ ଗଙ୍ଗାଧରପୁର ଦଳ ୧୯.୫ ଓଭରରେ ୯ ଉଇକେଟ ହରାଇ ୨୩୨ରନ୍ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ସାଗର ସାମଲ ୬୧ରନ୍ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ତାପସ ବେହେରା ଅତିଥି ଭାବେ ଯୋଗଦେଇ ସାଗର ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁମନ ଦାସ ଓ ପ୍ରଦୀପ ଜେନା ଖେଳ ପରିଚାଳନା କରିଥିଲେ। ଆନନ୍ଦ ବେହେରା, ସ୍ମୃତିରଞ୍ଜନ ସାମଲ ସ୍କୋର୍‌ରେ ସହାୟତା କରିଥିଲେ।

## ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ଧର୍ମଶାଳା,୨୨।୨(ଡି.ଏନ୍.ଏ.)

ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଆତ୍ମସୁରକ୍ଷା କୌଶଳ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଇନ୍ଦୁପ୍ରଭା ସାମଲ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଆତ୍ମରକ୍ଷା କୌଶଳ ଲାଭ କରିଥିବା ଛାତ୍ରୀମାନେ ନିଜକୁ ସୁରକ୍ଷା କରିବା ସହ ଦୁର୍ବଳର ସୁରକ୍ଷାରେ ବ୍ରତୀହେବା ଆବଶ୍ୟକ ଓ ଶାରୀରିକ ଶକ୍ତିକୁ ଅପପ୍ରୟୋଗ କରିବା ଉଚିତ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ମନୋରଞ୍ଜନ ମହାନ୍ତି ଯୋଗଦେଇ ମହିଳାମାନେ ହିଁ କେବଳ ସମାଜର ପରିବର୍ତ୍ତନ କରିପାରିବେ ଓ ଛାତ୍ରୀମାନେ ଏ ଦେଶର ସମ୍ପତ୍ତି ତେଣୁ ସେମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକ ପାତ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ସ୍କାଉଟସ୍, ଏନ୍‌ସିସି ଓ ଆତ୍ମସୁରକ୍ଷା ବିଭାଗର ପରିସଂଖ୍ୟାନ ଅଧିକାରୀ ଅଭିଜିତ୍ ମିଶ୍ର ଯୋଗଦେଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପ୍ରଶାନ୍ତ ଦାସ, ଅଧକ୍ଷା ସାମଲ ଓ କାର୍ଯ୍ୟକ୍ରମ ଅଧିକାରୀ ସୁନିତା ମହାନ୍ତିଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରି ୨ଟି ମାନପତ୍ରକୁ ମୁଖ୍ୟଅତିଥି ଅଧକ୍ଷା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ସୁନିତା ଦାସ ଓ ସରସ୍ୱତୀ ପତି ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଶେଷରେ ଧ୍ୟାପିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାମାଳିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ଧର୍ମଶାଳା,୨୨।୨(ଡି.ଏନ୍.ଏ.)



ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଶାଳା ବ୍ଲକ ଥାନୁଆଳ ଗ୍ରାମ ପଞ୍ଚାୟତ କଣ୍ଟାମାଳିଆଠାରେ ଶୁକ୍ରବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ସ୍ଥାନୀୟ ଖୁସି ଏଚ୍‌ପି ଗ୍ୟାସ୍ ବିତରକ ପରିଚାଳକ ଦିଲୀପ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ପରିଡା ଯୋଗଦେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଉପାଧକ୍ଷ ସୁବାଷ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ହିତାଧିକାରୀ ରହିମା ବିବିଙ୍କ ସହିତ କଥା ହୋଇଥିଲେ। କମ୍ପାନୀର ନୋଡାଲ ଅଧିକାରୀ ଆଶିଷ ମିଶ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପ୍ରତିଘରକୁ ସ୍ୱଚ୍ଛ ଏଲପିଜି ସଂଯୋଗ ୨୦୨୦ ସୁଦ୍ଧା ଯୋଗାଇ ଦେବାକୁ ବିଭାଗୀୟ ମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି। ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ୨ଲକ୍ଷ ହିତାଧିକାରୀଙ୍କୁ ଯୋଡିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଥିଲେ। ସବିତା ମିଶ୍ର ଗ୍ୟାସ ବ୍ୟବହାରର ସୁଫଳତା ଉପରେ ଆଲୋକପାତ କରିଥିଲେ। ଶେଷରେ ମୋନାଲିସା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କମ୍ପାନୀ ପକ୍ଷରୁ ଗ୍ୟାସ ବ୍ୟବହାର ଉପରେ ମହିଳାମାନଙ୍କୁ ସଚେତନତା କରାଯାଇଥିଲା। ସଭା ପୂର୍ବରୁ କଶ୍ମୀରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଖଣି ନିଗମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୨।୨(ଡି.ଏନ୍.ଏ.)

ଓଡ଼ିଶା ଖଣି ନିଗମ କାଳିଆପାଣି ପକ୍ଷରୁ ଶୁକ୍ରବାର କାଳିଆପାଣି ଟାଉନସିପଠାରେ ଥିବା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଶ୍ରମିକ ସଂଘ ନେତା ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ସଭ୍ୟ ପ୍ରତାପ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଖଣି ନିଗମ ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାସଦା, ଖଣି ପରିଚାଳକ ଅବନୀକାନ୍ତ ପ୍ରଧାନ, ସିଏସ୍‌ଆର ଅଧିକାରୀ ମଧୁସ୍ମିତା ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଖଣିନିଗମର ଡାକ୍ତର ବିଶ୍ୱରଞ୍ଜନ ପଟ୍ଟନାୟକ, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡ.ବିରଞ୍ଚି ନାରାୟଣ ମହାପାତ୍ର, ସ୍ନାୟୁ ବିଭାଗ ବିଶେଷଜ୍ଞ ଗୌରିଶଙ୍କର ସଡ଼ଙ୍ଗୀ, ଶିଶୁ ବିଶେଷଜ୍ଞ ପି.କେ.ସାହୁ, ଟାଟାମେଡ଼ିକା ଡାକ୍ତରଖାନାର ଡ. ପି.କେ ଗିରୀ ଓ ଏସ୍.ଏସ୍.ସୂତାର ଯୋଗଦେଇ ରୋଗୀ ପରୀକ୍ଷା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ରୋଗ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଗୁରୁତର ରୋଗରେ ପୀଡିତ ରୋଗୀଙ୍କୁ ଡୁବୁରୀସ୍ଥିତ ଟାଟାମେଡ଼ିକା ଡାକ୍ତରଖାନାରେ ମାଗଣ ଚିକିତ୍ସା କରାଯିବ ବୋଲି ଖଣି ନିଗମ ପକ୍ଷରୁ ପ୍ରକାଶ କରାଯାଇଛି।

## ଅଷ୍ଟମ ଦିନରେ ବ୍ୟାସ ସରୋବର ମହୋତ୍ସବ



ଅଷ୍ଟମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଯାଜପୁର ରୋଡ, ୨୨।୨(ନି.ପ୍ର.)

ବ୍ୟାସସରୋବର ମହୋତ୍ସବ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି। ପ୍ରତିଦିନ ମହୋତ୍ସବରେ ବହୁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳୁଥିବାବେଳେ ଅଷ୍ଟମ ଦିନରେ ଦିନ ୩ଟାରୁ ଦର୍ଶକଙ୍କ ବେଶ୍ ଭିଡ ଦେଖିବାକୁ ମିଳିଥିଲା। ସହରର ଆଖପାଖ ଅଞ୍ଚଳ ଜେନାପୁର, ଆନନ୍ଦପୁର, ସୁକିନ୍ଦା, ଭୂବନ, ରାମଚନ୍ଦ୍ରପୁର, କୋରାଇ, ଶଙ୍ଖଚିଲା, ପାଣିକୋଇଲି ପ୍ରଭୃତି ଅଞ୍ଚଳରୁ ବହୁ ଦର୍ଶକଙ୍କ ସୁଅ ଛୁଟିଛି । ମହୋତ୍ସବ ମେଳଣ ପଡିଆରେ ଲାଗିଥିବା ଦୋକାନ ବଜାରରେ ବିଶେଷ କରି କୁଲା, ପାଛିଆ, ଟୋକଲି କିଣିବା ପାଇଁ ଲୋକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ମେଳାର ମୁଖ୍ୟ ଆକର୍ଷଣ ଚଣଶ ଉଖୁଡା ପାଲଟିଥିବା ବେଳେ ଘୁଗୁନି ଓ କଟକର ଠୁଙ୍ଗା ପୁରୀ ଦୋକାନରେ ମଧ୍ୟ ବେଶ୍ ଭିଡ ଜମିବାକୁ ଦେଖବବାକୁ ମିଳିଥିଲା। ସନ୍ଧ୍ୟାରେ ନାଭିୟା ଜେଟି ଗ୍ରୁପ ପକ୍ଷରୁ ପରେଶ, ପ୍ରିନ୍ସ, ଚାନ୍ଦନୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନୀ ଲୋକଙ୍କ ମନ କିଣି ପାରିଥିଲା। ଏଥିସହ ସଙ୍ଗୀତର ମୂର୍ଚ୍ଛନାରେ ସମଗ୍ର ପରିବେଶକୁ ଆନନ୍ଦିତ କରିଥିଲା। ତେବେ ମହୋତ୍ସବ ପଡିଆକୁ ବିଭିନ୍ନ ଯାନବାହାନରେ ଦର୍ଶକ ଅସୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା: ୩ ଗୋରୁ ଅର୍ଦ୍ଧ ଦଗ୍ଧ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୨।୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ତ୍ରିଲୋଚନ ଭୂୟାଁ ଓ ରାଜେସ ଭୂୟାଁଙ୍କ ଅଗ୍ନିକାଣ୍ଡରେ ୩ ବଖରା ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିବାବେଳେ ଗୁହାଳରେ ଥିବା ୩ ଗାଇ ଅଧା ପୋଡି ଯାଇଥିବା ଜଣାପଡିଛି। ଡେରାବିଶ ଓ କୁଆଁପାଳ ଦମକଳ ବାହିନୀ ଘଟଣ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିବିପନ୍ନଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ନବନିର୍ମାଣ କୃଷକ ସଂଗଠନର ଜିଲା ସହ ସଂଯୋଜକ ଅଶୋକ କୁମାର ଶାନ୍ତି ଦାବି କରିଛନ୍ତି।

■ ଜିଲାରେ ମାଟ୍ରିକ ପରୀକ୍ଷା ଆରମ୍ଭ

# ଜିଲାପାଳ ପରିଦର୍ଶନ କଲେ ପରୀକ୍ଷା କେନ୍ଦ୍ର

## ୨୭,୫୧୫ରୁ ୫୧୧ ପରୀକ୍ଷାର୍ଥୀ ଅନୁପସ୍ଥିତ

ଯାଜପୁର ଅଫିସ,୨୨।୨


ଜିଲାପାଳ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଯାଜପୁର ଜିଲାର ୧୪୬ ଗୋଟି କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ, ମଧ୍ୟମ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନ ଶୁକ୍ରବାର ପିଲାମାନେ ମାତୃଭାଷା ବିଷୟରେ ପରୀକ୍ଷା ଦେଇଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ ଯାଜପୁର ଜିଲା ସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲକୁ ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଓ ଦାୟିତ୍ୱରେ ଥିବା ଅନ୍ୟାନ୍ୟ ଶିକ୍ଷୟତ୍ରୀଶିକ୍ଷକମାନେ ଯେପରି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଥା ନିୟମ ଅନୁସାରେ ପରୀକ୍ଷା ପରିଚାଳନା କରିବେ ସେଥିପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ । ପରୀକ୍ଷା କେନ୍ଦ୍ର ସମ୍ମୁଖରେ ଅଭିଭାବକମାନେ ଅଯଥା ଗହଳି ନ କରିବାକୁ ଜିଲାପାଳ କହିବା ସହ ଦାୟିତ୍ୱରେ ଥିବା ସୁରକ୍ଷା କର୍ମଚାରୀ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମାଟ୍ରିକ ପରୀକ୍ଷାରେ ୨୭୫୧୫, ମଧ୍ୟମାରେ ୪୨୫ ଓ ମୁକ୍ତ ବିଦ୍ୟାଳୟ ୪୧୪ ଜଣ ପରୀକ୍ଷାର୍ଥୀ ଏହିଭଳି ସର୍ବମୋଟ ୨୮୩୫୪ ଜଣ ପରୀକ୍ଷାର୍ଥୀ ଏଥିରେ ପରୀକ୍ଷା ଦେଉଛନ୍ତି । ପ୍ରଥମ ଦିନ ପରୀକ୍ଷାରେ ୫୧୧ ଜଣ ଅନୁପସ୍ଥିତ ରହିଥିଲେ । ବରୀ ବ୍ଲକର ସମୁଦାୟ ୧୪୦ଟି କେନ୍ଦ୍ରରେ ଜିଲାର ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେଉଛି। ୯ଟି ନୋଡ଼ାଲ ସେଣ୍ଟର ମାଧ୍ୟମରେ ଏହି ମାଟ୍ରିକ୍ ପରୀକ୍ଷା ପରିଚାଳିତ ହେଉଛି। ବରୀ ଅଞ୍ଚଳରେ ୧୨ଟି କେନ୍ଦ୍ରରେ ୨୬୪୦ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ସେହିପରି ରସୁଲପୁର ବ୍ଲକର ୧୫ଟି କେନ୍ଦ୍ରରେ ୨୬୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୯୮ଜଣ ପରୀକ୍ଷା ଦେଇଛନ୍ତି। ୧୩ ଟି ସ୍କ୍ୱାର୍ଡ କରାଯିବା ସହ ସମସ୍ତ କେନ୍ଦ୍ରକୁ ତଦାରଖ ପାଇଁ ମାଜିଷ୍ଟ୍ରେଟ୍ ଓ ପୋଲିସର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଜିଲା ସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଥିଲେ।

### ବ୍ୟାସନଗର ପୌରପରିଷଦରେ ସ୍ମାର୍ଟ-ଏଲ୍‌ଇଡି ଲାଇଟ ଉଦ୍‌ଘାଟିତ

ଯାଜପୁର ରୋଡ, ୨୨।୨(ନି.ପ୍ର)

ଶୁକ୍ରବାର ବ୍ୟାସନଗର ପୌରାଞ୍ଚଳରେ ଶୁକ୍ରବାର ସ୍ମାର୍ଟ ଏଲ୍‌ଇଡି ଲାଇଟ ସଂଯୋଗ ଶୁଭାରମ୍ଭ ହୋଇଛି । ଏହି ଅବସରରେ କୋରାଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଏଲ୍‌ଇଡଇ ଲାଇଟ ଶୁଭାରମ୍ଭ କରିଥିଲେ। ବ୍ୟାସନଗର ସହରର ବିଭିନ୍ନ ଅଞ୍ଚଳରେ ଗ୍ରୀନ ଫିଲ୍ଡ ଯୋଜନାରେ ଷ୍ଟ୍ରିଟ ଲାଇଟ ନ ଥିବା ଅଞ୍ଚଳରେ ସ୍ମାଟ ଲାଇଟ ସଂଯୋଗ କରାଯିବ ବୋଲି ବିଧାୟକ ଆକାଶ ଦାସ ନାୟକ କହିଛନ୍ତି । ବ୍ୟାସନଗର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ, ପୂର୍ବତନ ପୌରାଧକ୍ଷା ସବିତା ରାଉତ, ଆଶିଷ୍ଟାଣ୍ଟ ଇଂଜିନିୟର ପ୍ରହଲ୍ଲାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ୬୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

ଚଣ୍ଡିଖୋଲ, ୨୨।୨(ଡି.ଏନ୍.ଏ.)

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନରେ ଚଳିତ ବର୍ଷ ୧୯ଟି କେନ୍ଦ୍ରରେ ୩୧୫୩ ଛାତ୍ରୀଛାତ୍ର ପରୀକ୍ଷା ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ଶୁକ୍ରବାର ପ୍ରଥମ ଦିନ ବାଧ୍ୟତାମୂଳକ ମାତୃଭାଷା ପରୀକ୍ଷାରେ ୬୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।

■ ମଇଁଷି ପହଁରା ନାଳ ସେତୁ କାମ ନିମ୍ନମାନର ଅଭିଯୋଗ

# କାମ ବନ୍ଦ କଲେ ଗ୍ରାମବାସୀ

କାଳିଆପାଣି,୨୨।୨(ଡି.ଏନ୍.ଏ.)


ସେତୁ କାମରେ ପୁରୁଣା କଳଙ୍କିଯୁକ୍ତ ଲଗାଯାଇଥିବା ରଡ୍ ।

ନଗଡାକୁ ସଂଯୋଗ କରୁଥିବା ମଇଁଷି ପହଁରା ନାଳ ସେତୁ କାମ ନିମ୍ନମାନ କରାଯାଇଛି। ସେତୁର ଛାତ କାମରେ ନିମ୍ନମାନର ରଡ଼ ଲାଗାଯାଇଥିବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶୁକ୍ରବାର ଏହାକୁ ବିରୋଧ କରି ଗ୍ରାମବାସୀ କାର୍ଯ୍ୟସ୍ଥଳରେ ପହଞ୍ଚି କାମ ବନ୍ଦ କରି ଦେଇଥିବା ଜଣାପଡିଛି। ପୂର୍ବରୁ ନିମ୍ନମାନର କାମ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ଏ ନେଇ ବିଦ୍ଧିବଧ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୁକିନ୍ଦା ବ୍ଲକର ଟାଟ ମେନଗେଟଠାରୁ ନଗଡ଼ା ଅଞ୍ଚଳକୁ ସଂଯୋଗ କରୁଥିବା ମଇଁଷି ପହଁରା ନାଳ ଉପରେ ବିଜୁ ସେତୁ ଯୋଜନାରେ ଏକ ପୋଲ ନିର୍ମାଣ କରାଯାଉଛି। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ଟେଣ୍ଡର କରାଯାଇ ୨କୋଟି ୭୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଯାଜପୁର ଅଞ୍ଚଳର ଜଣେ ଠିକାଦାର ନିର୍ଦ୍ଧାରିତ ମୂଲ୍ୟଠାରୁ ଲେସ୍‌ରେ କାର୍ଯ୍ୟାଦେଶ ପାଇଥିଲେ। କାର୍ଯ୍ୟ ଆରମ୍ଭ ସମୟରେ ସ୍ଥାନୀୟ ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ ନିମ୍ନମାନର କାମକୁ ବିରୋଧ କରି କାମ ବନ୍ଦ କରିଥିଲେ। ଏବେ ସେତୁର ଦ୍ୱିତୀୟ ପର୍ଯ୍ୟାୟରେ ଛାତ ପକାଇବା ପାଇଁ ସେଣ୍ଟ୍ରିଂ ଚାଲୁଥିବା ବେଳେ ରଡ଼ ବନ୍ଧା ଶେଷ ହୋଇଛି । ଠିକାଦାର କାମରେ ପୁରୁଣା ଓ କଳଙ୍କି ଲାଗି ଦୁର୍ବଳ ହୋଇଯାଇଥିବା ରଡ଼ ଲଗାଇ କାମ କରୁଥିବାବେଳେ ଆବଶ୍ୟକ ମୁତବାକ ରଡ଼ ଲଗାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ମୁଦୁଲୀ ଭେଙ୍କଟରମଣଙ୍କୁ ପଚାରିବାରୁ ସରକାରଙ୍କ ଦ୍ୱାରା ଆଦୃତ ହୋଇଥିବା ରଡ଼ ଓ ସିମେଣ୍ଟ ବିନା ଅନ୍ୟ କୌଣସି ବ୍ରାଣ୍ଡର ବ୍ୟବହାର ହୋଇପାରିବ ନାହିଁ । ଯଦି ଏପରି ହୋଇଛି ତଦନ୍ତ ପରେ ଠିକାଦାରଙ୍କୁ ପୂନର୍ବା କାମ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### କପି କରି ଧରାପଡିଲେ ୫ ମାଟ୍ରିକ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା ଅଫିସ୍, ୨୨।୨:** ଚଳିତ ଶିକ୍ଷାବର୍ଷର ମ୍ୟାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅନୁଷ୍ଠିତ ଓଡ଼ିଆ ଭାଷା ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲାରେ ୫ ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ବିଭାଗ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଆଳି ବ୍ଲକ ଅନ୍ତର୍ଗତ ନମୌଜା ହାଇସ୍କୁଲ ପରୀକ୍ଷା କେନ୍ଦ୍ରର ୪ଜଣ ପରୀକ୍ଷାର୍ଥୀଙ୍କୁ କପି କରୁଥିବା ବେଳେ ଧରିଥିଲେ। ସେହିପରି ଏହି ବ୍ଲକର ଅତାଳ ଉତ୍କଳମଣି ହାଇସ୍କୁଲ ପରୀକ୍ଷା କେନ୍ଦ୍ରର ଜଣେ ପରୀକ୍ଷାର୍ଥୀ ଧରାପଡିଛନ୍ତି।

### ପରୀକ୍ଷା ଦେଲେନି ୪୭ ପରୀକ୍ଷାର୍ଥୀ

**ଡେରାବିଶ (ସ୍ୱ.ପ୍ର.)/ରାଜକନିକା, ୨୨।୨ (ଡି.ଏନ୍.ଏ):** ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଡେରାବିଶ ବ୍ଲକର ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୮୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୪ଜଣ ପରିକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଡେରାବିଶ ବ୍ଲକ ବିଡିଓ ଗୋପବନ୍ଧୁ ଭୋସାଗର ଓ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ୍ କୁମାର ସ୍ୱାଇଁ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛ, ଆବାଧ ଓ ନୀରପେକ୍ଷ ପରିକ୍ଷା ହେଉଥିବା ନେଇ ଯାଞ୍ଚ କରିଥିଲେ। ସେହିପରି ରାଜକନିକା ବ୍ଲକର ୧୧ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳା ମଧ୍ୟରେ ପ୍ରଥମ ଦିନ ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ତେବେ ହାଟସାହି ପରୀକ୍ଷା କେନ୍ଦ୍ରରେ ୫ଜଣ, ଦେଉଳତରାରେ ୩, କଣ୍ଡିଆରେ ୨, ପେଗରପଡାରେ ୮, ଓଳାଭରରେ ୧, ଡାଳିକେଏନ୍ଦାରେ ୬, ଆୟତନରେ ୫, ଭାରିଗଦା କେନ୍ଦ୍ରରେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଫଳରେ ସମୁଦାୟ ୨୨୦୩ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିବା ବେଳେ ସେମାନଙ୍କ ମଧ୍ୟରୁ ୩୩ ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।

### ମଦ ଦୋକାନ ସ୍ଥାନାନ୍ତର ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୨୨।୨:** କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁର ଚଣ୍ଡୀଦେବୀ ପୀଠ ନିକଟରେ ଏକ ସରକାରୀ ମଦ ଦୋକାନ ଖୋଲାଯାଇଛି। ଏହାକୁ ବିରୋଧ କରି ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଓ ମଦ ନିବାରଣ ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଶୁକ୍ରବାର ଏକ ଦାବିପତ୍ର ଦିଆଯାଇଛି। ଏ ସମ୍ପର୍କରେ ସରପଞ୍ଚ ରୀନା ମଲ୍ଲିକ କୁହନ୍ତି ଯେ, ରାଜ୍ୟ ସରକାରଙ୍କ ମଦ ବ୍ୟବସାୟ ନିୟମ ଅନୁଯାୟୀ, ଧାର୍ମିକ ପୀଠ ନିକଟରେ ଦୋକାନ ଖୋଲା ଯାଇପାରିବ ନାହିଁ। ତେବେ ଇନ୍ଦୁପୁରଠାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଚଣ୍ଡୀମନ୍ଦିର ପରିସର ନିକଟରେ ଏହି ବ୍ୟବସାୟ ହେଉଥିବାରୁ ଏଠାରେ ଧାର୍ମିକ ପରିବେଶ ନଷ୍ଟ ହେଉଛି। ଏହି ପୀଠରେ ଅନୁଷ୍ଠିତ ବାରୁଣୀ ମେଳା, ଡାକମଣ୍ଡା ପର୍ବ ଓ ଦଶହରା ପର୍ବରେ ଜିଲ୍ଲା ଭିତରୁ ଓ ବାହାରୁ ହଜାର ହଜାର ମହିଳା ରୁଣ୍ଡ ହୋଇ ମାନସିକ ପୂଜା କରିଥାନ୍ତି। ତେଣୁ ତୁରନ୍ତ ଏଠାରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ସେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମଦ ନିବାରଣ ଅଭିଯାନ କର୍ମକର୍ତ୍ତା ପାର୍ବତୀ ନାୟକ, ଦେବେନ୍ଦ୍ର କୁମାର ନାୟକ, ଶରତ କୁମାର ମଲିକ, ରଞ୍ଜିତା ନାୟକ, ଦଶରଥ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

### ୮୬ ୟୁନିଟ୍ ରକ୍ତ ସଂଗୃହୀତ

**ପାଟକୁରା, ୨୨ ।୨ (ଡି.ଏନ୍.ଏ.):** ଗରଦପୁର ବ୍ଲକ ସଭା ଗୃହରେ ଗୁରୁବାର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ଏକ ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ଦାଶ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା ଓ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ପୂର୍ବତନ ଚେୟାରମ୍ୟାନ ବାସୁଦେବ ବେହେରା, କଳାବୁଦା ସରପଞ୍ଚ ପ୍ରକାଶ ସାହୁଙ୍କ ସମେତ ବହୁ ଲୋକ ରକ୍ତ ଦାନ କରିଥିଲେ। ଶିବିରରେ ମୋଟ ୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଡାକ୍ତର ରାଜେଶ କୁମାର ମିଶ୍ରଙ୍କ ସମେତ ରେଡକ୍ରସ କର୍ମଚାରୀ ଅଲୀ ବେହେରା, ଉମାକାନ୍ତ ନାୟକ, ରୁନିବାଳା ନାୟକ, ମନୋଜ କୁମାର ଦାସ, କାହ୍ନୁଚରଣ ସେନାପତି, ସୌଭାଗ୍ୟ ରଞ୍ଜନ ସେଠୀ, ବିଜୟ ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହରେ ନିୟୋଜିତ ଥିଲେ। ନବଘନ ନାୟକ ଓ ସ୍ୱେଚ୍ଛାସେବୀ ଶିଶିର କୁମାର ପରିଜା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଜୁ ଯୁବବାହିନୀ ତରଫରୁ ବିଶେଷ ସହାୟତା ପାଇଁ ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ଶ୍ରୀକାନ୍ତ ପରିଡ଼ାଙ୍କୁ ରେଡକ୍ରସ ତରଫରୁ ପୁରସ୍କୃତ କରାଯାଇ ସିଲ୍ ପ୍ରଦାନ କରାଯାଇଥିଲା।

■ ଉପଭୋକ୍ତା ସୁରକ୍ଷା କମିଟିର ବୈଠକ

# ସଚେତନତା ଅଭାବରୁ ଠକେଇ ବଢୁଛି

**କେନ୍ଦ୍ରାପଡ଼ା ଅଫିସ୍, ୨୨।୨**

ଯେଉଁ ପଦାର୍ଥ ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି, ତାହା ବର୍ଜନୀୟ। କେନ୍ଦ୍ରପଡ଼ା ଜିଲାରେ ଏଥିପ୍ରତି ସଚେତନତା ସୃଷ୍ଟି କରାଯାଉନାହିଁ। ଫଳରେ ଉପଭୋକ୍ତା ବାରମ୍ୱାର ଠକେଇର ଶିକାର ହେଉଛନ୍ତି ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ଉପଭୋକ୍ତା ସୁରକ୍ଷା କମିଟି ବୈଠକରେ ମତ ପ୍ରକାଶ ପାଇଛି। ଜିଲା ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରକାଶ କରିଥିଲେ ଯେ, କେନ୍ଦ୍ରାପଡା ଜିଲାରେ ମାପ ଓ ଓଜନ ପ୍ରତି ପ୍ରଶାସନିକ ଧ୍ୟାନ ନାହିଁ। ସେହିପରି ବିକ୍ରି ଯୋଗ୍ୟ ପଦାର୍ଥ ନିମ୍ନମାନର, ଅତ୍ୟଧିକ ମୂଲ୍ୟ ଧାର୍ଯ୍ୟ, ନକଲି ଓ ନିମ୍ନମାନର ଅବିକଳ ପଦାର୍ଥ, ଅପମିଶ୍ରିତ ଓ ଦୂଷିତ ପଦାର୍ଥ, ତ୍ରୁଟି ପୂର୍ଣ୍ଣ ସେବା ପ୍ରଦାନ, ଅବାସ୍ତବ ସର୍ତ୍ତ ଆରୋପ ଆଦି କାରଣ ଯୋଗୁ ଖାଉଟି ପ୍ରତ୍ୟେକ କ୍ଷେତ୍ରରେ ଶୋଷଣର ଶିକାର ହେଉଛନ୍ତି। କିନ୍ତୁ ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ନିରାକରଣ ପାଇଁ ପଦକ୍ଷେପ ନିଆଯାଉନାହିଁ। ସେହିପରି ସାମାଜିକ କର୍ମୀ ବିଧୁଭୂଷଣ ମହାପାତ୍ର ଦର୍ଶାଇଥିଲେ ଯେ, କେନ୍ଦ୍ରାପଡ଼ା ଜିଲାରେ ବିଦ୍ୟୁତ ସେବା ଏକ ପ୍ରହସନ ପାଲଟିଛି। ଏ ନେଇ ଅଭିଯୋଗ କରିବା ପାଇଁ ଉପଯୁକ୍ତ ଫୋରମ ନାହିଁ। ସେହିପରି ଗ୍ୟାସ ବିତରଣରେ ସ୍ଥାନୀୟ ଡିଲର ବହୁ ହେରଫେର କରୁଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଏଥିରେ ସୁଧାର ହେଉନାହିଁ। ଏ ସମ୍ପର୍କରେ ଜିଲାପାଳ ପ୍ରକାଶ କରିଥିଲେ ଯେ, ଜଣେ ଖାଉଟିର ସୁରକ୍ଷା ଅଧିକାର ସହିତ ପଦାର୍ଥର ଗୁଣ, ସାମର୍ଥ୍ୟ ଆଦିର ସୂଚନା ପାଇବା ଅଧିକାର ଅଛି। ସେହିପରି ଦ୍ରବ୍ୟ ସମ୍ପର୍କରେ ଜାଣିବା, ଶୁଣିବା ସହିତ ଆପତ୍ତି କରିବା ଅଧିକାର ଅଛି। ତେବେ ଏଥିପ୍ରତି ଗ୍ରାହକ ସଚେତନ ହେଲେ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ମତ ଦେଇଥିଲେ। ବୈଠକରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ, ଏଏସ୍‌ପି ଅରୁଣ କୁମାର ଜେନାଙ୍କ ସମେତ ସଦସ୍ୟମାନେ ସାମିଲ ହୋଇଥିଲେ।



ଉପଭୋକ୍ତା ସୁରକ୍ଷା କମିଟି ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

■ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଜାଲିଆତି ଘଟଣା

## ପୂର୍ବତନ ସିଡିପିଓଙ୍କ ନାଁରେ ଚାର୍ଜଶିଟ୍ ଦାଖଲ

**କେନ୍ଦ୍ରାପଡ଼ା ଅଫିସ୍, ୨୨।୨**

ମାର୍ଶାଘାଇ ବ୍ଲକ ଅଧୀନ ଜଳପୋକ ପଞ୍ଚାୟତ ୧୩ ନଂ. ୱାର୍ଡର ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଜାଲିଆତି ଘଟଣାରେ ଗୁରୁବାର ପୂର୍ବତନ ସିଡିପିଓ ପ୍ରତିମା ଦାସଙ୍କ ନାମରେ ପାଟକୁରା ଚାର୍ଜସିଟ୍ ଦାଖଲ କରିଛି। ୨୦୧୪ରେ ଏହି ଅଭିଯୋଗ ହୋଇଥିବା ବେଳେ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ସିଡିପିଓ ଜାଲିଆତି କରିଥିବା ସୂଚନା ମିଳିଛି।

ଘଟଣା ମୁତାବକ, ୨୦୧୪ରେ ଜଳପୋକ ପଞ୍ଚାୟତ ୧୩ ନଂ. ୱାର୍ଡର ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତତ୍କାଳୀନ ସିଡିପିଓ ଦାସ ଏହି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଭାବେ ସୁଲୋଚନା ପ୍ରଧାନଙ୍କୁ ନିଯୁକ୍ତି ଦେଇଥିଲେ। ତେବେ ଏହି ନିଯୁକ୍ତିରେ ଜାଲିଆତି ହୋଇଥିବା ନେଇ ଅନ୍ୟତମ ଆଶାୟୀ ପ୍ରାର୍ଥିନୀ ସ୍ୱାତିରେଖା ଜେନା ସେତେବେଳେ କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। ଏସଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ, ପାଟକୁରା ଥାନା ପୋଲିସ ଏ ନେଇ ୧୮୩/୧୪ନଂ. ରେ ମାମଲା ରୁଜୁ ସହିତ ତଦନ୍ତ ଚଳାଇଥିଲା। ତଦନ୍ତରେ ପୂର୍ବତନ ସିଡିପିଓ ଦାସ ନିଯୁକ୍ତି ସମୟରେ ଜାଲିଆତି କରିଥିବା ଚାର୍ଜସିଟରେ ଉଲ୍ଲେଖ ହୋଇଛି। ସୂଚନାଯୋଗ୍ୟ, ପୂର୍ବତନ ସିଡିପିଓ ଦାସ ଇତିମଧ୍ୟରେ ଅବସର ଗ୍ରହଣ କରି ସାରିଛନ୍ତି।

## ଆଳିରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ତହସିଲ ଆଗରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି

**ଆଳି, ୨୨।୨ (ଡି.ଏନ.ଏ.)**

ପୁଲ୍‌ୱାମା ଆତଙ୍କବାଦୀ ହାମଲାରେ ଶହୀଦ ହୋଇଥିବା ୪୯ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଳି ତହସିଲ କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଳି ତହସିଲ କର୍ମଚାରୀ, ସବରେଜିଷ୍ଟ୍ରାର କର୍ମଚାରୀ ଓ ଆଳି ବାର୍ ଆସୋସିଏଶନ ସଦସ୍ୟମାନେ ଯୋଗଦେଇ ଆତଙ୍କବାଦୀଙ୍କ ଏହି ବର୍ବରୋଚିତ କାଣ୍ଡକୁ ଦୃଢ ନିନ୍ଦା କରିବା ସହିତ ଭାରତ ଏହାର ଦୃଢ଼ ଜବାବ ଦେବାକୁ ମତ ପ୍ରକାଶ ପାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସବ୍‌ରେଜିଷ୍ଟ୍ରାର ରବିନାରାୟଣ ଆଚାର୍ଯ୍ୟ, ଆଇନଜୀବୀ ଶରତ ମହାନ୍ତି, ଅକ୍ଷୟ ମଲିକ, ରାଧାକାନ୍ତ ବିଶ୍ୱାଳ, ନଳିନୀ ରଞ୍ଜନ ରାୟଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏଶନର ବୈଠକ

**କେନ୍ଦ୍ରାପଡ଼ା ଅଫିସ୍, ୨୨।୨**

ସହରର ତିନିମୁହାଣିସ୍ଥିତ ରାମ ମନ୍ଦିର ପରିସରରେ ଇପିଏଫ୍ ପେନସନର୍ସ ଆସୋସିଏଶନର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଶରତ ପାଣୀ, ଶ୍ରୀଧର ମିଶ୍ର, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଠାରେ ଇପିଏଫ୍ ପେନସନ ଭୋଗୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ୭,୫୦୦ ଟଙ୍କା ସର୍ବନିମ୍ନ ପେନସନ ଓ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ପ୍ରଦାନ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଏହି ଦାବି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରତ୍ନାକର ମହାପାତ୍ର, ରବୀନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ବେହେରା, ଧ୍ରୁବ ଚରଣ ସାହୁ, ଗୋବିନ୍ଦ କର ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା


ସ୍କୁଲ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା।

**ମହାକାଳପଡ଼ା, ୨୨।୨ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତସ୍ଥିତ ଉତ୍ତରପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସମସ୍ୟମାନେ ସ୍କୁଲ ଆଗରେ ଧାରଣାରେ ବସିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଏହି ଧାରଣା ଦିଆଯାଇଥିଲା। ଖବରପାଇ ସିଆରସିସି ପ୍ରମୋଦ ଖୁଣ୍ଟିଆ ଓ ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ବିଦ୍ୟାଳୟରୁ ତାଲା ଖୋଲାଯାଇ ପାଠପଢ଼ା ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନଞ୍ଜୟ ସାନା, ଭଗବତୀ ମଣ୍ଡଳ, ହୀରାମଣି ମଣ୍ଡଳ, ଶୁକଦେବ ମିସ୍ତ୍ରି, ସତ୍ୟଜିତ ହାଲଦାର, ଗୁଣାଧର ପଣ୍ଡିତ ଓ ମିନତି ବେହେରାଙ୍କ ସମେତ ଛାତ୍ରୀଛାତ୍ରମାନେ ଧାରଣାରେ ସାମିଲ ହୋଇଥିଲେ।

## ରାଜନଗର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

**ରାଜନଗର, ୨୨।୨ (ଡିଏନଏ)**

ରାଜନଗରସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ରାଜେଶ କୁମାର ସାଇଁ, ଶିକ୍ଷାବିତ ବିଜୟ କୁମାର ଜେନା, ରବି ନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ମଞ୍ଜୁଲତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ବିଡିଓ ମନ୍ଦରଧର ମହାଲିକ, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର , ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର, ୨୨।୨ (ଡିଏନଏ)**

ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀର ଖଣତା ଠାରେ ଜମ୍ମୁ କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଖଣତା ହନୁମାନ ମନ୍ଦିର ପରିସରରେ ଖଣତା, ଡିମିରିଆ, ସୁବର୍ଣ୍ଣପୁର ଗାଁର ଯୁବକମାନେ ସାମିଲ ହୋଇ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ମିଶ୍ର, ଶିବ ପ୍ରସାଦ ମହାପାତ୍ର, ତାପସ ପରିଡା, ଦେବଦତ୍ତ ସେଠୀ, ସୁବାସ ଚନ୍ଦ୍ର ମଲ୍ଲିକ, ପ୍ରଳୟ କୁମାର ମଲ୍ଲିକ, ସତ୍ୟବ୍ରତ ରାଉତ, କୁନି ଲେଙ୍କା, ଚିତ୍ତରଞ୍ଜନ ସେଠୀ, ସୌଭାଗ୍ୟ ଲକ୍ଷ୍ମୀ ରଥ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## କ୍ଷୁଧାମୁକ୍ତ ଓଡ଼ିଶା ଆଲୋଚନା ଚକ୍ର

**କେନ୍ଦ୍ରାପଡା ଅଫିସ, ୨୨।୨:** କେନ୍ଦ୍ରାପଡା ବ୍ଲକ ଚାରିଗାଁଠାରେ କ୍ଷୁଧାମୁକ୍ତ ଓଡିଶା ଶୀର୍ଷକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁଦାମ ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ରାଜ୍ୟ ଖାଦ୍ୟ କମିଶନ ସଦସ୍ୟା ଡା. ସିପ୍ରା ମଲ୍ଲିକ, ସରୋଜିନୀ ଦାସ, କଲ୍ୟାଣି ବୋଷ, ଚନ୍ଦ୍ରଭାନୁ ମଳିକ, ଅକ୍ଷୟ ପରିଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଦର୍ଶାଇଥିଲେ ଯେ, ରାଜ୍ୟ ସରକାର କ୍ଷୁଧାମୁକ୍ତ ଓଡିଶା ଗଠନ କରିବା ପାଇଁ ପ୍ରତିବଦ୍ଧତା ରଖିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଏହାର ସମାଧାନ ହୋଇ ପାରୁଥିବା ଏଠାରେ ଆଲୋଚକମାନେ ପ୍ରକାଶ କରିଥିଲେ। ମାଗୁଣି ପରିଡା, ବାବୁଲି ଜେନା, ପୁରସ୍ତମ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗ୍ୟାସ୍ ବ୍ୟବହାର ସମ୍ପର୍କିତ ସଚେତନତା


ନମତରାଠାରେ ଅନୁଷ୍ଠିତ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ ଉପସ୍ଥିତ ଅତିଥି।

**ରାଜକନିକା, ୨୨।୨ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ନମତରାଠାରେ ଶୁକ୍ରବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ମୁଖ୍ୟଅତିଥି, ନମତରା ସରପଞ୍ଚ ହୃଦାନନ୍ଦ ଦାସ ସମ୍ମାନିତ ଅତିଥି ଓ ଭୁବନେଶ୍ୱର ଏଚପିସିଏଲ୍‌ର ଅଧିକାରୀ ରଜତ ସିହ୍ନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଦିଲ୍ଲୀରୁ ଭିଡିଓ କନଫରେନସିଂ ମାଧ୍ୟମରେ ରାଜ୍ୟର ୪ଟି ଜିଲାର ଉଜ୍ଜ୍ୱଳା ଉପଭୋକ୍ତା ମହିଳାଙ୍କ ସହ କରିଥିବା ଆଲୋଚନାକୁ ଉତ୍ସବରେ ଉପସ୍ଥିତ ମହିଳାମାନେ ଦେଖିଥିଲେ। ଜିଲା ଉଜ୍ଜ୍ୱଳା ନୋଡାଲ ଅଫିସର ସୁବ୍ରତ ନାଥ, ଶ୍ରୀରାମ ଭାରତ ଗ୍ୟାସ, କଳଙ୍ଗ ଏଚ୍‌ପି ଓ ଗଞ୍ଜା ଇଣ୍ଡେନ ଗ୍ୟାସ ବିତରଣ କେନ୍ଦ୍ରର ପ୍ରତିନିଧିମାନେ ଏଥିରେ ଯୋଗଦେଇ ଗ୍ୟାସର ବ୍ୟବହାର ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରିଥିଲେ।

## ଶହୀଦଙ୍କ ପାଇଁ ଶୋଭାଯାତ୍ରା

**ମାର୍ଶାଘାଇ, ୨୨।୨ (ଡିଏନଏ)**

ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କ୍ୟାଣ୍ଡେଲ ଶୋଭାଯାତ୍ରା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମାର୍ଶାଘାଇଠାରେ ବୁଧବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଜ୍ଜଣଛକ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରୁ ବାହାରି ଯଜ୍ଞ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପୂର୍ବତନ ସୈନିକ ବଳରାମ ବେହେରା, ବିକାଶ ମହାପାତ୍ର, ପ୍ରଶାନ୍ତ ଦାସ, ଅବସରପ୍ରାପ୍ତ ଶିକ୍ଷକ ସୁନାକର ସ୍ୱାଇଁ,ଇଂ ଦୁର୍ଗାପ୍ରସନ୍ନ ନାୟକ, ମାର୍ଶାଘାଇ ସମିତିସଭ୍ୟ ନିଗମପ୍ରସାଦ ରଥ, ଜ୍ଞାନ ରଞ୍ଜନ ବସନ୍ତିଆ, ଶୁକଦେବ ସ୍ୱାଇଁ, ବଳଭଦ୍ର ଦାସଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ। ସେହିପରି ଅଙ୍ଗୁଳାଇ ଓ କୁହୁଡି ପଞ୍ଚାୟତ ସଚେତନ ନାଗରିକମାନଙ୍କ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଡେରାବିଶ, ୨୨।୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ କଲେଜ ପରିସରରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଉଜ୍ଜ୍ୱଳା ନୋଡାଲ ଅଧିକାରୀ ଜିତମିତ୍ର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ଗୃହିଣୀମାନଙ୍କୁ ରନ୍ଧନ ଗ୍ୟାସ ଯୋଗାଇ ଦେଶର ସ୍ୱଚ୍ଛତା, ପରିବେଶରେ ସୁଧାର ଆଣିବା ସହ ଗୃହିଣୀଙ୍କ ମୁହଁରେ ହସ ଫୁଟାଇଛନ୍ତି ବୋଲି ମୁଖ୍ୟଅତିଥି ପରିଡ଼ା କହିଥିଲେ। ଡେରାବିଶ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାୟକ ମୁଖ୍ୟବକ୍ତା, ଭାଜପା ରାଜ୍ୟ କର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା, ଜିଲା ଭାଜପା କାର୍ଯ୍ୟକର୍ତ୍ତା ଗୀତାଞ୍ଜଳି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାନ୍ଦୋଳର ମା' ସାବିତ୍ରୀ ଭାରତ ଗ୍ୟାସ ବିତରକ ଦୀପକ ରଞ୍ଜନ ବେହେରା, ମାର୍ଶାଘାଇର କାହ୍ନା ଏଚ୍‌ପି ଗ୍ୟାସ୍ ବିତରକ ଭାଗିରଥି ନାୟକ, ଛତାର ବନମାଳୀ ଏଚପି ଗ୍ୟାସ ବିତରକ ସତ୍ୟପ୍ରିୟ ବେହେରା ଓ ରୋହିଣୀ ନନ୍ଦନ ଏଚ୍‌ପି ଗ୍ୟାସ୍ ବିତରକ ବିବେକାନନ୍ଦନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଜ୍ଜ୍ୱଳା ଯୋଜନାର କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜେଶ୍ୱରୀ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଖମୋଳ ପୂର୍ବତନ ସମିତିସଭ୍ୟ ଗୌତମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଭାଜପାର ୧୨ ନଂ. ଜୋନ୍ ସଭାପତି ଅମୀୟ ମିଶ୍ର, ସରୋଜକାନ୍ତ ବିହାରୀ, ଖମୋଳ ସରପଞ୍ଚ ଲିଲିମା ପରିଡ଼ା, ରତିଆ ସରପଞ୍ଚ ଗିତାଞ୍ଜଳୀ ସେଠୀ, ପୂର୍ବତନ ସରପଞ୍ଚ ସରୋଜକାନ୍ତ ବିହାରୀ ପ୍ରମୁଖ ପରିଚାଳନା କରିଥିଲେ।

■ ଡେରାବିଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରନ୍ତି ଛାତ୍ରୀଛାତ୍ର

**ଡେରାବିଶ, ୨୨।୨ (ସ୍ୱ.ପ୍ର.)**

ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବିଗତ ବର୍ଷଗୁଡ଼ିକର ସ୍ୱର୍ଣ୍ଣିମ କିର୍ତ୍ତୀ ରହିଥାଏ। ଶିକ୍ଷାନୁଷ୍ଠାନର ପୂର୍ବ କିର୍ତ୍ତିକୁ ରକ୍ଷା କରିବା ସହ ତାହାର ଭବିଷ୍ୟତକୁ ଗୌରବାନ୍ୱିତ କରିବା ସେହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଛାତ୍ରୀଛାତ୍ରୀ ଓ ଅଧ୍ୟାପିକାଅଧ୍ୟାପକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଡେରାବିଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଲେଜ ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଧ୍ୟାପକ ଚତୁର୍ଭୂଜ କର ପୌରୋହିତ୍ୟ କରିଥିଲେ। ଏଥିରେ କଲେଜର ପ୍ରତିଷ୍ଠାତା ସଦସ୍ୟ ସଦାନନ୍ଦ ବେଦାନ୍ତ ମୁଖ୍ୟଅତିଥି, କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଦସ୍ୟ ପ୍ରାଧ୍ୟାପକ ଡା. ବନମାଳୀ କର ମୁଖ୍ୟବକ୍ତା ଏବଂ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ନୃସିଂହ ମଲିକ, ଡ. ହରିଶ ପୃଷ୍ଟି, ଅଧ୍ୟାପକ ପ୍ରଭାକର ସାମଲ, କେନ୍ଦ୍ରାପଡା ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରତିଷ୍ଠା ସମୟରୁ ଏଯାବତ୍ କଲେଜ ଉନ୍ନତିର ବିଭିନ୍ନ ଦିଗ ପ୍ରତି ଆଲୋନା କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଲେଜର ପୂର୍ବତନ ଅଧ୍ୟାପକ ନଗେନଚନ୍ଦ୍ର ଦାସ, ସମାଜକ କର୍ମୀ ହଳଧର ଦାଶ, ଯନ୍ତ୍ରୀ ଦେବେନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଆବଦୁଲ ସଲାମ ଖାଁ, ଝରୀ ସାମଲ, କଲେଜ ପୂର୍ବତନ ପରିଚାଳନା କମିଟି ସଦସ୍ୟ ବିପିନ ବିହାରୀ ସାହୁ, ଅର୍ଜୁନି ସାହୁ ଓ ବ୍ରହ୍ମାନନ୍ଦ ମଲିକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ପୁଲ୍‌ୱାମାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିସହିତ ଏହି କଲେଜ ପ୍ରତିଷ୍ଠାରେ ସହଯୋଗ କରିଥିବା ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅଧ୍ୟାପକ ଧନେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପଟ୍ଟନାୟକ ଅଧ୍ୟାପକ ଲୋକନାଥ ଗିରି, ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ସଞ୍ଜୟ କୁମାର ମିଶ୍ର, କିଶୋର କୁମାର ବେଦାନ୍ତ, ରଘୁନାଥ ସାହୁ, କର୍ମଚାରୀ ଅନନ୍ତ ଭୁୟାଁଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କଲେଜ କର୍ମଚାରୀମାନେ ସହଯୋଗ କରିଥିଲେ।


ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### କାଳିଆ ଅର୍ଥର ସୁବିନିଯୋଗ କରିବାକୁ ଆହ୍ୱାନ

**ବିରିଡ଼ି,୨୨।୨(ଡି.ଏନ.ଏ.):** ଚଳିତ ଆର୍ଥିକ ବର୍ଷରେ ଚାଷୀଙ୍କୁ ରାଜ୍ୟ ସରକାର କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅର୍ଥର ସଦୁପଯୋଗ କରିବା ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କୁ ତଦାରଖ ଓ ସହଯୋଗ କରିବାକୁ ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରିବା ପାଇଁ ଶୁକ୍ରବାର ବିରିଡ଼ି ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରି ଏଥିରେ ପ୍ରଶିକ୍ଷଣ ଦିଆଯାଇଥିଲା। ଭୂମିହୀନ ଚାଷୀମାନେ କାଳିଆ ଯୋଜନା ସହାୟତା ଅର୍ଥକୁ ଅନ୍ୟ ବାଟରେ ଖର୍ଚ୍ଚ ନ କରି ଗାଈ, କୁକୁଡା, ବତକ, ମହୁ, ଛତୁ, ମାଛ ଓ ବାଡି କୁକଡା ପାଳନ ଆଦିରେ ବିନିଯୋଗ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ବାର୍ତ୍ତାକୁ ନୋଡାଲ ଅଫିସରମାନେ ଘର ଘର ବୁଲି ହିତାଧିକାରୀଙ୍କ ପାଖରେ ପହଞ୍ଚାଇବେ। ଏଥିସହ ଆବଶ୍ୟକ ବୈଷୟିକ ସୁବିଧା ଓ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା କରିବେ। ଶିବିରରେ କୃଷି କର୍ମଚାରୀ ଓ ପଞ୍ଚାୟତରାଜ ବିଭାଗ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ଏବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ କୃଷି ଅଧିକାରୀ ମାନସୀ ମଧୁଭାଷିନୀ ପଶାୟତ, ପ୍ରଦୀପ ବେଉରା, ଆଡିନାସଲ ଭିଏଏସ ଜଗଦିଶ ମହାନ୍ତି, ଆଡିସନାଲ ମତ୍ସ୍ୟ ଅଧିକାରୀ ମୋନାଲିସା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ଶିକ୍ଷକ ବିଦ୍ୟାର୍ଥୀଙ୍କ ଦ୍ୱିତୀୟ ଈଶ୍ୱର

**ତିର୍ତ୍ତୋଲ,୨୨।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଓଳଗଦାସ୍ଥିତ ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ପୃଷ୍ଟିଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସିଆରସିସି ବିଷ୍ଣୁଚରଣ ସେଠୀ ସଭାପତିତ୍ୱ କରିଥିଲେ। ସମିତି ସଭ୍ୟ ରଞ୍ଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ବିଦ୍ୟାର୍ଥୀଙ୍କ ପାଇଁ ଦ୍ୱିତୀୟ ଈଶ୍ୱର ବୋଲି ମତବ୍ୟକ୍ତ କରିଥିଲେ। ନିମ୍ନମାଧମିକ ଶିକ୍ଷକ ମହାସଂଘ ତିର୍ତ୍ତୋଲ ବ୍ଲକ ସଭାପତି ବାବୁଲି ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା, ଶିକ୍ଷକ ନାରାୟଣ ପ୍ରସାଦ ଦାସ, ବିରଞ୍ଚି ନାରାୟଣ ଦାସ, ଜଗନ୍ନାଥ ମହାପାତ୍ର, ପ୍ରଦୀପ ମହାନ୍ତି, ଶିକ୍ଷୟିତ୍ରୀ ସରୋଜିନୀ ସାହୁ, ସୁଲୋଚନା ବେହେରା, ସଂଘମିତ୍ରା ସ୍ୱାଇଁ, ସସ୍ମିତା ମହାନ୍ତି ଓ ପରିଚାଳନା କମିଟି ସଭାପତି ଅକ୍ଷୟ ଖୁଣ୍ଟିଆ, ଅବସରପ୍ରାପ୍ତ ଶିକ୍ଷକ ଚଇତନ ଚରଣ ସ୍ୱାଇଁ, ଯଦୁନାଥ ଦାସ, ନଗେନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ ରାଜଶ୍ରୀ ନାୟକ, କୁଇଁ ପାଣି, ପୁରାତନ ଛାତ୍ର ନିମାଇଁ ଦାସ, ଅଶୋକ ଦଳାଇ, ପ୍ରଫୁଲ୍ଲ ମହାନ୍ତି, ନିରଞ୍ଜନ ସାମଲ, ସଞ୍ଜୟ ସେଠୀ, ରମାକାନ୍ତ ପାଣି, ସୌଭାଗ୍ୟ ନାୟକ, ପ୍ରଣତି ନାୟକ, ସରୋଜ ହୋତା, ପଙ୍କଜ ହୋତା, ମଳୟ ନାୟକ, ପ୍ରସନ୍ନ ପାଣି, ନାରାୟଣ ଦଳାଇ, ଅମିୟ ଖୁଣ୍ଟିଆ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ରମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ତରଫରୁ ଏହି ଉତ୍ସବ କରାଯାଇଥିଲା।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

**ବାଲିକୁଦା,୨୨।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ଦେଉଳି ଗ୍ରାମରେ ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ରାଉଳଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବାଲିକୁଦା ପୂଜ୍ୟପୂଜା ସଂସଦ ଓ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସଂସଦର ସଭାପତି କୈଳାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଜଗତସିଂହପୁର ଏମପି ଡା. କୁଳମଣି ସାମଲ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, କଂଗ୍ରେସ ନେତା ଶିବବ୍ରତ ଦାସ, ଭାଜପା ନେତା ରଘୁନନ୍ଦନ ଦାସ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବବିତା ସ୍ୱାଇଁ, ଜିଲ୍ଲା କଂଗ୍ରେସ ଓବିସି ସେଲ ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ସାର୍‌ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପଣ୍ଡିତ ଅଜୟ ଶତପଥୀ ବେଦପାଠ କରିଥିଲେ। ପୁଅ ନିକୁଞ୍ଜ ରାଉଳ ଓ ବିଧାନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ବନ ଉଜାଡ଼ି ବନ୍ୟଜନ୍ତୁ ଚିନ୍ତା



ହେନ୍ତାଳ ବଣ ସୁରକ୍ଷା ପାଇଁ ଥିବା ବିଟ୍ ହାଉସ୍।



ବନ୍ୟଜନ୍ତୁ ପାଣି ପିଇବା ପାଇଁ ଖୋଳାଯାଇଥିବା ପୋଖରୀ।

- ସାଇନ ବୋର୍ଡରେ ସୀମିତ ସଂରକ୍ଷିତ ହେନ୍ତାଳବଣ
- ବନ୍ୟଜନ୍ତୁଙ୍କ ପାଇଁ ଖୋଳାଯାଉଛି ପୋଖରୀ
- ଶିଳ୍ପ ଆଳରେ ଧ୍ୱଂସ କରାଯାଉଛି ହେନ୍ତାଳବନ

**ପାରାଦୀପ,୨୨।୨(ସ୍ୱ.ପ୍ର.)**

ସରକାରୀ ନଥିପତ୍ରରେ ଏବେ ବି ପାରାଦୀପର ମହାନଦୀ ମୁହାଣଠାରୁ ଜଗତ୍‌ସିଂହପୁର ଜିଲାର ହରିଶପୁର-ମରିଚିପୁର ପର୍ଯ୍ୟନ୍ତ ବେଳାଭୂମିକୁ ସଂରକ୍ଷିତ ଜଙ୍ଗଲ କୁହାଯାଉଛି। ଏଥିସହ ୨୦୧୭-୧୮ ବର୍ଷରେ ସେହି ସଂରକ୍ଷିତ ଜଙ୍ଗଲରେ ଥିବା ପଶୁପକ୍ଷୀଙ୍କ ପାଇଁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପୋଖରୀ ଖୋଳାଯାଇଛି। ବନ୍ୟଜନ୍ତୁମାନେ ଖରାଦିନେ ଏହି ପୋଖରୀରୁ ପାଣି ପିଇବେ। ଜଙ୍ଗଲ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଷଣ୍ଢକୁଦ ବସ୍ତି ଉପାନ୍ତ ବେଳାଭୂମିରେ ଏକ ବିଟ୍ ହାଉସ୍ ଅଛି। କିନ୍ତୁ ପରିତାପର ବିଷୟ ହେଲା ଏସବୁ କେବଳ ସାଇନବୋର୍ଡ ଓ କାଗଜପତ୍ରରେ ସୀମିତ ହୋଇ ରହିଛି। କାରଣ ପାରାଦୀପ ଟାଉନସିପ୍ ସଂଲଗ୍ନ ବେଳାଭୂମିରୁ ଏରସମା ବାଲିକୁଦା ପର୍ଯ୍ୟନ୍ତ ସଂରକ୍ଷିତ ହେନ୍ତାଳ ବଣର ଚିହ୍ନବର୍ଣ୍ଣ ନାହିଁ। ଯେଉଁ ଅଳ୍ପ କେତେକ ସ୍ଥାନରେ କିଛି ଗଛ ଦେଖାଯାଉଛି ସେଗୁଡ଼ିକ କେବଳ ଝାଉଁଗଛ। ତାହା ପୁଣି ମହାବାତ୍ୟା ପରେ ଲଗାଯାଇଛି। ରାଜନଗର ବନଖଣ୍ଡ ଅଧୀନ ପାରାଦୀପ ବେଳାଭୂମି ଅଞ୍ଚଳରେ ୧୯୬୦ଦଶକରୁ ହେନ୍ତାଳବଣକୁ କ୍ରମଶଃ କଟାଯାଇ ସେଠାରେ ୧୫ଟି ବୃହତ୍‌ଶିଳ୍ପ ସ୍ଥାପିତ ହୋଇଛି। ଏହା ପରେ ମଧ ମହାନଦୀ ମୁହାଣ ସଂଲଗ୍ନ ଅଞ୍ଚଳରେ କିଛି ମାତ୍ରାରେ (୧୮୦ ବର୍ଗମିଟର) ଜଙ୍ଗଲ ଥିଲା। କିନ୍ତୁ ୨୦୧୪ ନଭେମ୍ବରରୁ ସେହି ଜଙ୍ଗଲକୁ ପର୍ଯ୍ୟାୟକ୍ରମେ ଶିଳ୍ପ ସମ୍ପ୍ରସାରଣ ପାଇଁ ପୋତା ଚାଲିଛି। ୨୦୦୫ରୁ ୨୦୧୨ ମଧରେ ପାରାଦୀପ ସଂଲଗ୍ନ ଢିଙ୍କିଆ ନୂଆଗାଁ ଅଞ୍ଚଳରେ ପୋସ୍କୋ ପ୍ରକଳ୍ପ ପାଇଁ ଲକ୍ଷାଧିକ ଗଛ କଟାଯାଇ ଟାଙ୍ଗରା କରିଦିଆଯାଇଥିଲା। ସମୟକ୍ରମେ ସମୁଦ୍ର ବେଳାଭୂମି ଅଞ୍ଚଳ ସମ୍ପୂର୍ଣ୍ଣ ଖାଲି ହୋଇଗଲାଣି। କିନ୍ତୁ ସେହି ଅଞ୍ଚଳରେ ବନ୍ୟପ୍ରାଣୀ ପାଣି ପିଇବା ପାଇଁ ପୋଖରୀ ଖୋଳାଯିବା ଧର୍ମକୁ ଆଖିଠାର ସଦୃଶ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ, ୧୯୬୨ ଜାନୁୟାରୀ ୩ରେ ପାରାଦୀପ ବନ୍ଦର ଭିତ୍ତିପ୍ରସ୍ତର ପଡ଼ିଥିଲା। ଉକ୍ତ ସମୟ ପୂର୍ବରୁ ଏହି ବେଳାଭୂମି ଅଞ୍ଚଳ ଘଞ୍ଚ ହେନ୍ତାଳ ବଣ ଥିଲା ବୋଲି ବର୍ଷିୟାନ କୈବର୍ତ୍ତ ଯଜ୍ଞ ରାଉତ କୁହନ୍ତି। ୨୨୯୯୫ ଏକର ଅଞ୍ଚଳ ପରିବ୍ୟାପ୍ତ ୫୭ଟି ଛୋଟ ବଡ଼ନଦୀ ଜଗତ୍‌ସିଂହପୁର ଜିଲାର ସନ୍ତରାଠାରୁ କେନ୍ଦ୍ରାପଡା ଜିଲାର ମହାକାଳପଡ଼ା ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା। କିନ୍ତୁ ଶିଳ୍ପାୟନ ପ୍ରଭାବରେ ଜଙ୍ଗଲ ଉଜୁଡିଯିବା ସହ ନଦୀ ମଧ ସତ୍ତା ହରାଇଛି। ସେହି ଅଞ୍ଚଳରେ ବନବିଭାଗର ବିଟ୍ ହାଉସ ଜଙ୍ଗଲ ଜଗୁଛି। ସେହି ବିଟ୍ ହାଉସ୍‌ରେ ପ୍ରାୟତଃ କେହି ରହୁନାହାନ୍ତି। ଜନବସତିଠାରୁ ଦୂର ଉକ୍ତ ବିଟ୍‌ହାଉସ୍‌ରେ ବିଦ୍ୟୁତ୍ ଓ ପାଣି ଆଦି ସୁବିଧା ନାହିଁ। ସେଠାରେ ଚଳିବା କଷ୍ଟକର ବୋଲି ସମ୍ପୃକ୍ତ ଫରେଷ୍ଟ ଗାର୍ଡ ସୌଜେନ୍ଦ୍ର ଦାସ କୁହନ୍ତି। ପରିବର୍ତ୍ତିତ ଶିଳ୍ପାୟନ ପ୍ରଭାବରେ ଜଙ୍ଗଲ ଧ୍ୱଂସ ପାଇବା ସ୍ଥାନରେ ପୋଖରି ଖୋଳା ହେବା ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଯେ ଏହା ବିଭାଗର ନିୟମିତ ପ୍ରକ୍ରିୟା। ଖରାଦିନେ ପଶୁ ପକ୍ଷୀ ପାଣି ପିଇବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି।



ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ବିଦ୍ୟାଳୟକୁ ଜ୍ଞାନର ମନ୍ଦିର ଭାବିବା ଉଚିତ

**ତିର୍ତ୍ତୋଲ,୨୨।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନାଉସୀରାସ୍ଥିତ ଆଇଡିଆଲ ସ୍କୁଲ ଅଫ ଏଜୁକେଶନର ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ ବିଶିଷ୍ଟ ଶିକ୍ଷାବିତ ଗୋଲୋକ ବିହାରୀ ପଲାଇ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟକୁ ଜ୍ଞାନର ମନ୍ଦିର ଭାବିବା ଉଚିତ ଓ ପରିବର୍ତ୍ତିତ ସାମାଜିକ ସ୍ଥିତିରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ତିର୍ତ୍ତୋଲ କୃଷି ଜିଲା ଅଧିକାରୀ ଅଶୋକ କୁମାର ମହାନ୍ତି ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ସହକାରୀ କୃଷି ଅଧିକାରୀ ନିରଞ୍ଜନ ସାହୁ, ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ପରମାନନ୍ଦ ମିଶ୍ର, ଶାରଳା ସାହିତ୍ୟ ଓ ମହିମା ପ୍ରଚାରକ ରମାକାନ୍ତ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଉମାକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନୃସିଂହ ଚରଣ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର, ରୁପାଲି ସ୍ୱାଇଁ, ଶିକ୍ଷକ କୈଳାସ ମଲ୍ଲିକଙ୍କ ସଂଯୋଜନାରେ ତିର୍ତ୍ତୋଲ ବ୍ଲକ ଅଧୀନ ୧୮ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧରେ ନୃତ୍ୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରଘୁପତି ଆଇଡିଆଲ ସ୍କୁଲର ଅମିତ କୁମାର ସାହୁ ୧ମ, ସେଣ୍ଟ ଜାଭିୟର୍ସ ସ୍କୁଲର କନିଷ୍କା ପରିଜା ୨ୟ, ତରଜଙ୍ଗା ଉଚ୍ଚ ବିଦ୍ୟାଳୟର ଗ୍ରୁପ ୩ୟ ସ୍ଥାନ ହାସଲ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ କ୍ଷୀରାବ୍ଧୀ ସାହୁ, ସୁସ୍ମିତା ମହାପାତ୍ର, ସଂଘମିତ୍ରା ଦାଶ, ଗଙ୍ଗାଧର ସ୍ୱାଇଁ, କୈଳାସ ବେହେରା, ନବଘନ ମଲ୍ଲିକ, ଚଗଲା ଖୁଣ୍ଟିଆ, ଅମିୟ ପାତ୍ର ଓ ନିକୁଞ୍ଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ରୁପାଲି ପରିଜା ଧନ୍ୟବାଦ ଦେଇଥିଲେ।

### ନଳକୂପ ବସାଇବାରେ ଅନିୟମିତତା ଅଭିଯୋଗ

**ନାଉଗାଁ,୨୨।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଶିଖର ପଞ୍ଚାୟତରେ ସରକାରୀ ନଳକୂପ ବସାଇବାରେ ଅନିୟମିତତା କରାଯାଇଥିବା ଭାଜପା ପକ୍ଷରୁ ସରପଞ୍ଚ ଅକ୍ଷୟ ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ମାନସ ସ୍ୱାଇଁ, ରତ୍ନାକର ତରାଇ, ହିମାଂଶୁ ଭୂଷଣ ଜେନା, ମନୋଜ ଜେନା, ବିଦ୍ୟାଧର ମହାପାତ୍ର, ପ୍ରସନ୍ନ କୁମାର ସ୍ୱାଇଁ, ନିରଞ୍ଜନ ପରିଡ଼ା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଏହି ପଞ୍ଚାୟତରେ ଚଳିତବର୍ଷ ସରକାରଙ୍କ ପକ୍ଷରୁ ଯେତେଗୁଡିଏ ନଳକୂପ ବସାଯାଇଛି ତାହା ବ୍ୟକ୍ତିଗତ ସ୍ଥାନରେ ହୋଇଛି। ଫଳରେ ସାଧାରଣ ଲୋକେ ପାନୀୟଜଳ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ୟକ୍ତଗତ ସ୍ଥାନରେ ବସିଥିବା ନଳକୂପ ବନ୍ଦ କରାଯାଇ ସର୍ବସାଧାରଣ ସ୍ଥାନ ଚିହ୍ନଟ କରି ସେଠାରେ ନଳକୂପ ବସାଯାଉ ବୋଲି ସେମାନେ ଦାବି କରିଛନ୍ତି। ଯଦି ଏହାର ତଦନ୍ତ କରା ନ ଯାଏ, ତେବେ ଭାରତୀୟ ଜନାତା ପାର୍ଟି ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀତାଂଶୁ ବିଶ୍ୱାଳ କହିଛନ୍ତି ଯେ, ବ୍ୟକ୍ତଗତ ସ୍ଥାନରେ ଯଦି ନଳକୂପ ବସାଯାଏ, ତେବେ ସେମାନେ ଏକ ଏନଓସି ପ୍ରଦାନ କରିବା କଥା। ଯଦି ସେ ଏନଓସି ପ୍ରଦାନ କରି ନ ଥିବେ ସେ ବିଷୟରେ ତଦନ୍ତ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲ ପେଟେ, ପିନ୍ଧିଲ ମୋଟେ**
**ଚାଲିଯାଉଅଛ ବାଟେ ବାଟେ ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚିନ୍ତିତ, ସଦା ଚେଷ୍ଟିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସାଧାରଣତଃ ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣିଥାନ୍ତି। ପରେ ତାଙ୍କର ଟେର୍ ଆଉ କେହି ପାଇପାରୁ ନ ଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ବାଲୀ ଲୋ ଖଣ୍ଡି ପଞ୍ଜୁରି**
**କିଣି ଆଣିଥିଲି ତୋତେ ।**
**ଯେଉଁଦିନ ତୋର ବାଳ କଅଁଳିବ**
**ଜବାବ ଦେବୁ ତୁ ମୋତେ ।**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା'ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ଓଲଟି କୃତଜ୍ଞ ରହିବା ବଦଳରେ ବେଇମାନି ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଏପରିସ୍ଥଳେ ନିରାଶ୍ରୟା ଅସହାୟା ତରୁଣୀ ପ୍ରତି ସହୃଦୟତାର ହାତ ବଢ଼ାଇଥିବା ବ୍ୟକ୍ତି ତା'ର ପରିବର୍ତ୍ତିତ ବ୍ୟବହାର ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାରାଦୀପ ନାଗରିକ ମଞ୍ଚର ଧାରଣା ପ୍ରତ୍ୟାହୃତ



ଧାରଣାରେ ବସିଥିବା ପାରାଦୀପ ନାଗରିକ ମଞ୍ଚର କର୍ମକର୍ତ୍ତା।

**ପାରାଦୀପ,୨୨।୨(ସ୍ୱ.ପ୍ର.)**

ପ୍ରଦୂଷଣ ନିୟନ୍ତ୍ରଣ କରିବା ଦାବିରେ ଗତ ୩ ଦିନ ହେଲା ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଚାଲିଥିବା ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ସନ୍ଧ୍ୟାରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପରେ ରାତି ୯ଟାରେ ଧାରଣା ପ୍ରତ୍ୟାହାର ହୋଇଥଲା। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ସାମାଜିକ କର୍ମୀ ରୀନା ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଧାରଣାକାରୀଙ୍କୁ ସମର୍ଥନ ଜଣାଇ ସେମାନଙ୍କ ସହ ଯୋଗ ଦେଇଥିଲେ। ପରେ ଏଡିଏମ୍ କାହ୍ନୁଚରଣ ଧିର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା ପହଞ୍ଚି ଆଲୋଚନା ପାଇଁ ସମ୍ମତି ଜଣାଇଥିଲେ।

**ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଜି ଜିଲା ପ୍ରଶାସନ ସହ ଆଲୋଚନା**

ଶନିବାର ଅପରାହ୍ନରେ ଜିଲାପାଳଙ୍କ ପ୍ରକୋଷ୍ଠରେ ପାରାଦୀପ ନାଗରିକ ମଞ୍ଚ ଉଠାଇଥିବା ପ୍ରଦୂଷଣ ନିୟନ୍ତ୍ରଣ ସମେତ ୧୫ ଦାବି ସମ୍ପର୍କରେ ଆଲୋଚନା ହେବ ବୋଲି କୁହାଯାଇଥିଲା। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ, ଏଡିଏମ ଓ ନାଗରିକ ମଞ୍ଚର ସଦସ୍ୟ ଉପସ୍ଥିତ ରହିବେ। ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ ରଖାଯାଇଛି ବୋଲି ମଞ୍ଚ ସଭାପତି ଅୟସକାନ୍ତ ରାୟ କହିଛନ୍ତି। ପ୍ରଶାସନ ସ୍ଥାୟୀ ପ୍ରତିକାର ନ କଲେ ପୁଣି ବିରୋଧ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ବ୍ଲକ୍ ପଡ଼ିଆରେ ଶୌଚାଳୟ ନିର୍ମାଣକୁ ନେଇ ଉତ୍ତେଜନା

**କୁଜଙ୍ଗ,୨୨।୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପଡ଼ିଆରେ ଜଣେ ଠିକାଦାର ଶୌଚାଳୟ ନିର୍ମାଣ କରିବାକୁ ନେଇ ଶୁକ୍ରବାର ଉତ୍ତେଜନା ପ୍ରକାଶ ପାଇଛି। ଶୌଚାଳୟ ପାଇଁ ମାପଚୁପ କରାଯାଉଥିବା ବେଳେ ସ୍ଥାନୀୟ ଜନସାଧାରଣ ବିରୋଧ କରିଥିଲେ। ଫଳରେ ଏହି କାର୍ଯ୍ୟ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କୁଜଙ୍ଗରେ ଶୌଚାଳୟ ନିର୍ମାଣ ନେଇ ସ୍ଥାନ ଅଭାବରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା କହିଛନ୍ତି। ପ୍ରକାଶ ଯେ, କୁଜଙ୍ଗରେ ଶୌଚାଳୟ ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ଫଳରେ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଏଥିପାଇଁ ୨୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ମାତ୍ର ସ୍ଥାନ ଚିହ୍ନଟ ହୋଇ ନ ପାରିବାରୁ ଏହା ନିର୍ମାଣରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ କୁଜଙ୍ଗରେ ସଭା ସମିତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ଲକ ପଡ଼ିଆ ଏକମାତ୍ର ସ୍ଥାନ। ତେଣୁ ସାମାଜିକ କର୍ମୀ ମନୋଜ ପ୍ରଧାନ, ଦୁଷନ୍ତ ମାଝୀ, ଜଗା ନାଥ, ପ୍ରଶାନ୍ତ କୁମାର ନାଥ, ନୂତନଚନ୍ଦ୍ର ତ୍ରିପାଠୀ,ଦେବ ପଟ୍ଟନାୟକ ପ୍ରମୁଖ ଏଠାରେ ଶୌଚାଳୟ ନିର୍ମାଣକୁ ବିରୋଧ କରିଛନ୍ତି।

■ ଶହୀଦଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାରର ପ୍ରତିବାଦ

# ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କଲେ କଂଗ୍ରେସ, ଭାଜପା

**ପାରାଦୀପ/କୁଜଙ୍ଗ,୨୨।୨(ସ୍ୱ.ପ୍ର.)**





ପାରାଦୀପରେ କଂଗ୍ରେସ ଓ କୁଜଙ୍ଗରେ ଭାଜପା ପକ୍ଷରୁ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରାଯାଉଛି।

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା କଟକ ଜିଲା ନିଆଳିର ଯବାନ ମନୋଜ ବେହେରାଙ୍କ ଆତ୍ମୀୟଙ୍କୁ ଦୁର୍ବ୍ୟବହାର କରିବା ପରେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ ଚାରିଆଡେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ପାରାଦୀପ ନିର୍ବାଚନମଣ୍ଡଳୀର ପାରାଦୀପ ଓ କୁଜଙ୍ଗରେ କଂଗ୍ରେସ ଏବଂ ଭାଜପା ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଶୁକ୍ରବାର ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବଡ଼ପଡ଼ିଆ ଥାନା ଛକରେ ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନଗର କଂଗ୍ରେସ ସଭାପତି ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଅନୁପ ସାହାଣୀ, କେଦାରନାଥ ଜେନା, ସମୀର ବିଶ୍ୱାଳ, ନପନ ପରିଡ଼ା, ନରେନ୍ଦ୍ର ରାଉତ ପ୍ରମୁଖ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି କୁଜଙ୍ଗ ବ୍ଲକ୍ ପଡିଆରେ ବ୍ଲକ୍ କଂଗ୍ରେସ ଆବାହକ ଏଏନ୍ଡି ଯାଦବଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ଦାସ, ନୂତନ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଦେବାଶିଷଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ, ବାଗୋଇ ସରପଞ୍ଚ ଅଧିର ପ୍ରଧାନ, ପାଟପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ସ୍ୱାଇଁ, କଂଗ୍ରେସ ନେତା ଗୋପବନ୍ଧୁ ଷଡ଼ଙ୍ଗୀ, ବିଶ୍ୱନାଥ ମଲିକ୍, ମନୋଜ ବେହେରା, ନାରାୟଣ ମହାନ୍ତି, ବାବୁନା ପରିଡା, ଅବିନାଶ ମଲିକ୍, ରାସବିହାରୀ ସାମଲ, ଧରଣୀଧର ବେହେରା, ମକର ଦାସ ପ୍ରମୁଖ ଉପସ୍ଥିତ ରହି ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କୁଜଙ୍ଗ ଭାଜପା ପକ୍ଷରୁ ମଧ ପଙ୍କପାଳ, ପାଟପୁର, ବିଶ୍ୱାଳୀ ଆଦି ସ୍ଥାନରେ ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପଙ୍କପାଳ ମଣ୍ଡଳ ପକ୍ଷରୁ ସଭାପତି ପ୍ରଦୀପ୍ତ ମହାପତ୍ରଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ବିନମ୍ର ସ୍ୱାଇଁ, ବିଶ୍ୱଜିତ୍ ଦାସ, ସୁଦାମ ମଲ୍ଲ, ବଂଶୀଧର ବାରିକ, ପରିକ୍ଷୀତ ସାହୁ ପ୍ରମୁଖ ଦେବାଶିଷଙ୍କ ବିରୋଧରେ ଶ୍ଳୋଗାନ ଦେଇଥିଲେ। ଦୀପ୍ତିରଞ୍ଜନ ପାଣି, ବିମଳ ଦାସ, ଅଭିରାମ ଦାସ, ନୀରଞ୍ଜନ ନାୟକ, ରଘୁନାଥ ଦାସ, ସ୍ମୃତିରଞ୍ଜନ ଗଛାୟତ, ସାନନ୍ଦ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଣ୍ଡକୀପୁରଠାରେ ବୈଷ୍ଣବ ଚରଣ ମାଝୀ, ଜନ୍ ମାଝୀ, ଗଜେନ୍ଦ୍ର ପରିଡା ଓ ପ୍ରଦୀପ୍ତ ସାମଲ ପ୍ରମୁଖ ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

**ସଂକ୍ଷେପରେ**

## ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୨୨।୨ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ତାଲୁକ ଆଇନସେବା ସମିତି ପକ୍ଷରୁ ବଡମୋହନପୁର ପଞ୍ଚାୟତ ଅଧୀନ ସାନମୋହନପୁର ଉତ୍କଳମଣି ନୋଡାଲ ୟୁପି ସ୍କୁଲଠାରେ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ତାଲୁକ ଆଇନସେବା ସମିତି ଅଧକ୍ଷ ତଥା ସିନିୟର ସିଭିଲ ଜଜ୍ ହରପ୍ରସାଦ ପାଢ଼ୀ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ପ୍ରଫୁଲ୍ଲ କୁମାର ଦାଶ, ଧବଳେଶ୍ୱର ଖଣ୍ଡାୟୀ, ବ୍ରହ୍ମାନନ୍ଦ ସାମନ୍ତରାୟ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଅଧକ୍ଷ ହରପ୍ରସାଦ ପାଢ଼ୀ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମାଜରେ ମହିଳା, ଅନୁସୂଚିତ ଜାତି ଜନଜାତି, ଶିଶୁ, ଭିନ୍ନକ୍ଷମ, ସ୍ୱଳ୍ପ ଆୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ କିପରି ନିଶୁଳ୍କ ଆଇନ ସେବା ପ୍ରଦାନ କରାଯାଉଛି ସେ ସଂପର୍କରେ ଆଲୋଚନା କରିଥିଲେ । ଅର୍ଜ୍ଜୁନ ଚରଣ ରାଉତ, ମୋହନ କୁମାର ଦାଶ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାମାଜିକ କର୍ମୀ ପରମାନନ୍ଦ ପଲାଇ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ଶତାଧିକ ମହିଳା ପୁରୁଷଙ୍କ ସହିତ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗ ଦେଇଥିଲେ ।

### ଦ୍ୱୀପାଞ୍ଚଳର ଦୁଃଖ

# ନଦୀପାର ହୋଇ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ରାଜନଗର, ୨୨।୨(ଡିଏନଏ)**

ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଆଜି ଦ୍ୱୀପାଞ୍ଚଳର ଏକମାଣିଆ, ନଳପାହି, ଦକ୍ଷିଣଦିଆ ପ୍ରଭୃତି ଗ୍ରାମର ଛାତ୍ରୀଛାତ୍ରମାନେ ଶୁକ୍ରବାର ଡଙ୍ଗାରେ ନଦୀ ପାର ହୋଇ ରାଜନଗରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ରାଜନଗର ବ୍ଲକର କେରଡାଗଡ ଶ୍ରୀ ଜଗନ୍ନାଥ ହାଇସ୍କୁଲରେ ହୋଇଥିବା କେନ୍ଦ୍ରରେ ଉପରୋକ୍ତ ୩ ଗ୍ରାମର ଛାତ୍ରୀଛାତ୍ରମାନେ ନଦୀପାର ହୋଇ ଆସି ପରୀକ୍ଷା ଦେଇଛନ୍ତି।

ଏକମାଣିଆ, ନଳପାହି ଓ ଦକ୍ଷିଣଦିଆ ଗ୍ରାମ ଚାରିପାର୍ଶ୍ୱରେ ନଦୀ ପ୍ରବାହିତ । ଏହାଛଡା ଏହି ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୁମ୍ଭୀର ପ୍ରବଣ। ଏହି ନଦୀରେ ହୁଲିଡଙ୍ଗାରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହୋଇଥାନ୍ତି । ଆଜି ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ଶୀଘ୍ର ନଳପାହି ନଦୀଘାଟ ନିକଟରେ ପହଞ୍ଚିଥିଲେ। ନଦୀରେ ଜୁଆର ଆସିବା ପରେ ନଦୀ ପାର ହୋଇ କେରଡାଗଡ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସୁନୀଲ ମାହୁନ୍ତ, ରଶ୍ମିତା ପରିଡା, ଅର୍ଚ୍ଚନା ବେହେରା, ସୁଚିତ୍ରା ରାଉତ ପ୍ରମୁଖ ପରୀକ୍ଷାର୍ଥୀଙ୍କ କହିବା ଅନୁଯାୟୀ ନଦୀପାର ହେବା ପାଇଁ ପ୍ରାୟ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗେ। ଗାଁରୁ ପାଦଚଲା ରାସ୍ତାରେ ଆସି ଘାଟ ନିକଟରେ ଅପେକ୍ଷା କରୁ। ଅଧିକାଂଶ ସମୟରେ ଏହି ଜୁଆରିଆ ନଦୀ ଶୁଖି ଯାଉଥିବାରୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡେ। ଜୁଆର ଆସିବା ପରେ ଆମେ ନଦୀପାର ହୋଇଥାଉ। ଏହାଛଡା ଏଠି ଜୀବନ ପ୍ରତି ବିପଦ ଅଛି। ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳ ସହିତ ଏହି ନଦୀ ସଂଯୋଗ ଥିବାରୁ କୁମ୍ଭୀରଙ୍କର ଭୟ ଏଠାରେ ଅଧିକ। ଚଳିତବର୍ଷ ୪୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ଏହି ଦ୍ୱୀପାଞ୍ଚଳ ଆଳି ବ୍ଲକରେ ହୋଇଥିଲେ ମଧ ସଂପୃକ୍ତ ବ୍ଲକର ଏହି ୩ଟି ଗ୍ରାମର ଲୋକେ ସରକାରୀ କାର୍ଯ୍ୟକୁ ବାଦ ଦେଲେ ଅନ୍ୟ ସମସ୍ତ କାର୍ଯ୍ୟ ପାଇଁ ରାଜନଗର ବ୍ଲକ ଉପରେ ନିର୍ଭର କରିଥାନ୍ତି। ଏହି ଦୀପାଞ୍ଚଳର ତିନୋଟି ଗାଁ ରାଜନଗର ବ୍ଲକର କେରଡାଗଡ ଠାରୁ ମାତ୍ର ୫ ଶହ ମିଟର ଦୂରରେ । ମଝିରେ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି।



ଛାତ୍ରୀଛାତ୍ରମାନେ ଡଙ୍ଗାରେ ନଦୀ ପାର ହୋଇ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

## ପଟ୍ଟାମୁଣ୍ଡାଇ: ୧୩ଟି କେନ୍ଦ୍ରରେ ୨୯୧୩ ଜଣ ମାଟ୍ରିକ ପରୀକ୍ଷାର୍ଥୀ , ୪୫ ଅନୁପସ୍ଥିତ

**ପଟ୍ଟାମୁଣ୍ଡାଇ, ୨୨।୨ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଅଞ୍ଚଳରେ କଡା ସୁରକ୍ଷା ମଧ୍ୟରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ମୋଟ ୧୩ଟି ପରୀକ୍ଷା କେନ୍ଦ୍ରରେ ୨୯୫୮ଜଣ ପରୀକ୍ଷା ଦେବାକୁ ଆଡମିଟ୍ କାର୍ଡ ପାଇଥିବା ବେଳେ ୨୯୧୩ ଜଣ ପରୀକ୍ଷା ଦେଇଥିଲେ । ଅବଶିଷ୍ଟ ୪୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସି ନ ଥିଲେ । ପଟ୍ଟାମୁଣ୍ଡାଇ ଅଞ୍ଚଳର ବାଲିପାଟଣା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେହିପରି କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲରେ ୨୩୩, ଚଉଦକୁଲାଟ ଜଗନ୍ନାଥ ବିଦ୍ୟାପୀଠରେ ୧୯୬, ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ ୧୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ଏମଏନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩୧୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୩, କଷଣଅଣ୍ଟା ହାଇସ୍କୁଲରେ ୨୬୯ଜଣଙ୍କ ମଧ୍ୟରୁ ୨୫୭, ଚନ୍ଦନନଗର ପିଏଲ ବିଦ୍ୟାପୀଠରେ ୨୯୪ଜଣଙ୍କ ମଧ୍ୟରୁ ୨୯୧, ବଡମୁଳବସନ୍ତ ଏନସି ହାଇସ୍କୁଲରେ ୨୨୫ଜଣଙ୍କ ମଧ୍ୟରୁ ୨୧୦, ଓଉପଦା ହାଇସ୍କୁଲ କେନ୍ଦ୍ରରେ ୨୧୭ଜଣଙ୍କ ମଧ୍ୟରୁ ୨୧୩, ଜରିଆ ବଡଦେବ ହାଇସ୍କୁଲ କେନ୍ଦ୍ରରେ ୨୨୦ଜଣଙ୍କ ମଧ୍ୟରୁ ୨୧୮, ଡାମରପୁର ଏଚକେ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୯୬ଜଣଙ୍କ ମଧ୍ୟରୁ ୧୯୪, ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ୨୧୧ଜଣଙ୍କ ମଧ୍ୟରୁ ୨୦୯, ଅଣ୍ଡରା ବିଏମ ହାଇସ୍କୁଲ କେନ୍ଦ୍ରରେ ୧୬୦ଜଣଙ୍କ ମଧ୍ୟରୁ ୧୫୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରୀକ୍ଷା କେନ୍ଦ୍ରଗୁଡିକରେ କେନ୍ଦ୍ର ପରିଚାଳକ ଓ ତାଙ୍କ ସହଯୋଗୀ ଶିକ୍ଷକମାନେ କଡା ସୁରକ୍ଷା ମଧ୍ୟରେ ପରୀକ୍ଷା କରାଇଥିଲେ। ସକାଳ ୯ଟା ବେଳେ ପରୀକ୍ଷାର୍ଥୀ ମାନଙ୍କୁ ଯାଞ୍ଚ କରାଯାଇ କେନ୍ଦ୍ରକୁ ଛଡା ଯାଇଥିଲା। ପୂର୍ବାହ୍ନ ୧୦ଟା ବେଳେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ବେଳେ ମଧ୍ୟାହ୍ନ ସାଢେ ୧୨ଟା ବେଳେ ପରୀକ୍ଷା ଶେଷ ହୋଇଥିଲା। ଶୁକ୍ରବାର ମାତୃଭାଷା ଓଡିଆ ପରୀକ୍ଷା ଥିବା ବେଳେ କୌଣସି କେନ୍ଦ୍ରରେ କପି ହୋଇ ନ ଥିବା ଖବର ମିଳିଛି ।

## ରାଜନଗରର ୧୩ଟି କେନ୍ଦ୍ରରେ ୩,୨୩୫ ମାଟ୍ରିକ ପରୀକ୍ଷାର୍ଥୀ ମଧ୍ୟମାରେ ୪ଟି ବ୍ଲକର ୧୨ ସ୍କୁଲର ୨୮୯ ପରୀକ୍ଷାର୍ଥୀ

**ରାଜନଗର,୨୨।୨(ଡିଏନଏ)**

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ରାଜନଗର ବ୍ଲକର ୧୩ଟି କେନ୍ଦ୍ରରେ ୩ ହଜାର ୨୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏହି ବ୍ଲକର ରାଜନଗର, ବଡପଲ୍ଲୀ, ବନ୍ଧପଡା, ଜଗନ୍ନାଥପୁରଶାସନ, କେରଡାଗଡ, ନାଉକୋଣା, ଗୋପାଳପୁର, ମାଣପଡା, ଚାନ୍ଦିବାଉଁଶମୂଳ, ଦିଘି, ଡାଙ୍ଗମାଳ, ବାଘମାରି ପ୍ରଭୃତି ୧୩ଟି ସେଣ୍ଟରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ସେହିପରି ରାଜନଗର ଉଚ୍ଚ ବିଦ୍ୟାଳୟରେ ମଧ୍ୟମାରେ ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକର ୧୨ଟି ସଂସ୍କୃତ ବିଦ୍ୟାଳୟର ୨୮୯ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବେଦବ୍ୟାସ ସଂସ୍କୃତ ବିଦ୍ୟାପୀଠର ୨୦ଜଣ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପରୀକ୍ଷା ଦେଉଛନ୍ତି ବୋଲି ରାଜନଗର ଉଚ୍ଚବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ କ୍ଷୀରୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ଏହାଛଡା ରାଜନଗର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଥିବା ବେଳେ ମଦନପୁର ମହାବୀର ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ପଠାଯାଉଛି। ରାଜନଗର ବ୍ଲକର ୧୩ଟି କେନ୍ଦ୍ରରେ ୩୬ଜଣ ଶୁକ୍ରବାର ଅନୁପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି।

## ଗହୀରମଥାରୁ ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୨।୨(ଡିଏନଏ)**

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଗୋଟିଏ ଟ୍ରଲରକୁ ରାଜନଗର ବନବିଭାଗର ପଇଁତରା ଟିମ୍ ଜବତ କରିଛି । ଏଥିରେ ଥିବା ୧୧ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି । ବାବୁବାଲି ଦ୍ୱୀପ ନିକଟରୁ ଜବତ ହୋଇଥିବା ତାରିଣୀ ମା' ଟ୍ରଲର ବାଲେଶ୍ୱର ଅଞ୍ଚଳର। ଗିରଫ ମତ୍ସ୍ୟଜୀବୀମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଗହୀରମଥା ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ପଇଁତରା ଟିମ ଅଲିଭରିଡଲେ କଇଁଛମାନଙ୍କ ସୁରକ୍ଷା ପାଇଁ ପଇଁତରା ଦେବା ବେଳେ ଏହି ଟ୍ରଲର ଜବତ କରିଥିଲେ ।

## ପୂର୍ଣ୍ୟତୋୟା ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରାଜନଗର, ୨୨।୨(ଡିଏନଏ)**

ରାଜନଗର ନିର୍ବାଚନମଣ୍ଡଳୀର ମଦନପୁରସ୍ଥିତ ପୂର୍ଣ୍ୟତୋୟା ବିଦ୍ୟାମନ୍ଦିରର ୧୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଡା. ରଶ୍ମିରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ଏବଂ ମାନସିକ ଶିକ୍ଷାର ଅଗ୍ରଗତି କ୍ଷେତ୍ରରେ ପ୍ରତିଟି ମାଆ ମୌଳିକ କର୍ତ୍ତବ୍ୟ ଠିକ ଭାବେ ତୁଲାଇଲେ ସେମାନେ ସୁନାଗରିକ ହୋଇପାରିବେ ବୋଲି କହିଥିଲେ। ପୂର୍ଣ୍ୟତୋୟା ବିଦ୍ୟାମନ୍ଦିରର ଅଧକ୍ଷା ସୁଜାତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଶୁଭକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁମା ଦମୟନ୍ତୀ କୁଣ୍ଡ, ମନ୍ଦାକିନୀ ଦାସ, ଅରୁଣିମା ରାଉତ, ବିଷ୍ଣୁପ୍ରିୟା ସ୍ୱାଇଁ, ବନ୍ଦିତା ସ୍ୱାଇଁ, ଅମ୍ବିକା ନାୟକ, ଜ୍ଞାନ ରଞ୍ଜନ ପ୍ରଧାନ, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଶିଶୁମାନଙ୍କ ପକ୍ଷରୁ ଦେଶାତ୍ମବୋଧକ ନାଟକ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଉତ୍ସବ ପୂର୍ବରୁ ପୁଲୱାମାରେ ହୋଇଥିବା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



# ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)

## ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **77/PCD/2018-19.** କାର୍ଯ୍ୟର ନାମ : କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ ଏସ୍.ପି.ଓ. ଅଫିସ୍, ନିଆଳି, ଚନ୍ଦକା ଏବଂ କଳାପଥର ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୦,୪୨୩/-, ଅମାନତ ଜମା ରାଶି : ଟ.୨୩,୮୦୮/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୦୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
2. NIT No. **78/PCD/2018-19.** କାର୍ଯ୍ୟର ନାମ : କୋରେଇ, ରାମବାଗ, ବ୍ରହ୍ମବରଡ଼ା ଏବଂ ବିଞ୍ଝାରପୁର ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୯,୫୨,୩୭୮/-, ଅମାନତ ଜମା ରାଶି : ଟ.୧୯,୦୪୮/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୧୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
3. NIT No. **79/PCD/2018-19.** କାର୍ଯ୍ୟର ନାମ : ରଘୁନାଥପୁର, ମଧୁବନ, କୁଜଙ୍ଗ, ଅଣଖିଆ, ବାଲିକୁଦା ଏବଂ ଏରସମା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୪,୨୮,୩୪୯/-, ଅମାନତ ଜମା ରାଶି : ଟ.୨୮,୫୬୭/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୬୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
4. NIT No. **80/PCD/2018-19.** କାର୍ଯ୍ୟର ନାମ : ମାର୍ଶାଘାଇ, ମାହାଙ୍ଗା, ରାଜକନିକା, ଆଳି ଏବଂ ତେଣ୍ଡାକୁଡ଼ା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୦,୬୯୫/-, ଅମାନତ ଜମା ରାଶି : ଟ.୨୩,୮୧୪/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୦୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
5. NIT No. **81/PCD/2018-19.** କାର୍ଯ୍ୟର ନାମ : ବସ୍ତା, ବନ୍ତ ଏବଂ ରାଜନିଳଗିରି ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୭,୧୪,୨୩୧/-, ଅମାନତ ଜମା ରାଶି : ଟ.୧୪,୨୮୫/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
6. NIT No. **82/PCD/2018-19.** କାର୍ଯ୍ୟର ନାମ : ଧର୍ମଶାଳା, କବିରପୁର, ବରୁଣଦେଇ ଏବଂ କାଇପଡ଼ା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୯,୫୨,୧୪୨/-, ଅମାନତ ଜମା ରାଶି : ଟ.୧୯,୦୪୩/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୧୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୮.୦୨.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER

NUAPADA, ODISHA, 766105
E-mail: cdmocumdmdnuapada@gmail.com,
Phone: (06678) 223346

No. 334 — Date: 20.02.19

## NOTICE INVITING BID

Sealed tenders are invited from eligible transporters to transport **Khushi-Sanitary Napkins** from the Block Warehouses of Nuapada District to different Govt. Schools under the Blocks. The bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website **www.nuapada.nic.in.** Interested eligible bidder can submit the bid on or before **27.02.2017 by 2 PM** through Regd. Post/ Speed Post only. The Authority reserves the right to accept / reject any part thereof or all the bids without assigning any reason thereof.

**Sd./- Collector & DM, Nuapada**

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

# ODISHA POWER TRANSMISSION CORPORATION LIMITED

OPTCL Lifeline of Odisha
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha, CIN : U40102OR2004SGC007553

## NOTICE INVITING TENDER (NIT) DOMESTIC COMPETITIVE e-BIDDING)

**e-TENDER NOTICE NO. CPC-60/2018-19** — **Date : 23.02.2019**

ODISHA POWER TRANSMISSION CORPORATION LTD, invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of 2x40 MVA, 132/33 kV Pooling sub-station (AIS) with SAS at Manmunda & associated 132 kV LILO line from Sonepur-Boudh line to proposed Manmunda sub-station and Stringing of 2nd 132 kV Circuit from 132/33 kV Grid S/S Sonepur to 132/33 kV Grid S/S Boudh along with 132 kV Bay extension at 132/33 kV Grid S/S Sonepur and Boudh at an Estimated Cost of the Package for Rs.36.12 Crore in Boudh district on "Turnkey CONTRACT BASIS".** Interested bidders are required to enroll themselves in the tender portal **www.tenderwizard.com/OPTCL.** Complete set of bidding documents are available on **www.tenderwizard.com/OPTCL** portal from **23.02.2019 (11.00 ) AM** up to **Dt. 27.03.2019 (12.45) PM.** Interested bidders may visit OPTCL's official **website http://www.optcl.co.in** and Tender Portal **http://www.tenderwizard.com/OPTCL** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

*CR. Advt. No.81/18-19* — **Chief General Manager (C.P.C.)**

**Please connect us :** optcl.odisha optcl_odisha energyodisha

Your classified advertisement published in Dharitri will be listed free in Dharitri online edition : **www.dharitri.com**

# OFFICE OF THE NOTIFIED AREA COUNCIL : GANJAM

**e-Procurement Notice No. 560 Dt. 22.02.2019**
**Tender Reference No. GJM-NAC-06/2018-19**

The Ganjam N.A.C. invites online bid in single cover system through e-Procurement.
Total Numbers of Work : 07 Nos.
Value of Works - Rs. 1,00,000/- to Rs. 8,50,000/-
Date and time of availability of bids documents in the portal from dt. 22.02.2019 at 10.00 A.M. to 03.03.2019 upto 5.00 P.M.
Last date of receipt of bids in the portal dt. 03.03.2019 upto 5.00 PM
Last date of submission of original documents in the Office of NAC Ganjam is dt. 06.03.2019 upto 01.00 P.M.
Date of opening of tender : Dt. 06.03.2019 at 03.00 PM in NAC Office, Ganjam.
Further details can be seen from the website : https://tendersodisha.gov.in

**Sd./- Executive Officer, NAC Ganjam**

# OFFICE OF THE NOTIFIED AREA COUNCIL, BUGUDA

## TENDER CALL NOTICE

Tender Reference No.- BUG-NAC-04/2018-19
Tender Call Notice No.- 270 — Date: 20.02.2019

Sealed tender in detail schedule of quantities are invited in percentage rate basis through offline mode from the eligible valid contractors registered with the ULBs/ State Govt./ Central Govt. / MES / Railways and contractors of equivalent grade for different development work.

| | |
|---|---|
| Name of the Works | Individuals Civil Construction & Water Supply works |
| No. of Works | 15 Nos. |
| Estimated Cost | 72,000.00 to 99,000.00 |
| Period of Completion | 3 Calendar Months |
| Date & time of availability of the tender paper in the office of the Notified Area Council, Buguda, Ganjam | From date 20.02.2019 at 10.00AM to Dt.27.02.2019 at 5.00PM |
| Date & time for receipt of tender paper in the specified tender box | Dt. 28.02.2019 |
| Tender documents shall be opened on | 01.03.2019 |
| Name & address of the officer inviting tender | Executive Officer, NAC, Buguda, Ganjam |

Further details can be seen from office of the Notified Area Council, Buguda.

***Sd./- Executive Officer***
***NAC, Buguda, Ganjam***

# PANCHAYAT SAMITI, SEMILIGUDA

**No.694 / VII- / 2019** — **Date: 19.02.2019**

## TENDER CALL NOTICE

The Block Development Officer, Semiliguda invites sealed tenders on percentage rate basis in conformity with the Tender Call Notice (TCN) No.691/VII-3/2019 dated 19.02.2019 from the registered contractors of State PWD/WR/Rural Works/NH/MI/CPWD for the following works.

| Sl. No. | Name of the work | Estimated Amount put to tender (In Rs.) | EMD to be Deposited (In Rs.) | Cost of tender paper (In Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of CC road to Thiapar of Dudhari GP | 17,77,939/- | 18,000/- | 6,000/- | 'D' & 'C' | 2 (two) months |
| 2 | Const. of Approach CC road to Putsil School of Dudhari GP | 13,32,613/- | 14,000/- | 6,000/- | 'D' & 'C' | 2 (two) months |
Interested Firms/Companies/Persons may obtain tender document from the Office of the CSO-cum-District Manager, OSCSC Ltd, Bhadrak from dt. 23.02.2019 to dt. 15.03.2019 upto 5.00 PM. The interested Firms/ Companies persons may also download the tender documents from the District Website- www.bhadrak.nic.in.

Interested Firms/Companies/Persons will have to submit the tender documents through Registered Post/ Speed Posts/Courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The corporation shall not be responsible for any postal/ courier delay. Tender paper received after the schedule date & time shall not be considered.

**Address for submission of Tender documents-**
District Manager, OSCSC Ltd, Bhadrak,
At: Bankasahi, Near Zilla High School,
PO: Bhadrak, Dist: Bhadrak, Pin: 756100

| | |
|---|---|
| Period of sale of Tender document | 23.02.2019 to 15.03.2019 upto 5.00 PM |
| Last date of receipt of Tender document | 15.03.2019 upto 5.00 PM |
| Date of opening of Technical Bid | 25.03.2019 at 11.00 AM |
| Opening of price Bid | 26.03.2019 at 11.00 AM |

Sd./- CSO-cum-DM,
OSCSC Ltd., Bhadrak

## THE ODISHA STATE COOPERATIVE BANK LTD.

Pandit Jawaharlal Nehru Marg, Bhubaneswar-751001

Ref. No. OSCB/8143/2018-19 Date : 18.02.2019

### QUOTATION CALL NOTICE

No. 37-LL:-

Name of the work : Supply and installation of 16 nos. 12V-18AH SMF batteries to be installed at Sambalpur branch of OSCB.

Last date and time of Submission: 28.02.2019 upto 2.00PM

The quotation details can be downloaded from the official website www.odishascb.com from 18.02.2019 to 28.02.2019.

*Bhubaneswar* *Sd./- Managing Director*
*Odisha State Cooperative Bank Ltd.*

39012/11/0020/1819

## OFFICE OF THE DISTRICT MAGISTRATE AND COLLECTOR, BARGARH

(ST & SC Development Section)
Ph. No.: 06646-230956
e-mail: dwobargarh@gmail.com

No.: 440/SSD Date: 21.02.2019

### NOTIFICATION

No.: 103-V: In pursuance of this office Advertisement No. 1991/SSD dated 14.08.2018, Notification No. 188/SSD, Dated 31.01.2019 and Notification No. 346/SSD, dated 11.02.2019 the Final Selection List of candidates for the Post of Sikshya Sahayak is hereby published in the website **www.bargarh.nic.in.** The same is also available in the notice board of District Welfare Office, Bargarh. The selected candidates are hereby informed to remain present personally at District Welfare Office on 27.02.2019 at 11.00 A.M. along with an agreement paper duly typed & filled in on Rs.11/- (Non Judicial Stamp Paper) for execution of agreement. The candidates those who fail to turnout for the above purpose on date specified shall not be considered for engagement.

24042/11/0012/1819 Sd./- Collector, Bargarh

## GOVT. OF ODISHA
### OFFICE OF THE SUPERINTENDING ENGINEER
### K.B.K.MINOR IRRIGATION CIRCLE-I, BHAWANIPATNA

‘e’ Procurement Notice

Bid Identification No. SEKBKMIC-I / 07 / 2018-19
sekbkmi@yahoo.co.in
No. 384 // KBKMIC-I // date – 19.02.2019

**No. 1309-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work :- Construction work
2. No of Works :- 02 (Two) Nos.
3. Estimated cost :- Approximately from Rs.126.81 lakh to Rs. 200.81 lakh
4. Period of completion :- 04 (Four) Calendar months
5. Date and Time of availability of bid documents in the portal :- From 25.02.2019 (10.00 AM) to 13.03.2019 upto (5.00 PM)
6. Last date / time of receipt of bids in the portal :- 13.03.2019 (5.00 PM)
7. Date of opening of Bid :- 14.03.2019 at 11.00 AM onwards
8. Date of receipt of bid cost and bid security on online payment mode :- From dt.25.02.2019 to 13.03.2019 up to (5.00 PM)
9. Date of Transparent Lottery (if cases arise) :- 28.03.2019 at 11.00 AM onwards
10. Name and address of the OIT :- Superintending Engineer, K.B.K.M.I. Circle-I, Bhawanipatna

** Further details can be seen from the e-Procurement market place http://tendersodisha.gov.in

32116/11/0002/1819 *Sd./- Superintending Engineer*
*K.B.K.M.I. Circle-I, Bhawanipatna*

## OFFICE OF THE NOTIFIED AREA COUNCIL,KASHINAGAR, GAJAPATI
Ph & Fax No: 06815-284215, e-Mail : kasinagarn.hud@nic.in

Letter No.454 /NAC e-procurement Notice Dated: 22.02.2019

BID REFERENCE NO: KSN/NAC/06/2018-19

Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**
**1-** Nature of work-Civil, **2-** No. of works-05 Nos, **3-** Bid Value-Rs.1,19,588/- to 5,58,060/- **4-** Period of completion-As per DTCN, **5-** Date and time of availability of the documents in portal-23.02.2019 from 10.00 AM. to 02.03.2019 up to 5.00 PM. **6-** Last date / time for receipt of bids in the portal-02.03.2019 up to 5.00 PM. **7-** Time & Period documents required to be submitted-As per DTC **8-** Bids received online shall be opened on-07.03.2019 at 4.30 PM. **9-** Name & address of the officer inviting tender-Executive Officer Kashinagar NAC, Gajapati

Sd./- Executive Officer Kashinagar NAC, Gajapati

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଟକ ସଦର

ପତ୍ର ସଂଖ୍ୟା: ୯୭୩ ତା୨୨।୦୨।୨୦୧୯ରିଖ

### ଜନ ଶୁଣାଣି ବିଜ୍ଞାପନ

ଏତଦ୍ୱାରା କଟକ ସଦର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୩ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୭।୩।୨୦୧୯ରିଖ ଦିବା ଘ.୧୧.୩୦ମି. ସମୟରେ କଟକ ସଦର ପଞ୍ଚାୟତସମିତିଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ମହାତ୍ମା ଗାନ୍ଧୀ ନରେଗା) ସମ୍ବନ୍ଧୀୟ ଜନଶୁଣାଣି କରାଯିବ।

ଉକ୍ତ ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଜନସାଧାରଣ, ନିର୍ବାଚିତ ପ୍ରତିନିଧି/ସମ୍ପୃକ୍ତ ବିଭାଗୀୟ ଅଧିକାରୀ/ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ/ସ୍ୱୟଂସହାୟକ ଗୋଷ୍ଠୀ/ଜବକାର୍ଡ଼ଧାରୀ ଶ୍ରମିକ (ଜବକାର୍ଡ଼) ସହିତ ଉପସ୍ଥିତ ରହିବାକୁ ଅନୁରୋଧ।

ଯେଉଁ ବ୍ୟକ୍ତି ବିଶେଷ ଅଥବା ଶ୍ରମିକଙ୍କର କୌଣସି ଆପତ୍ତି ଅଭିଯୋଗ କରିବାର ଥାଏ ସେମାନେ ଲିଖିତ କିମ୍ବା ମୌଖିକଭାବେ କମିଟିକୁ ଅଭିଯୋଗ କରିପାରିବେ।

ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ, କଟକ ସଦର

## PANCHAYAT SAMITI, BOIPARIGUDA

Letter No. 463/19 Dt. 22.02.2019

### CORRIGENDUM -2

**Sub : Corrigendum to Tender Call Notice No. 318, dt. 11.02.2019 & 1st. Corrigendum No. 421 Dt. 18.02.2019 of Panchayat Samiti, Boipariguda**

Due to unavoidable circumstances, the time for sale, receipt and opening of tender papers for the Tender Calls Notice published earlier in “The Samaja”, “The Dharitri” & Daily English News Paper “Orissa Post” on dt. 18.02.2019 is extended as detailed below in respect of all works.

1. Sale of Tender Paper : The bid documents will be sold during office hours i.e. from 10.00 AM to 5.00 PM (on working days only in the Block Office) upto dt. 26.02.2019.
2. Date of Receipt of tender paper : Sealed tender in complete shape will be received during office hour upto 2.00 PM on dt. 27.02.2019 in the Block Office, Boipariguda through registered post/ speed post only.
3. Date of opening of the Tender Paper : The Bid documents shall be opened at 4.00 PM on dt. 27.02.2019 in the office chamber of the Block Development Officer, Boipariguda in presence of the bidders or their authorized representative having written authorization for the purpose.
4. The name of works mentioned at Sl. No. 01, 02, 06 & 08 in above tender call notice are cancelled.
5. The works mentioned at Sl. No. 7 - No change.
6. The works mentioned at 03, 04, 05 & 09 may be read as follows.

| Sl. No. | Name of work with location | Name of the Scheme | Estimated cost put to tender (in Rs.) | EMD to be deposited 1% of the tender cost (in Rs.) | Cost of Tender Documents (Non refundable) (in Rs.) | Period of comp-letion | Class of Contra-ctors |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 3 | Construction of WBM Road from Kantabaunsaguda to Nirgal Jodi nalla alongwith 1 culvert and 1 bridge on Nirgaljodi | SCA for LEW Effected District 2018-19 | Rs. 26,33,254.00 | Rs, 27,000.00 | Rs. 6,000/- | 6(Six) Calendar Months | “C” & “B” |
| 4 | Construction of WBM road from Nirgaljodi to Artamjodi alongwith 1 No. of culvert and 1 bridge on Artamjodi Nalla. | SCA for LEW Effected District 2018-19 | Rs. 26,33,573.00 | Rs, 27,000.00 | Rs. 6,000/- | 6(Six) Calendar Months | “C” & “B” |
| 5 | Construction of WBM road from Aramjodi to Matiguda chowk alongwith 1 culvert | SCA for LEW Effected District 2018-19 | Rs. 26,33,859.00 | Rs.27,000.00 | Rs. 6,000/- | 6(Six) Calendar Months | “C” & “B” |
| 9 | Construction of Bridge on the river Gaurkund in village Gadulpadar in Haladikund GP | BKBK (State Sector) 2018-19 | Rs. 43,95,086.00 | Rs. 44,000.00 | Rs, 6,000/- | 6(Six) Calendar Months | “B” & “A” |

The other terms and conditions in the Tender Call Notice No. 318, Dt. 11.02.2019 shall remain unchanged.

Sd./- Block Development Officer, Boipariguda

## GOVERNMENT OF ODISHA
## PANCHAYATIRAJ & DRINKING WATER DEPARTMENT
## OFFICE OF THE PANCHAYAT SAMITI, KANIHA

e-mail Address: ori-kanhia@nic.in

### INVITATION FOR BIDS (IFB)

Identification No. Kaniha - 1

### TENDER CALL NOTICE NO. - 5 OF 2018-19

1. **Block Development Officer, Kaniha** on behalf of Governor of Odisha invites **Percentage Bids** for the works 4 Nos. details in the table from class of contractors mentioned in Col. 4 below registered with the State Government and contractors of equivalent grade/class registered with Central Government/MES/Railways to be eventually drawn up in PWD (P-1) form for execution of civil works, on production of definite proof from the appropriate authority. The bidder may submit bid of the following works.

| Sl. No. | Name of the Work | Amount put to Tender Including 12% GST (In Rs.) | Class of Contractor | EMD to be deposited 1% (In Rs.) | Cost of tender document (non-refundable (In Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of AWC Building at Takua in Kaniha G.P. | 15,26,384/- | D & C | 15,270/- | 6000/- | Six Calendar Months |
| 2 | Construction of AWC Building at Bijigol-3 in Bijigol G.P. | 15,26,384/- | D & C | 15,270/- | 6000/- | Six Calendar Months |
| 3 | Construction of AWC Building at Sadasibapur in Hariharpur G.P. | 15,26,384/- | D & C | 15,270/- | 6000/- | Six Calendar Months |
| 4 | Construction of AWC Building at Durgapur in Talapada G.P. | 15,26,384/- | D & C | 15,270/- | 6000/- | Six Calendar Months |

Sd./- Block Development Officer, Kaniha

### Terms & Conditions

1. The Sale of Bid documents shall start from **Dt.23.02.2019** and close on **Dt.28.02.2019**, during office hours i.e. (10 A.M. to 5 P.M.) in the office of the Block Development Officer, Kaniha. The bid document may also be downloaded from website: **www.angul.nic.in** during this period. The indending tenderers downloading the tender document has to pay the cost of tender paper as mentioned in shape of Bank Draft payable at SBI, Telesingha Branch in favour of B.D.O., Kaniha.
2. Bids shall be received by the Block Development Officer, Kaniha till Dt.28.02.2019 through Registered Post/ Speed Post only. The authority will not be held responsible for postal delay in the delivering of the documents or non-receipt of the same.
3. The tender will be opened in the Office of the Block Development Officer, Kaniha at 11.00 A.M. on Dt.01.03.2019 in presence of the bidders or their authorised representatives who wish to attend. In the office happended to be closed on the date of receipt/opening of the bids as specified the bids will be received/opened on the next working day at the same time and venue. Bid documents can be purchased from this office against a non-refundable fee towards the cost of documents as indicated in the form of **Cash or Demand Draft** issued from Scheduled Bank payable at **SBI, Telesingha Branch** as per DTCN in favour of the Block Development Officer, Kaniha may be deposited in shape of Bank Draft prepared on or before the last date of receipt along with the Bid.
4. For other details of term & condition please visit the website: **www.angul.nic.in**.
5. The Block Development Officer, Kaniha reserves the right to reject any or all the tender without assigning any reason.

Sd./- Block Development Officer, Kaniha



ପୁଲ୍‌ୱାମା ଆକ୍ରମଣ ଘଟଣା ପରେ କ୍ରିକେଟ ଟାର୍ଗେଟର ଶିକାର ହୋଇଛି। ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ଏବେ ଅନିଶ୍ଚିତତାରେ ।
– ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।
– ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଆଇପିଏଲ-୧୨ ଉଦ୍‌ଘାଟନୀ ଉତ୍ସବ ହେବନି

ନୂଆଦିଲ୍ଲୀ,୨୨।୨(ପିଟି): ଆଇପିଏଲର ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯିବ ନାହିଁ। ଏ ନେଇ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି ସିଓଏ ଶୁକ୍ରବାର ନିଷ୍ପତ୍ତି ନେଇଛି। ଉତ୍ସବ ଲାଗି ଖର୍ଚ୍ଚ ହେବାକୁ ଥିବା ଅର୍ଥରାଶି ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପରିବାରକୁ ଦିଆଯିବ। ବିଶ୍ୱର ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ ସର୍ବଦା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ବଲିଉଡ୍ ଷ୍ଟାରଙ୍କୁ ପରଫର୍ମ କରୁଥିବାର ଦେଖିବାକୁ ମିଳେ। କିନ୍ତୁ ସିଆରପିଏଫ୍ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲର ଦ୍ୱାଦଶ ସିଜନର ପ୍ରଥମ ଦିନ ତଥା ମାର୍ଚ୍ଚ ୨୩ ତାରିଖରେ କୌଣସି ଉଦ୍‌ଘାଟନୀ ଆୟୋଜିତ କରାଯିବ ନାହିଁ। ଏହି ଇଭେଣ୍ଟ ଲାଗି ବଜେଟ ହୋଇଥିବା ଅର୍ଥରାଶି ଯବାନଙ୍କ ପରିବାରକୁ ଦିଆଯିବ ବୋଲି ସିଓଏ ଅଧ୍ୟକ୍ଷ ବିନୋଦ ରାଇ କହିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ଜମ୍ମୁ କଶ୍ମୀର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୯ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଶହୀଦଙ୍କ ପରିବାର ସହାୟତା ଲାଗି ଦେଶର ବହୁ କ୍ରୀଡ଼ାବିତ ଆଗେଇ ଆସିଥିଲେ।

### ଜୟଦୀପଙ୍କ ପରଲୋକ



କଟକ ଅଫିସ, ୨୨।୨: ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜୟଦୀପ ବୋଷଙ୍କର ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା । କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିବା ବେଳେ ଶୁକ୍ରବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜୟଦୀପ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଘର କଟକର ଚୌଧୁରୀବଜାର ଅଞ୍ଚଳରେ । ଜୟଦୀପଙ୍କ ମୃତ୍ୟୁ ଖବର ପାଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମସ୍ତ ସଦସ୍ୟ, ଫୁଟବଲ ଖେଳାଳି, କ୍ଲବ ମାଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଜଣାଇଥିଲେ । ଫାଓ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି ।

### ୯ ରନ୍‌ରେ ଅଲଆଉଟ୍

ନୂଆଦିଲ୍ଲୀ,୨୨।୨- ନିକଟରେ ୟୁଏଇ ବିପକ୍ଷ ଏକ ଟି୨୦ ମ୍ୟାଚ୍‌ରେ ଚାଇନା ୧୪ ରନ୍‌ରେ ଅଲଆଉଟ୍ ହୋଇ କ୍ରିକେଟର ଛୋଟିଆ ଫର୍ମାଟ ଇତିହାସର ସବୁଠୁ କମ୍ ଦଳଗତ ସ୍କୋର କରିଥିଲା। ହେଲେ ଏହି ଅଲୋଡ଼ା ରେକର୍ଡକୁ ପଛରେ ପକାଇ ଦେଇଛି ମିଜୋରାମ ମହିଳା ଦଳ। ଚଳିତ ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟରେ ମଧ୍ୟପ୍ରଦେଶ ମ୍ୟାଚ୍‌ରେ ମିଜୋରାମ ମାତ୍ର ୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଦଳର ୯ ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଏହି ମ୍ୟାଚ୍‌ର ଫଳାଫଳ ମାତ୍ର ୧୪.୫ ଓଭରରେ ବହାରିଥିଲା। ବିଜୟୀ ଦଳ ପାଇଁ ତରଙ୍ଗ ଝା ଚମତ୍କାର ବୋଲିଂ କରିଥିଲେ। ସେ ବୋଲିଂ କରିଥିବା ୨୪ ବଲ ମଧ୍ୟରୁ ୨୩ ଡଟ୍ ବଲ ଥିଲା ଓ ୪ ଉଇକେଟ ମଧ୍ୟ ହାତେଇଥିଲେ। ତାଙ୍କ ଯୋଗୁ ମିଜୋରାମ ୫ ଓଭର ସୁଦ୍ଧା ୫ ଉଇକେଟ ହରାଇ ୨ ରନ୍ କରିଥିଲା। ଅପୂର୍ବା ଭରଦ୍ୱାଜ ୨୫ବଲର ସମ୍ମୁଖୀନ ହୋଇ ୬ ରନ୍ କରିଥିଲେ। ଦଳ ପାଇଁ ସେ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ସ୍କୋର କରିଥିଲେ। କିନ୍ତୁ ସେ ବୋଲିଂ କରୁଥିବାବେଳେ ୫ ୱାଇଡ୍ ବଲ ପକାଇଥିଲେ। ଫଳରେ ମଧ୍ୟପ୍ରଦେଶ ଦଳ ପ୍ରଥମ ଓଭରରେ ହିଁ ମ୍ୟାଚ୍ ଜିତି ନେଇଥିଲା।

### ସାଇ-ରାଇଜିଂ ଷ୍ଟୁଡେଣ୍ଟ ମ୍ୟାଚ ଡ୍ର

କଟକ ଅଫିସ, ୨୨।୨- ବିଡ଼ାନାସୀ ଗ୍ରାଉଣ୍ଡରେ ଶୁକ୍ରବାର ଫାଓ ମହିଳା ଲିଗର ସାଇ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଛି । ସାଇ ପକ୍ଷରୁ ନିକିତା ବିଶି ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଗୋଲ ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ସୁଭଦ୍ରା ସାହୁ ଏକ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ପରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଅମୀମାଂଶିତ ରହିଥିଲା ।

# ଭାରତ ଉପରେ ଆଇଓସି କ୍ଷୁବ୍ଧ

**ଲାଉସାନେ/ ନୂଆଦିଲ୍ଲୀ,୨୨।୨(ପି.ଟି.)**

ନୂଆଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଶୁଟରମାନଙ୍କୁ ଭିଜା ଦେବାକୁ ଭାରତ ମନା କରିଦେବା ପରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓସି) କ୍ଷୁବ୍ଧ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫଳରେ ଭାରତରେ ଅଲିମ୍ପିକ୍ ତଥା ଅନ୍ୟ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଇଓସି ଏ ନେଇ ଭାରତ ସହ ସବୁ ପ୍ରକାର ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହେଁ ଭାରତକୁ କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ନ ଦେବା ପାଇଁ ସୁପାରିଶ କରିଛି। ଏଥି ସହିତ ଶୁଟିଂ ବିଶ୍ୱକପ୍‌ର ଦୁଇଟି ଅଲିମ୍ପିକ କୋଟାକୁ ରଦ୍ଦ କରିଛି।

ଗତ ଶନିବାର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ସିଆରିପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ପାକ୍ ଶୁଟରଙ୍କୁ ଭିଜା ଦେବାକୁ ମନା କରିଦେଇଛି। ଏଥିରେ ଅସନ୍ତୋଷ ଜାହିର କରି ଆଇଓସି ୨୫ ମିଟର ରାପିଡ ଫାୟାର ପିସ୍ତଲ ପ୍ରତିଯୋଗିତାର ଦୁଇଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିଦେଇଛି। ଭବିଷ୍ୟତରେ ବଡ଼ ଇଭେଣ୍ଟ ଆୟୋଜନ ନେଇ ଭାରତ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି କହିଛି। ଆଗକୁ ଭାରତ ୨୦୨୬ ଯୁବ ଅଲିମ୍ପିକ୍ସ, ୨୦୩୨ ସମର ଅଲିମ୍ପିକ୍ସ ଓ ୨୦୩୦ ଏସିଆନ ଗେମ୍ସ ଆୟୋଜନ କରିବାକୁ ଇଛା ପ୍ରକାଶ କରିଥିଲା। ପୂର୍ବରୁ ଭାରତ ୨୦୩୨ ଅଲିମ୍ପିକ୍ସ ଗେମ୍ସ ଆୟୋଜନ କରିବା ନେଇ ଆଇଓସିକୁ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ୨୦୨୬ ଯୁବ ଅଲିମ୍ପିକ୍ସର ବିଡିଂ ପ୍ରକ୍ରିୟା ଆସନ୍ତା ବର୍ଷ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯେପର୍ଯ୍ୟନ୍ତ ଭାରତ ସରକାର ବିଭିନ୍ନ ଇଭେଣ୍ଟ ଆୟୋଜନରେ ଅଲିମ୍ପିକ୍ସ ନିୟମ ଅନୁସାରେ ସବୁ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ତଥା ଭିଜା ଦେବା ନେଇ ଲିଖିତ ଭାବେ ଗ୍ୟାରେଣ୍ଟି ନ ଦେଇଛି ସେପର୍ଯ୍ୟନ୍ତ ଆଇଓସି ତା'ର ଆଭିମୁଖ୍ୟ ବଜାୟ ରଖିବ ବୋଲି ସ୍ପଷ୍ଟ କରିଛି।

ପାକ୍ ଶୁଟରଙ୍କୁ ଭିଜା ନ ଦେବା ଘଟଣା ଅଲିମ୍ପିକ୍ସର ମୌଳିକ ନିୟମର ଉଲ୍ଲଂଘନ କରୁଛି ବୋଲି ଲାଉସାନେରେ ଆୟୋଜିତ କାର୍ଯ୍ୟକାରୀ କମିଟି ବୈଠକରେ କୁହାଯାଇଛି। ଏଥି ସହିତ ଭବିଷ୍ୟତରେ ବିଭିନ୍ନ ଇଭେଣ୍ଟ ଆୟୋଜନ ନେଇ ଆଇଓଏ ତଥା ଭାରତ ସରକାରଙ୍କ ସହ କୌଣସି ଆଲୋଚନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଅପରପକ୍ଷରେ ଆଇଓଏ ଏ ନେଇ ତା'ର ଅସହାୟତା ପ୍ରକାଶ କରିଛି। ବର୍ତ୍ତମାନର ପରିସ୍ଥିତିରେ ଦେଶର କ୍ରୀଡ଼ା ଭବିଷ୍ୟତ ଭଲ ମନେ ହେଉ ନାହିଁ ବୋଲି ଆଇଓଏ କହିଛି। ଆମେ ସବୁ ମତେ ଚେଷ୍ଟା କରିଛୁ। ତେବେ ଖେଳାଳିଙ୍କୁ ଭିଜା ଦେବା ଦାୟିତ୍ୱ ସରକାରଙ୍କର। ଦେଶର ସବୁ କ୍ରୀଡ଼ା ପାଇଁ ଏବେ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଛନ୍ତି। ଏହା ଦ୍ୱାରା ଆମ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ। ପୁଣି ଥରେ ପରିସ୍ଥିତି ସମାଧାନ ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିବୁ। ଯଦି ଆଗାମୀ ୧୫-୨୦ ଦିନ ମଧ୍ୟରେ ଭାରତ ସରକାର କୌଣସି ପ୍ରତିଶୃତି ନ ଦିଅନ୍ତି ତେବେ ଆଇଓସି ନିକଟରୁ ଆଉ ଏକ ଚିଠି ଆସିବ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଆୟୋଜନ କରିବା ଇଛା ଜାହିର କରିଥିବା ଭାରତ ମଧ୍ୟ ୨୦୨୧ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପାଇଛି। ତେଣୁ ଭାରତ ଏବେ ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ ହେଉଛି। ଗତବର୍ଷ ମଧ୍ୟ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ କୋସୋଭର ଜଣେ ବକ୍ସରଙ୍କୁ ଭିଜା ନ ଦେଇ ଭାରତ ବିବାଦ ସୃଷ୍ଟି କରିଥିଲା ଓ ଏନେଇ ଆଇଓସି ଭାରତକୁ ଚିଠି ଲେଖିଥିଲା। ନୂଆଦିଲ୍ଲୀରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ୨୦୨୦ ଅଲିମ୍ପିକ୍ସ ପାଇଁ ସବୁ ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଆନ୍ତର୍ଜାତିକ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ ଘୋଷଣା କରିଥିଲେ। ତେବେ ପରେ ଆଇଓସି ୧୬ ବଦଳରେ ୨ଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ନୂଆଦିଲ୍ଲୀରେ ଆୟୋଜନ ହେବାକୁ ଥିବା ଏହି ଇଭେଣ୍ଟରେ ୬୧ଟି ଦେଶରୁ ଅନ୍ୟ ୫୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଏମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ତା'ର ଦୁଇଜଣ ଶୁଟର ଜି.ଏମ୍. ବଶିର ଓ ଖଲିଲ ଅହମ୍ମଦଙ୍କ ପାଇଁ ଭିଜା ଆବେଦନ କରିଥିଲା। ଏହି ଦୁଇ ଶୁଟର ରାପିଡ ଫାୟାର ବର୍ଗରେ ଅଂଶଗ୍ରହ କରିବାର କାର୍ଯ୍ୟକ୍ରମ ଥିଲା। ଏହି ଇଭେଣ୍ଟ ଟୋକିଓ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟର ମାନ୍ୟତା ପାଇଛି।

### ପାକିସ୍ତାନର ସ୍ୱାଗତ

କରାଚୀ,୨୨।୨(ପି.ଟି.)- ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ନିଷ୍ପତ୍ତିକୁ ନ୍ୟାଶନାଲ ଅଲିମ୍ପିକ ଆସୋସିଏଶନ ଅଫ୍ ପାକିସ୍ତାନ (ପିଓଏ) ସ୍ୱାଗତ କରିଛି। ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଅଲିମ୍ପିକ କୋଟା ରଦ୍ଦ କରିବାକୁ ଆଇଓସି ନିଷ୍ପତ୍ତି ନେଇଥିଲା। ଏହା ସ୍ୱାଗତ ଯୋଗ୍ୟ ବୋଲି ପିଓଏ ଅଧ୍ୟକ୍ଷ ଆରିଫ ହାସନ କହିଛନ୍ତି। ଆମର ଦୁଇ ଶୁଟର ଏହି ଇଭେଣ୍ଟ ପାଇଁ ଦୀର୍ଘ ଦିନ ହେବ ପ୍ରସ୍ତୁତି କରୁଆସୁଛନ୍ତି। ଏପରି ସ୍ଥଳେ ଆମ ଶୁଟରଙ୍କୁ ଭିଜା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଆଇଓସିକୁ ଏସଂକ୍ରାନ୍ତରେ ଅବଗତ କରାଇବା ଅପେକ୍ଷା ଆମ ପାଖରେ କୌଣସି ବିକଳ୍ପ ମଧ୍ୟ ନହିଁ ବୋଲି ସେ କହିଛନ୍ତି।

### ୧୬ରୁ ୨ ଅଲିମ୍ପିକ୍ କୋଟା ରଦ୍ଦ

ନୂଆଦିଲ୍ଲୀ, ୨୨।୨(ପି.ଟି.)- ଆନ୍ତର୍ଜାତିକ ଶୁଟିଂ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଘୋଷଣା କରିବା ପରେ ଆର୍ନ୍ତାଜାତିକ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ୨କୁ କମାଇଛି। ନୂଆଦିଲ୍ଲରେ ଆୟୋଜନ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରୁ କେବଳ ପୁରୁଷ ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରୁ ଅଲିମ୍ପିକ କ୍ୱାଲିଫିକେଶନ ଷ୍ଟାଟସ୍‌କୁ କାଢ଼ି ନିଆଯାଇଛି ବୋଲ ଆଇଓସି ସ୍ପଷ୍ଟ କରିଛି। ଏହା ଦ୍ୱାରା ଏହି ମେଗା ଇଭେଣ୍ଟରେ ଚମକ ତଥା ଲୋକପ୍ରିୟତା ପୂର୍ବ ପରି ବଜାୟ ରହିବ। ଫଳରେ ନ୍ୟାଶନାଲ ରାଇଫଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ଆସ୍ୱସ୍ତି ଲାଭ କରିଛି। ଏଥିପାଇଁ ଶୁଟିଂ ବିଶ୍ୱକପ୍ ଆୟୋଜକ କିମିଟି ଓ ଏନ୍‌ଆରଏଆଇ ଆଇଓସିକୁ ଧନ୍ୟବାଦ୍ ଜଣାଇଛି। ଆଇଏସ୍‌ଏସ୍‌ଏଫ୍ ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ, ସାଧାରଣ ସମ୍ପାଦକ ଆଲେକ୍‌ଜାଣ୍ଡାର ରାଟନର, ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ଏନ୍‌ଆରଏଆଇ ଧନ୍ୟବାଦ ଜଣାଇଛି।

### ଏଏଚ୍‌ଏଫ୍ ଉପ ସଭାପତି ମୁସ୍ତାକ ଅହମ୍ମଦ



ମୁସ୍ତାକ ଅହମ୍ମଦ



ଅସିମା ଅଲି

**ନୂଆଦିଲ୍ଲୀ,୨୨।୨(ପିଟି)**

ଭାରତର ମହମ୍ମଦ ମୁସ୍ତାକ ଅହମ୍ମଦ ଓ ଅସିମା ଅଲି ଶୁକ୍ରବାର ଯଥାକ୍ରମେ ଏସିଆନ୍ ହକି ଫେଡେରେଶନ (ଏଏଚ୍‌ଏଫ୍) ଉପ ସଭାପତି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପଦରେ ନିର୍ବାଚିତ ହୋଇଛନ୍ତି। ଉଭୟ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ମୁସ୍ତାକ ଅହମ୍ମଦ ଏବେ ହକି ଇଣ୍ଡିଆ ସଭାପତି ପଦରେ ଥିବାବେଳେ ଅଲି ଉପ ସଭାପତି ଦାୟିତ୍ୱରେ ଅଛନ୍ତି। ଅଲିଙ୍କ ଭଳି ମୁସ୍ତାକ ମଧ୍ୟ ଏଏଚ୍‌ଏଫ୍ କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇପାରିଛନ୍ତି। ମହାଦେଶ ଫେଡେରେଶନ ଦ୍ୱାରା ନିଆଯାଇଥିବା ନୂଆ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଏଏଚ୍‌ଏଫ୍ ସିଇଓଙ୍କୁ ଉପଦେଶ ଦେବା ହେଉଛି ଏଏଚ୍‌ଏଫ୍ କାର୍ଯ୍ୟକାରୀ କମିଟିର ମୁଖ୍ୟ କାର୍ଯ୍ୟ। ଏହି ଅବସରରେ ହକି ଇଣ୍ଡିଆ(ଏଚ୍‌ଆଇ) ପକ୍ଷରୁ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଉଭୟଙ୍କୁ ଶୁଭେଚ୍ଛା ଦେଇଛନ୍ତି।

## ପ୍ରଥମ ଦିନିକିଆରେ ଭାରତ ବିଜୟୀ

**ମହିଳା କ୍ରିକେଟ**

**ମୁମ୍ବାଇ, ୨୨।୨ (ପି.ଟି.)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ମହିଳା ଦଳ ୬୬ ରନରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୪ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପରେ ଇଂଲଣ୍ଡକୁ ୧୩୬ ରନରେ ଅଲ୍ ଆଉଟ କରିଦେଇଥିଲା। ଭାରତ ପକ୍ଷରୁ ସଫଳ ବୋଲର ଭାବେ ଏକତା ବିସ୍ତ ୪ଟି ଉଇକେଟ ଅକ୍ତିଆର କରିଥିବାବେଳେ ଏସ. ପାଣ୍ଡେ ଓ ଡିଭି ଶର୍ମା ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତୀୟ ମହିଳା ଦଳ:** ୪୯.୪ ଓଭରରେ ୨୦୨/ଅଲଆଉଟ (ଜେମିମା. ରୋଡ୍ରିଗୁଏଜ୍-୪୮ ; ସୋଫି. ଇକ୍ଲେଷ୍ଟୋନ୍-୨/୨୭)।
**ଇଂଲଣ୍ଡ ମହିଳା ଦଳ :** ୪୧ ଓଭରରେ ୧୩୬/ଅଲଆଉଟ (ନାଟାଲି ସ୍କିଭର-୪୪, ହିଥର ନାଇଟ୍-୩୯* ; ଏକତା ବିସ୍ତ୍-୪/୨୫)।

## ଗୁରୁକୁଳ ର୍ୟାଙ୍କିଙ୍ଗ୍ ଟେନିସ: ଅଂଶୁ ଚାମ୍ପିୟନ




ଅଂଶୁକୁମାର ଭୂୟାଁ ଓ ଶେଖ୍ ମହମ୍ମଦ ଇଫ୍‌ତିକାର୍ ଟ୍ରଫି ସହ।

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି) ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ। ଶୁକ୍ରବାର ଫାଇନାଲରେ ଅଂଶୁ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କୁ୬-୨, ୬-୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି ଓଡ଼ିଆ ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ। ଫଇନାଲରେ ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଯୋଡ଼ି ୦-୬, ୬-୪,(୧୦-୪) ସେଟ୍‌ରେ ସତୀର୍ଥ-ଆଶୁତୋଷଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ ବୈଶ୍ୟ, ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ସିଙ୍ଗଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ରେଟିଂ ପଏଣ୍ଟ ପାଇଛନ୍ତି। ସେହିପରି ଡବଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ି ୧୨ ଓ ୮ ପଏଣ୍ଟ ଲେଖାଏ ହାସଲ କରିଛନ୍ତି।




ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

### ଜାତୀୟ ଜୁନିୟର ହକି: କ୍ୱାର୍ଟରରେ ଗାଙ୍ଗପୁର

**ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)**

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି (ଡିଭିଜନ-ଏ) ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହକି ଗାଙ୍ଗପୁର ଓଡ଼ିଶା ୧-୦ ଗୋଲରେ କର୍ନାଟକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ପୁରନ କେରକେଟା ୫୯ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଏହି ବିଜୟ ସହ ହକି ଗାଙ୍ଗପୁର ପୁଲ୍ 'ସି'ରେ ଉତ୍ତର ପ୍ରଦେଶ ପକ୍ଷରୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ପଞ୍ଜାବ, ଚଣ୍ଡିଗଡ଼, ହରିୟାଣା, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଓ ବିହାର ଦଳ ବିଜୟ ହାସଲ କରିଛନ୍ତି।

### ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟିତ

## ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଏମ୍‌ଟି) ଖେଳ ପଡ଼ିଆରେ ୩ୟ ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆଇଏମଟିର ସହ ନିର୍ଦ୍ଦେଶକ ଡ. ଏସ.କେ. ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଓଡ଼ିଶା ଓ ବିହାର ଖେଳାଳିଙ୍କ ସର କରମର୍ଦ୍ଦନ କରିଥିଲେ। ଓଡ଼ିଶା ଓ ବିହାର ବ୍ୟତୀତ ଏଥିରେ ଝାଡ଼ଖଣ୍ଡ, ଆସାମ ଓ ପଶ୍ଚିମବଙ୍ଗ ଆଦି ୫ ରାଜ୍ୟ ଦଳ ଭାଗ ନେଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ଓଡ଼ିଶା ୯ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶାର ଆର.ଆର ସହାନି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆୟୋଜକ ସଭାପତି ସ୍ନେହାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଡ. ବି.ସି. ସାହୁ, ଡ. ବାମ ପ୍ରସାଦ ବାଗ୍, ଡ. ବଙ୍କିମ୍ ଚନ୍ଦ୍ର ତ୍ରିପାଠୀ, ୱାଇ. ମହାପାତ୍ର, ବିଶିଷ୍ଟ ଚେସ୍ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବଧିର କ୍ରୀଡ଼ା ପରିଷଦ ସମ୍ପାଦକ ନିରଞ୍ଜନ ଜୋଷୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଆଇଏମ୍‌ଟିର ବରିଷ୍ଠ ଅଧିକାରୀ ଅବଦୁଲ ରହିମ ଖାଁ, ବିଜୟ କୁମାର ପରିଡ଼ା, ପି.କେ. ମହାପାତ୍ର, ସଞ୍ଜୟ ପଣ୍ଡା, ଜେ.ଏନ. ବହିଦାର ପ୍ରମୁଖ ପରିଚାଳନା କରୁଛନ୍ତି। ଲୋକେଶ କୁମାର ଓ ସନ୍ତୋଷ ଜେନା ଅମ୍ପାୟର ଏବଂ ବିକାଲ ନାୟକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

## ଯୋଜନାର ଚୂଡ଼ାନ୍ତ ରୂପ ପାଇଁ ଶେଷ ସୁଯୋଗ

**ଡିନ୍ ଜୋନ୍ସ**

ଆସନ୍ତା ଟି୨୦ ଓ ଦିନିକିଆ ସିରିଜରେ ଭାରତ ଓ ଅଷ୍ଟ୍ରେଲିଆ କିପରି ରଣନୀତି ଅବଲମ୍ବନ କରୁଛନ୍ତି ତାହା ବଡ଼ ପ୍ରଶ୍ନ। ଆଗାମୀ ଆଇପିଏଲ ଏବଂ ବିଶ୍ୱକପ ପୂର୍ବରୁ ନିଜ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାପାଇଁ ଭାରତ ପାଇଁ ଏହା ଶେଷ ସୁଯୋଗ। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଓ ଡେଭିଡ ୱାର୍ନର ଏବେ ମଧ୍ୟ କହୁଣିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେଣୁ ଆସନ୍ତା ମାସରେ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆ ପର୍ଯ୍ୟନ୍ତ ସେମାନେ ଖେଳିପାରିବେ ନାହିଁ। ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଦଳକୁ ନେଇ ଅଧିକ ସମସ୍ୟା ରହିଛି। ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇନାହିଁ। ବିଶେଷ କରି ଟି୨୦ରେ ଟପ୍ ଅର୍ଡର ବ୍ୟାଟିଂ ଲାଇନ୍‌ଅପ୍ ସ୍ଥିର ହୋଇ ପାରିନାହିଁ। ଫଳରେ ପୂର୍ବରୁ ଭାରତ ବିପକ୍ଷରେ ଭଲ ଖେଳିପାରି ନ ଥିଲେ ହେଁ ଡାର୍ସି ଶର୍ଟ, ହ୍ୟାଣ୍ଡସ୍କମ୍ବ, ମ୍ୟାକ୍ସୱେଲ, ଟର୍ନର ଓ ଆରନ ଫିଞ୍ଚଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରିବ।

ଅଷ୍ଟ୍ରେଲିଆ ନିର୍ବୋଧଭାବେ ଭାରତ ବିପକ୍ଷ ଗତ ଦିନିକିଆ ସିରିଜରେ ହାଜେଲଉଡ୍, କୁମିନ୍ସ ଓ ଷ୍ଟାର୍କଙ୍କୁ ରୋଟେଟ୍ କରିଥିଲା। ଶ୍ରେଷ୍ଠ ଦଳ ଚୟନ କରିପାରିଲେ ଯାଇ ବିଜୟ ହାସଲ ସମ୍ଭବ ହେବ। ୫୦ ଓଭର ବିଶିଷ୍ଟ ଦିନିକିଆ ଏବଂ ଟି୨୦ରେ ଏହି ଦଳ ଏବେ ମଧ୍ୟ ଡେଥ୍ ଓଭର ବୋଲର ଆବଶ୍ୟକ କରୁଛି। ତେଣୁ ଜାସନ ବେହେରନଡର୍ଫ ଓ ଝେଇ ରିଚାର୍ଡଶନ ଆଗାମୀ ସିରିଜରେ ସୁଯୋଗ ପାଇପାରନ୍ତି। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ମଧ୍ୟ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ।

ନିକଟ ଅତୀତରେ ଭଲ ଖେଳି ନ ଥିଲେ ହେଁ ଭାରତ ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କୁ ଆଉ ଏକ ସୁଯୋଗ ଦେଇପାରେ। ଯଦି ଲୋକେଶ ଫର୍ମରେ ରହିଲେ ତେବେ ଭାରତ ପରଫେକ୍ଟ ଟିମ୍ ପାଇପାରିବ। ଶିଖର ଧାୱନଙ୍କୁ ମଧ୍ୟ ରନ ସଂଗ୍ରହ ପ୍ରତି ଧ୍ୟାନ ଦେବାକୁ ହେବ। ତେଣୁ ଘରୋଇ ଖେଳାଳିଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ମନେ ପକାଇ ଦେବାକୁ ଏହା ପ୍ରକୃଷ୍ଟ ସିରିଜ।




ଭାରତ ନିଶ୍ଚିତଭାବେ ଉଭୟ ଟି୨୦ ଓ ଦିନିକିଆ ସିରିଜ ଜିତିବାକୁ ଚାହିଁବ। ସତ କହିବାକୁ ଗଲେ ଭାରତ ଏହି ସିରିଜ ଆବଶ୍ୟକ କରୁନାହିଁ। କାରଣ ଏହି ଦଳ ସେଟ୍ ହୋଇ ସାରିଛି। ସମ୍ଭବତଃ ଭାରତ ୨ଟି ସ୍ଥାନ ପାଇଁ ପରୀକ୍ଷା ନିରୀକ୍ଷା କରିବ। ପ୍ରଥମ ହେଲା ରିଜର୍ଭ ଉଇକେଟ କିପର ଏବଂ ଦ୍ୱିତୀୟତଃ ଲୋକେଶ ଫର୍ମକୁ ଫେରୁଛନ୍ତି କି ନାହିଁ ଦେଖାଯିବ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ସମ୍ଭବତଃ ୬-୭ ସ୍ଥାନ ପାଇଁ ଖେଳାଳି ସେଟ୍ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କଣ ଏହି ସିରିଜ ଜିତି ପାରିବ? ତାହା ସେମାନେ ପାରିବେ ବୋଲି ମୁଁ ଭାବି ପାରୁନି। ତେବେ ସେମାନେ ଏହି ଅଭିଯାନକୁ କିପରି ସଫଳ କରିବାକୁ ଚେଷ୍ଟା କରୁଛନ୍ତି ତାହା ଦେଖିବାକୁ ବାକି ରହିଛି। ମାତ୍ର ସେମାନେ ଏଥିପାଇଁ ପ୍ରସ୍ତୁତ ଥିବାପରି ମୋର ମନେ ହେଉନାହିଁ। ଅଷ୍ଟ୍ରେଲିଆକୁ ବିଶ୍ୱ ବିଜୟୀ ପ୍ରତିଷ୍ଠା ଫେରାଇ ଆଣିବା ଆବଶ୍ୟକ ହେଉଛି। ଏହା ହେବାକୁ ହେଲେ ଖେଳଦ୍ୱାରା ପ୍ରତିପକ୍ଷ ଦଳକୁ ଭୟଭୀତ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ପାଇଁ ଏହା ହିଁ ଭାରତ ଗସ୍ତର ଉଦ୍ଦେଶ୍ୟ ହେବା ଉଚିତ।

(ଗେମ୍ ପ୍ଲାନ)

# ଆନ୍ଦୋଳନକୁ ଓହ୍ଲାଇଲା ଶୀତଳଭଣ୍ଡାର ସଂଘ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ଶୀତଳଭଣ୍ଡାରଗୁଡ଼ିକ ଅଚଳ ହେବା ପାଇଁ ୮ଟି ମୁଖ୍ୟ ପ୍ରସଙ୍ଗକୁ ଦାୟୀ କରାଯାଇଛି। ଏହି ପ୍ରସଙ୍ଗଗୁଡ଼ିକ ହେଉଛି– ଅଧିକ ପୁଞ୍ଜିନିବେଶ, ଉଚ୍ଚ ସୁଧ ବୋଝ, ବିଦ୍ୟୁତ୍ ଦେୟ, ଆଳୁ ମିଶନ ଫେଲ୍, ଲୋଡିଂ ସିଜନରେ ଅଧିକ ଯାତାୟାତ ଖର୍ଚ୍ଚ, ଷ୍ଟୋରେଜ୍ ଫାଇନାନ୍ସ ବିପକ୍ଷରେ ୱେର ହାଉସ ରିସିପ୍ଟ, ଅବକ୍ଷୟମୁଖୀ ଭଣ୍ଡାର କାର୍ଯ୍ୟକ୍ଷମ କରା ନ ଯିବା ଏବଂ ସ୍ଥାନୀୟ ଉତ୍ପାଦର ଅଭାବ। ଓଡ଼ିଶାରେ ମୁଖ୍ୟତଃ ଶୀତଳଭଣ୍ଡାରଗୁଡ଼ିକରେ ଆଳୁ ରଖାଯାଇଥାଏ। ତେଣୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଏହାର ଦର ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଳୁ ବ୍ୟତୀତ ବିଟ୍, ଗାଜର, ଅଦା, ମହୁଲ ଏବଂ କିଛି ପରିମାଣର ଟମାଟୋ ଶୀତଳଭଣ୍ଡାରରେ ଗଚ୍ଛିତ ହୋଇଥାଏ। ତେଣୁ ଏ ସବୁର ଦର ପ୍ରଭାବିତ ହେବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ତେଲକୋଇ ଭଳି ସ୍ଥାନରେ ଚାଷୀ ଅମଳ ଟମାଟୋକୁ ରାସ୍ତାରେ ଫିଙ୍ଗିଛନ୍ତି। ରାଜ୍ୟ ସମବାୟ ବିଭାଗ ତୁରନ୍ତ ସମସ୍ୟାର ସମାଧାନ ନ କଲେ ପରିସ୍ଥିତି ଭୟାନକ ହେବ ବୋଲି ଜଣାପଡିଛି। ଆଶ୍ଚର୍ଯ୍ୟର କଥା ଏହି ଯେ, ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ସରକାର ନିଜଆଡୁ କଥାବାର୍ତ୍ତା ପାଇଁ ଆଗେଇ ଆସିନାହାନ୍ତି।

ରାଜ୍ୟର ଶୀତଳଭଣ୍ଡାରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକାଧିକ ପ୍ରସ୍ତାବ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ରଖାଯାଇଛି। ତନ୍ମଧ୍ୟରେ ରହିଛି– ୫୦୦୦ ମେଟ୍ରିକ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା, ଋଣ ଏବଂ ଦୈନନ୍ଦିନ ଖର୍ଚ୍ଚ ପାଇଁ ରିହାତି ଦର(୩%)



ଶୀତଳଭଣ୍ଡାର ଆଗରେ ଆସୋସିଏଶନ ପକ୍ଷରୁ ମରାଯାଇଥିବା ବ୍ୟାନର।


ବିଲାତି ଢାଳି ପ୍ରତିବାଦ କରୁଛନ୍ତି ଚାଷୀ।

- ଆଳୁ ଦର ପ୍ରଭାବିତ ହେବା ଆଶଙ୍କା
- ପ୍ରଭାବ ପଡ଼ିବନି-ସମବାୟ ମନ୍ତ୍ରୀ

ସୁଧ, ବିଜୁଳି ଦେୟ ବାବଦକୁ ୫୦% ରିହାତି, ଟ୍ରେଡର ଏବଂ କୃଷକଙ୍କୁ ବିଭିନ୍ନ ସବ୍‌ସିଡି, ଶୀତଳଭଣ୍ଡାର ପ୍ରମୋଟରଙ୍କ ଜରିଆରେ ବୀଜ ଉତ୍ପାଦନ ଏବଂ ବଣ୍ଟନ, ଆଳୁ ଉତ୍ପାଦନ ବୃଦ୍ଧି ଏବଂ ବୈଷୟିକ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ।

ଶୀତଳଭଣ୍ଡାର ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି ଯେ, ଆଳୁ ମିଶନ ଫେଲ୍ ହେବା ଦ୍ୱାରା ଶୀତଳଭଣ୍ଡାର ବହୁଳ ଭାବରେ ପ୍ରଭାବିତ ହୋଇଛି। ଏହାର ପରିଚାଳନା ଯଥାରୀତି କରାଯାଉ ନାହିଁ। ଭଣ୍ଡାରଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ହାର୍ଭେଷ୍ଟ ମ୍ୟାନେଜ୍‌ମେଣ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପ୍ରତି ଶୀତଳଭଣ୍ଡାର ପରିଚାଳନା ପାଇଁ ବାର୍ଷିକ ପ୍ରାୟ କୋଟିଏ ତିରିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ହେଲେ ସେହି ପରିମାଣରେ ଆୟ ହେଉନାହିଁ। ବାର୍ଷିକ କ୍ଷତିର ପରିମାଣ ଶୀତଳଭଣ୍ଡାର ପିଛା ୮୦ ଲକ୍ଷରୁ କୋଟିଏ ଛୁଉଁଛି। ସମସ୍ୟାର ସମାଧାନ ପାଇଁ ସଂଘର ପ୍ରତ୍ୟେକ ସଦସ୍ୟ ଚାହିଁ ବସିଛନ୍ତି। ସରକାର ତୁରନ୍ତ ସମାଧାନ ଦିଗରେ ପ୍ରକ୍ରିୟା ଆରମ୍ଭ କରନ୍ତୁ ବୋଲି ଜନାର୍ଦ୍ଦନ କହିଛନ୍ତି।

ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଚଳିତ ମାସ ୧୫ରେ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବନ୍ଦ ଡାକରା ନେଇ ସୂଚନା ଦିଆଯାଇଥିଲା। ଶୁକ୍ରବାର ଏଥିପାଇଁ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ ସରକାର ସମାଧାନ ପାଇଁ ଆଗେଇ ଆସିଲେ ନାହିଁ। ସଂଘ ପରିଚାଳକଙ୍କ ସମେତ ପ୍ରତ୍ୟକ୍ଷ ଭାବେ ନିଯୁକ୍ତ ୩୦୦ କର୍ମଚାରୀ ଏବଂ ପରୋକ୍ଷ ଭାବରେ ନିର୍ଭରଶୀଳ ୧୦,୦୦୦ ଚାଷୀ ଏହି ବନ୍ଦ ଡାକରା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ରାଜ୍ୟରେ ମାତ୍ର ୪୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉଥିବା ବେଳେ ପ୍ରାୟ ୮୦ଟି ଅଚଳ ଅବସ୍ଥାରେ ରହିଛି। ଉପରୋକ୍ତ ସମସ୍ତ ଦିଗରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ମତାମତ ଲୋଡ଼ିଥିଲୁ। ସେ କହିଛନ୍ତି ଯେ, ଅନେକେ ଘରୋଇ ଭାବରେ ଋଣ ଇତ୍ୟାଦିରେ ବୁଡ଼ି ସରକାରଙ୍କ ପାଖକୁ ଆସିଛନ୍ତି। ସେମାନଙ୍କ ବନ୍ଦ ଡାକରା ଦ୍ୱାରା ଦରଦାମ୍ ବୃଦ୍ଧି ହେବାର ଆଶଙ୍କା ନାହିଁ।

## ବିଲାତି ଢାଳିଲେ ଚାଷୀ

**ତେଲକୋଇ, ୨୨।୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ବିଲାତିର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। କିଲୋ ପ୍ରତି ଏକ ଟଙ୍କାରେ ବିଲାତି ବିକ୍ରି ହେଉଛି। ଏ ନେଇ ଚାଷୀ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେଉଛନ୍ତି। ଶୀତଳଭଣ୍ଡାର ନ ଥିବା ଓ ବିଲାତି ଉତ୍ପାଦନ ଲାଗି କୌଣସି ଯୋଜନା ନ ଥିବାରୁ ଚାଷୀଙ୍କ ଏଭଳି ସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଶୁକ୍ରବାର ଶତାଧିକ ଚାଷୀ ଅଭାବୀ ବିକ୍ରିର ପ୍ରତିବାଦ କରି ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ବିଲାତି ଢାଳିଥିଲେ। ଚାଷୀ ମହେଶ୍ୱର ନାଏକ କହିଛନ୍ତି, ପନିପରିବା ପାଇଁ ଶୀତଳ ଭଣ୍ଡାର ନ ହେଲେ ଆଗାମୀ ଦିନରେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ୧ ଟଙ୍କାରେ ବିଲାତି ବିକ୍ରି ହେଉଛି। ବହୁ ପରିଶ୍ରମ କରି ଚାଷୀ ହୀନସ୍ତା ହେଉଛନ୍ତି। ଏ ନେଇ ଚାଷୀ ହୃଷି ମହାନ୍ତ, ବିଜୟ ମୁଣ୍ଡା, ତ୍ରିନାଥ ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଲକୋଇ ବ୍ଲକ କୃଷି ବିଭାଗ ଅଧିକାରୀ ପି. ହାଁସଦାଙ୍କୁ ପଚାରିବାରୁ ଚାଷୀଙ୍କ ଦାବି ସମ୍ପର୍କରେ ରାଜ୍ୟ ପ୍ରଶାସନକୁ ଅବଗତ କରାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ୩ ବର୍ଷର ଝିଅକୁ ବଳାତ୍କାର
#### ଅଭିଯୁକ୍ତ ନାବାଳକ କୋର୍ଟ ଚାଲାଣ

**ମହାକାଳପଡା, ୨୨।୨ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଜମ୍ବୁ ମେରାଇନ ଥାନା ଅଞ୍ଚଳର ଜନୈକା ୩ବର୍ଷର ଝିଅକୁ ଗୁରୁବାର ସେହି ଅଞ୍ଚଳର ଜଣେ ନାବାଳକ(୧୫) ବଳାତ୍କାର କରିଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୀଡ଼ିତାଙ୍କ ବଡ଼ ମା' ଶୁକ୍ରବାର ଜମ୍ବୁ ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୦/୧୯ ନଂ.ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାମକୁମାର ମୁର୍ମୁ କହିଛନ୍ତି। ଅଭିଯୁକ୍ତ ନାବାଳକ ସ୍ଥାନୀୟ ଏକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ବୋଲି ଜଣାପଡ଼ିଛି।

### ୨୬ରେ ପହଞ୍ଚିବ ବ୍ଲୁ ବଟନ ରଥ

**କେନ୍ଦ୍ରାପଡା ଅଫିସ, ୨୨।୨:** କେନ୍ଦ୍ରାପଡା ଜିଲାରେ ଆସନ୍ତା ୨୩ ଓ ୨୪ ତାରିଖରେ ନୂତନ ଭୋଟର ସଂଯୋଗ ଓ ଅବାଞ୍ଛିତ ଭୋଟରଙ୍କ ବିଯୋଗ କାର୍ଯ୍ୟକ୍ରମ ୨ଦିନ ଧରି ଚାଲିବ। ଏଥିପାଇଁ ପ୍ରତି ବୁଥ୍‌ରେ ଅଧିକାରୀ ନିୟୋଜିତ ହୋଇଥିବା ବେଳେ ଭୋଟରଙ୍କ ସଚେତନତା ପାଇଁ ବ୍ଲୁ ବଟନ ରଥ ଆସନ୍ତା ୨୬ରେ କେନ୍ଦ୍ରାପଡ଼ା ଜିଲାରେ ପହଞ୍ଚିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏହି ରଥ ୨୫ରେ କେନ୍ଦ୍ରାପଡ଼ା ସଦର ମହକୁମାରେ ପହଞ୍ଚି ୨୬ ତାରିଖରେ ଜିଲାର ବିଭିନ୍ନ ଅଞ୍ଚଳରେ ପରିକ୍ରମଣ କରିବ ବୋଲି ଜିଲା ସଂଯୋଜକ ଚିତ୍ତରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏଥିରେ ସମସ୍ତ ପଦାଧିକାରୀ ଯୋଗ ଦେବାକୁ ଜିଲାପାଳ ଦାଶରଥି ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି।

## ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଜେଲ ଗଲେ ଯୁବକ

ରସୁଲପୁର,୨୨।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ଗୁରୁବାର ପ୍ରକାଶ ମଲିକ (୨୧) ସେହି ଗ୍ରାମର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଜେଲ ଯାଇଥିବା ଦେଖିବାକୁ ମିଳିଛି। ଏ ସଂପର୍କରେ କୁଆଖିଆ ପୋଲିସ ଥାନାରେ ଏକ ମାମଲା (ନଂ–୩୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ପ୍ରକାଶ ଉକ୍ତ ଛାତ୍ରୀଙ୍କୁ କଲେଜ ଯିବା ବାଟରେ ଅଟକାଇ ପ୍ରେମ ନିବେଦନ କରିବା ସହ ଫୋନ ନମ୍ବର ମାଗିଥିଲେ। ଛାତ୍ରୀଜଣକ ପ୍ରକାଶଙ୍କ କଥାରେ ରାଜି ନ ହେବାରୁ ସେ ତାଙ୍କୁ ବିଚ୍ ରାସ୍ତାରେ ଟଣାଓଟରା କରିଥିଲେ। ଏ ନେଇ ଛାତ୍ରୀଜଣକ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ପ୍ରକାଶଙ୍କୁ ଶୁକ୍ରବାର ସକାଳୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କଠାରୁ ୪୨ହଜାର ଟଙ୍କା ଲୁଟ

ଧର୍ମଶାଳା/ଜେନାପୁର, ୨୨।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ମଠଛକ ନିକଟରେ ଶୁକ୍ରବାର ଦିନ ଦ୍ୱୀପ୍ରହରରେ ଜଣେ ମହିଳାଙ୍କଠାରୁ ୪୨ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ମହିଳା ଜଣଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୩୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ତଳଗଡ ଗ୍ରାମର ପ୍ରତିମା ବେହେରା କବାଟବନ୍ଧଠାରେ ଥିବା ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ଟଙ୍କା ନେଇ ଆସିବା ପରେ ମାତ୍ର ବ୍ୟାଙ୍କରୁ କିଛି ବାଟ ଦୂର ମଠଛକଠାରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ଛଡେଇ ନେଇଥିଲେ।

## ବଇରି ସାଜିଲା ଟଙ୍କା
### ଚିକିତ୍ସା ଅଧାରୁ ଘରକୁ ଫେରିଲେ ସର୍ବେଶ୍ୱର

**ଆଳି, ୨୨।୨ (ଡି.ଏନ୍.ଏ.):** ଗରିବ, ଅସହାୟଙ୍କ ଚିକିତ୍ସା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭିନ୍ନ ଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଟଙ୍କା ଅଭାବରୁ ଚିକିତ୍ସା କରାଇ ନ ପାରି ଘରକୁ ଫେରି ଆସିଛନ୍ତି ଆଳି ବ୍ଲକ ଅଧୀନ ସାନମଙ୍ଗ ପଞ୍ଚାୟତ ଠାକୁରସାହି ଗ୍ରାମର ସର୍ବେଶ୍ୱର ବେଜ(୩୮)। ପ୍ରାୟ ମାସକ ପୂର୍ବେ ସର୍ବେଶ୍ୱର ଶୋଇଥିବା ବେଳେ ହଠାତ୍ ତାଙ୍କ ବିଛଣାରେ ନିଆଁ ଲାଗିଯାଇଥିଲା। ଚିତ୍କାର ଶୁଣି ପରିବାର ଲୋକେ ପାଣି ଢ଼ାଳି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସର୍ବେଶ୍ୱରଙ୍କ ଅବସ୍ଥା ଗୁରୁତର ହୋଇଥିଲା। ସେ କଟକ ବଡ଼ ମେଡିକାଲରେ ମାସେ କାଳ ଚିକିତ୍ସିତ ହେବା ପରେ ବି ସୁସ୍ଥ ହୋଇପାରି ନଥିଲେ। ସର୍ବେଶ୍ୱର ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ଯାହା ଟଙ୍କା ପଇଠ କରିଥିଲେ ସେଥିରେ ଚିକିତ୍ସା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଟଙ୍କା ସରିଯିବା ପରେ ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିବାରୁ ସର୍ବେଶ୍ୱର ପରିବାର ସହ ଘରକୁ ଫେରି ଆସିଛନ୍ତି। ତାଙ୍କର ଏଭଳି ସ୍ଥିତିରେ ଆଳି ହାଇସ୍କୁଲ ଓ ଶରତ କୁମାର ଦେବ ହାଇସ୍କୁଲର ୧୯୯୯ ବ୍ୟାଚ୍ ଛାତ୍ରମାନେ ତାଙ୍କ ଘରେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। କୌଣସି ବଦାନ୍ୟ ବ୍ୟକ୍ତି, ସରକାରୀ ବା ବେସରକାରୀ ସଂଗଠନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରର ଏଭଳି ଅବସ୍ଥାରେ ସହଯୋଗ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।


ସର୍ବେଶ୍ୱର ବେଜ।

## ୩୨ ଇନ୍ସପେକ୍ଟର, ଏସ୍‌ଆଇ, ଏଏସ୍‌ଆଇଙ୍କ ବଦଳି

ଯାଜପୁର ଜିଲା

ଯାଜପୁର ଅଫିସ,୨୨।୨

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ପୋଲିରେ ଇନ୍ସପେକ୍ଟର, ସବଇନ୍ସପେକ୍ଟର(ଏସଆଇ) ଓ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର(ଏଏସଆଇ) ପଦବୀ କ୍ଷେତ୍ରରେ ବ୍ୟାପକ ଅଦଳବଦଳ ହୋଇଛି। ଏନେଇ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସଂଖ୍ୟା ୪୮୧/୨୦।୨।୨୦୧୯ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଏସପି ଅକ୍ଷୟ କୁମାର ଦାସ ଓ ଡିଏସପି ବି.ବି. ବେହେରାଙ୍କ ସ୍ୱାକ୍ଷରରେ ୩୨ଜଣ ପୋଲିସ ଅଧିକାରୀଙ୍କୁ ଜିଲା ମଧ୍ୟରେ କେବଳ ଅଦଳବଦଳ କରାଯାଇଛି। ଏଥିରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଆଶା କେତେଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଛି ବୋଲି ମତପ୍ରକାଶ ପାଇଛି।




## ■ ଦଳିତ ଯୁବକଙ୍କୁ ଥାନାରେ ନିର୍ଯାତନା ଘଟଣା
# ପରିବାର ଲୋକଙ୍କୁ ଭେଟିଲେ ଓଏଚ୍‌ଆର୍‌ସି ଅଧିକାରୀ

**ସୁକିନ୍ଦା, ୨୨।୨(ଡି.ଏନ୍.ଏ.):** ଜଣେ ଦଳିତ ବର୍ଗର ଯୁବକଙ୍କୁ ଥାନାରେ ଅଟକ ରଖି ଶାରୀରିକ ଓ ମାନସିକ ସ୍ତରରେ ନିର୍ଯାତନା ଦେବା ଘଟଣାରେ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ ତଦନ୍ତ ଆରମ୍ଭ କରିଛନ୍ତି। ମାନବାଧିକାର କମିଶନର କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଓଏଚଆରସି(ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ)ର ତଦନ୍ତ ଅଧିକାରୀ ଶୁଭାଷନୀ ମହାପାତ୍ର ଓ କନସଲଟାଣ୍ଟ ବିଭାଗର ଜଣେ ଅଧିକାରୀ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହ ଭୁବନ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ତେବେ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଖୁବ୍‌ଶୀଘ୍ର କମିଶନ ଅଧ୍ୟକ୍ଷଙ୍କୁ ତଥ୍ୟ ପ୍ରଦାନ କରାଯିବ ବୋଲି ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ୧୩ ଜୁନ ବିଳମ୍ବିତ ରାତ୍ରିରେ ଭୁବନ ଥାନା ନିକଟସ୍ଥ ମନ୍ଦାର ବ୍ରିଜ ନିକଟରେ ଏକ ଡ୍ରମ୍ପରକୁ କେତେଜଣ ଦୁର୍ବୃତ୍ତ ଲୁଟ କରିଥିଲେ। ଏହି ସମୟରେ ରାସ୍ତାଦେଇ ଆସୁଥିବା ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ନିରଞ୍ଜନ ପାତ୍ର (୨୫)ଙ୍କୁ ଭୁବନ ପୋଲିସ ସନ୍ଦେହରେ ଥାନାରେ ଅଟକ ରଖିଥିଲା। ୨୦୧୮ ଜୁନ୍ ୧୪ରେ ଭୁବନ ଥାନାଧିକାରୀ ଉକ୍ତ ଡ୍ରମ୍ପରକୁ ସୁକିନ୍ଦା ଥାନା ଅନ୍ତର୍ଗତ ମୁଳଖମ୍ବ ଗ୍ରାମରେ ଥିବା ରମାକାନ୍ତ ଦାସଙ୍କ ଢାବା ନିକଟରୁ ଜବତ କରିଥିଲେ। ମାତ୍ର ଅଟକ ରଖିଥିବା ନିରଞ୍ଜନଙ୍କୁ ଲୁଟ ଘଟଣାରେ ସମ୍ପୃକ୍ତି ଥିବା ଦର୍ଶାଇ ୧୩ ଜୁନ ୨୦୧୮ରୁ ଦୀର୍ଘଦିନ ଧରି ଥାନାରେ ଅଟକ ରଖାଯାଇ ଅକଥନୀୟ ଅତ୍ୟାଚାର କରାଯାଇଥିଲା। ଭୁବନ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ସୁକିନ୍ଦା ଥାନା ଅଧିକାରୀ ସୌମ୍ୟଚିତ ମିଶ୍ର, କାଳିଆପାଣି ଥାନାର ଥାନାଧିକାରୀ ଯୁବରାଜ ସ୍ୱାଇଁ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦୋରା ଏବଂ ଢେଙ୍କାନାଳ ଜିଲା ପଣ୍ଡୁଆ ଥାନାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଥାନାର ଥାନାଧିକାରୀ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ଜଣେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋଙ୍କ ସହଯୋଗରେ ପରିବାରଲୋକେ ରାଜ୍ୟ ମାନବାଧିକାର କମିଶନର ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ର ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଓଏଚଆରସି ଅଧ୍ୟକ୍ଷ ଢେଙ୍କାନାଳ ଜିଲାପାଳଙ୍କ ସମେତ ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ନିରପେକ୍ଷ ତଦନ୍ତ ହୋଇପାରି ନ ଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଓଏଚ୍‌ଆରସି କାର୍ଯ୍ୟକାରୀ ଅଧ୍ୟକ୍ଷ ରଘୁବୀର ଦାସଙ୍କ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଙ୍କଡ଼ଙ୍କ ଖେଳ ହେଲା କାଳ
## ବରଡାଳ ପଡ଼ି ଶିଶୁ ମୃତ

ଭାପୁର,୨୨।୨(ଡି.ଏନ.ଏ.): ମାଙ୍କଡ଼ମାନଙ୍କ ଖେଳ ଜଣେ ଶିଶୁଙ୍କ ମୃତ୍ୟୁର କାରଣ ପାଲଟିଛି । ଗୁରୁବାର ସକାଳେ ଖଣ୍ଡପଡ଼ା ଥାନା ରାଣୀଛେଲୀ ପଞ୍ଚାୟତସ୍ଥ ଗୋହିରିଆପଡ଼ା ଗ୍ରାମର ଦଣ୍ଡପାଣି ବେହେରାଙ୍କ ବାଡ଼ିରେ ଥିବା ଏକ ବଡ଼ ବରଗଛ ମୂଳରେ ବସି ତାଙ୍କର ସାନପୁଅ ସୂର୍ଯ୍ୟକାନ୍ତ ଓରଫ ରାହୁଲ(୪) ଖେଳୁଥିଲେ। ଏଠାରେ ମାଙ୍କଡ଼ମାନେ ଡେଉଁଥିବାବେଳେ ବରଗଛର ଡାଳ ଭାଙ୍ଗି ସୂର୍ଯ୍ୟକାନ୍ତଙ୍କ ମୁଣ୍ଡରେ ପଡିଥିଲା। ଫଳରେ ଗୁରୁତର ଭାବେ ଆହତ ହୋଇଥିବା ସୂର୍ଯ୍ୟଙ୍କୁ ତାଙ୍କ ବାପା ଖଣ୍ଡପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ରଣପୁର,୨୨।୨(ସ୍ୱ.ପ୍ର.): ରଣପୁର ବ୍ଲକ ଅଧୀନ ମହତପଲ୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ସତ୍ୟବ୍ରତ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପାଳପୁର ସର୍କଲ ଶିକ୍ଷା ସଂଯୋଜକ ପବିତ୍ର ସାମନ୍ତରାୟ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ଦାସ, ମହତପଲ୍ଲା ସରପଞ୍ଚ ତିଳୋତ୍ତମା ବେହେରା, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପର ମଣିନାଗକୁ ଆଲୋକୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

ରଣପୁର,୨୨।୨(ସ୍ୱ.ପ୍ର.): ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ମା' ମଣିନାଗ ପୀଠକୁ ଯାଇଥିବା ୫ କିଲୋମିଟରରୁ ଉର୍ଦ୍ଧ୍ୱ ଉଚ୍ଚ ପାହାଡ଼ ଉପର ରାସ୍ତାର ଆଲୋକୀକରଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରବି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ସବିତା ଦାସ, ଉପାଧକ୍ଷ ପ୍ରିୟବ୍ରତ ପ୍ରହରାଜ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ, ରଣପୁର ଥାନା ଏସ୍‌ଆଇ ପ୍ରୀତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ମା'ଙ୍କ ମନ୍ଦିରକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ସ୍ମାର୍ଟ ଏଲ୍‌ଇଡି ବଲବ୍ ଦ୍ୱାରା ଆଲୋକିତ କରାଯିବ । ସୂଚନାଯୋଗ୍ୟ, କିଛି ବର୍ଷତଳେ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପଥର କାଟି ଏହି ରାସ୍ତା ନିର୍ମାଣ କରାଯାଇଥିଲା । ତେବେ ରାତିରେ ଅନ୍ଧକାର ଯୋଗୁ ସେଠାକୁ ଯିବା ସମ୍ଭବ ହୋଇପାରୁ ନ ଥିଲା ।

### ନୂଆଗାଁ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ
# ପ୍ରଶ୍ନବାଣରେ ଘାଇଲା ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

ନୂଆଗାଁ,୨୨।୨(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବ ଅଧିବେଶନ ଗୁଡିକରେ ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ତାହାର ପ୍ରତିକାର ପାଇଁ ଅଧିବେଶନକୁ ଅବମାନନା କରି ଯେଉଁ ଅଧିକାରୀମାନେ ଅନୁପସ୍ଥିତ ରହିବେ ସେମାନଙ୍କ ପାଇଁ ବୈଠକ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଫଳସ୍ୱରୂପ ଏହି ବୈଠକରେ ବିଦ୍ୟୁତ୍ ବିଭାଗର ଅଧିକାରୀ , କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରଥମେ ଗ୍ରାମ ପଞ୍ଚାୟତ ଅଧିକାରୀ କବିତା ପ୍ରଧାନ ପୂର୍ବ ବିବରଣୀ ପାଠ କରିଥିଲେ । ନୂଆଗାଁ ସରକାରୀ ଡାକ୍ତରଖାନାରେ କୌଣସି ଡାକ୍ତର ନଥିବା ଯୋଗୁଁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବିଷୟରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଯଜ୍ଞଦତ୍ତ ରଥଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପ୍ରତ୍ୟେକ ଡାକ୍ତଖାନାରେ ଏହି ସମସ୍ୟା ଲାଗି ରହିଛି ଏବଂ ଆମେ କିଛି କରିପାରିବୁ ନାହିଁ ବୋଲି ସେ କହିଥିଲେ । ଏହି ଅଭିଯୋଗ ଶୁଣିବା ପରେ ସେ ପାଲଟା ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ନା ନା ସମସ୍ୟା ଜଣାଇଥିଲେ । ପାନୀୟ ଜଳ ବ୍ୟବସ୍ଥା, ସରକାରଙ୍କ ଅନୁଦାନରେ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଅଦ୍ୟାବଧି ହସ୍ତାନ୍ତର ନହେବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହା ଶୁଣିବା ପରେ ମହିପୁର ସମିତି ସଭ୍ୟ ସୁଦାମ ଚରଣ ପ୍ରଧାନ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଅନୁଦାନ ବିଷୟରେ ପ୍ରଶ୍ନରଖିବା ସହ ସେହି ଅନୁଦାନ କେଉଁ ଉଦ୍ଦେଶ୍ୟରେ ବ୍ୟୟ ହେଉଛି,ସେଥିପାଇଁ କୌଣସି କମିଟି ଗଠନ କରାଯାଇଛି କି ନାହିଁ , ସେଥିରେ କିଏ ସଭ୍ୟ ରହିଛନ୍ତି, କେଉଁମାନଙ୍କ ଉପସ୍ଥିତିରେ ବୈଠକ ହେଉଛି , ବର୍ଷକରେ କେତେ ଥର ବୈଠକ କରାଯିବାର ନିୟମ ରହିଛି ଆଦି ପ୍ରଶ୍ନ ବାଣରେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଘାଇଲା କରିଥିଲେ । ଏସବୁ ପ୍ରଶ୍ନର ଉତ୍ତର ବୈଠକ ସନ୍ତୋଷ ଜନକ ଭାବେ ପାଇ ପାରି ନଥିଲା । ପର ମୁହୂର୍ତ୍ତରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଜଣେ କର୍ମଚାରୀ ବୈଠକକୁ ନ ଜଣାଇ ପଳାଇଯାଇଥିବା ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଗାତେରୀ ସମିତି ସଭ୍ୟ ବିଜୟ କୁମାର ନାୟକ ସଭାକୁ ଜଣାଇ କ୍ଷୋଭ ପ୍ରକାଶ କରିଥିଲେ । ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳୀ ସାହୁ କିଛି ସମସ୍ୟା ନେଇ ସଭାରେ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ତାହାର ସମାଧାନ କରା ନଯିବାରୁ ଦୁଃଖ ପ୍ରକାଶ କରିବା ସହିତ ବ୍ଲକରେ ବାସ୍ତବରେ କୌଣସି ସମସ୍ୟାର ସମାଧାନ କରା ନ ଯାଇ କେବଳ କାଗଜ କଲମରେ ହେଉଛି ବୋଲି କହିଥିଲେ । ଉପାଧ୍ୟକ୍ଷ ଜଣାଇ ଆସୁଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ନୂଆଗାଁ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ ବିଡିଓଙ୍କୁ କହିଥିଲେ। ଏହି ଅଧିବେଶନରେ ଜିଲା ପରିଷଦ ସଭ୍ୟ ସୁଦୀପ୍ତ କୁମାର ରାୟ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ସ୍ୱାଇଁ, ଉପାଧ୍ୟକ୍ଷ ସାହୁ, ବିଡିଓ ଶିରିୟାଲ ପଟେଲ, ତହସିଲଦାର ପ୍ରଭାକର ସେଠୀ, ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ପାଢୀ ଉପସ୍ଥିତ ଥିଲେ ।



ବୈଠକରେ ଯୋଗଦେଇଥିବା ଅତିଥି।

## ଚାଇଲ୍ଡ ଲାଇନ୍ ଅଟକାଇଲା ବାଲ୍ୟବିବାହ

ନୟାଗଡ଼ ଅଫିସ,୨୨।୨

ନୟାଗଡ଼ ଜିଲା ଚାଇଲ୍ଡ ଲାଇନ୍ ପକ୍ଷରୁ ଶୁକ୍ରବାର ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାଠାରେ ଏକ ବାଲ୍ୟବିବାହକୁ ବନ୍ଦ କରାଯାଇଛି । ଏହି ଘଟଣାରେ ବର ମନ୍ଦିରରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଶୁକ୍ରବାର ଗୋଡ଼ିପଡ଼ା ମହାଦେବ ମନ୍ଦିରରେ ନୂଆଗାଁ ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ଗୋଡ଼ିପଡ଼ା ଅଞ୍ଚଳର ତପନ ଡାକୁଆ(୨୫)ଙ୍କ ବିବାହ ହୋଇଥାନ୍ତା। ମନ୍ଦିରରେ ବିବାହ ପାଇଁ ସମସ୍ତ ବ୍ୟବସ୍ଥା ହୋଇ ସାରିଥିଲା। ଚାଇଲ୍ଡ ଲାଇନ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ପଚରାଉଚରା କରିଥିଲେ। ପଚାରିବାରୁ ଝିଅର ବୟସ ୧୭ ବର୍ଷ ବୋଲି ଜଣାପଡ଼ିଥିଲା। ଏହି ସମୟ ମଧ୍ୟରେ ସୁଯୋଗ ଦେଖି ବର ଫେରାର୍ ହୋଇଯାଇଥିଲେ। ବର ପେସାରେ ଜଣେ ଭଣ୍ଡାରି ଥିବା ଜଣାପଡ଼ିଛି। ନାବାଳିକାଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଚାଇଲ୍ଡ ଲାଇନ୍‌ର ସଦସ୍ୟ ଚନ୍ଦ୍ରଶେଖର ବେହେରା ଓ ଗୀତାଞ୍ଜଳି ପଟ୍ଟନାୟକ ଏହି ଚଢ଼ାଉରେ ସାମିଲ ଥିଲେ।

### ଶ୍ରୀମନ୍ଦିର ସୁରକ୍ଷା: ଚିଠି ଆସିଲେ ମନେପଡ଼େ
# ମନ୍ଦିର ଚତୁଃପାର୍ଶ୍ୱରୁ ହଟିଲା ଜବରଦଖଲ

ପୁରୀ ଅଫିସ, ୨୨।୨

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ଚିଠି ଆସିଛି। ରାଜ୍ୟ ସରକାରଙ୍କ ଆଇନ ବିଭାଗ ଏ ନେଇ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି କରିବା ପରେ ଜବରଦଖଲ ଉଚ୍ଛେଦ କଥା ମନେପଡିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲ କରି ବସିଥିବା ଉଠାଦୋକାନୀ ଏବଂ ଠେଲା ଦୋକାନୀଙ୍କୁ ହଟାଯାଇଥିବା କୁହାଯାଉଛି। ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଟିମ୍ ପୋଲିସ ସହାୟତାରେ ଜେସିବି ଲଗାଇ ଉଚ୍ଛେଦ କରିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ନେଇ ଚିଠି ଆସିଲେ ପ୍ରଶାସନର ଏମିତି ଉଚ୍ଛେଦ କଥା ମନେପଡିଥାଏ ବୋଲି ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର ଉପରେ ସବୁବେଳେ ଆତଙ୍କବାଦୀଙ୍କ ନଜର ରହିଆସିଛି । ଏ ନେଇ ପୂର୍ବରୁ ଗୋଇନ୍ଦା ରିପୋର୍ଟ ଦେଇସାରିଛି। ତେଣୁ ଏହାକୁ ଗୁରୁତର ଭାବେ ଗ୍ରହଣ କରି ଗତ କିଛିବର୍ଷ ହେବ ଏନ୍‌ଏସ୍‌ଜି ଅଧିକାରୀ ପୁରୀ ଆସି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ଏନ୍‌ଏସ୍‌ଜି ଅଧିକାରୀ ଯାଞ୍ଚ କରି ଯିବା ପରେ ଯେଉଁ ସୁପାରିସ କରୁଛନ୍ତି ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ। ତେଣୁ ଏନ୍‌ଏସ୍‌ଜି ରିପୋର୍ଟ ଆଧାରରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ଚିଠି ରାଜ୍ୟ ସରକାରଙ୍କ ପାଖକୁ ପଠାଇଛି। ତେବେ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କ ସହଯୋଗୀ ପ୍ରିୟା ହିଙ୍ଗୋରାନୀ ଗତ ବୁଧବାର ସକାଳେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଭିତରେ ବୁଲିସାରିବା ପରେ ସିଂହଦ୍ୱାର ଫାଣ୍ଡିକୁ ଆସିଥିଲେ। ସେଠାରେ କିଛି ସମୟ ବସିବା ଭିତରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ୪ ଦ୍ୱାରରେ ଯାଞ୍ଚ ବ୍ୟବସ୍ଥା କ'ଣ ରହିଛି, ମନ୍ଦିର ଭିତରକୁ କ'ଣ କ'ଣ ନିଷିଦ୍ଧ ଅଛି, ଯାଞ୍ଚ ଠିକ୍ ଭାବେ ହେଉଛି କି ନାହିଁ, କେତେ ସିସିଟିଭି କ୍ୟାମେରା ଲାଗିଛି ଏମିତି ସୁରକ୍ଷା ପ୍ରସଙ୍ଗକୁ ନେଇ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ଏହି ସୁରକ୍ଷା ସମ୍ପର୍କିତ ରିପୋର୍ଟ ସେ ଆମିକସ୍ କ୍ୟୁରିଙ୍କୁ ଦେଇପାରନ୍ତି ବୋଲି କୁହାଯାଉଛି। ତେବେ ନିଜେ ଆମିକସ୍‌କ୍ୟୁରି ଶ୍ରୀମନ୍ଦିର ଆସୁଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ମନ୍ଦିର ଆଖପାଖରେ ଉଠାଦୋକାନୀଙ୍କ ଜବରଦଖଲ ଦେଖି ସୁରକ୍ଷାକୁ ନେଇ କୌଣସି ପ୍ରକାର ପ୍ରଶ୍ନ କରିପାରନ୍ତି ଏହି ଆଶଙ୍କାରେ ଶୁକ୍ରବାର ପ୍ରଶାସନ ଜବରଦଖଲ ହଟାଇଥିବା କୁହାଯାଉଛି। ଏ ସମ୍ପର୍କରେ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ବିଭିନ୍ନ ଧର୍ମଅନୁଷ୍ଠାନ ଉପରେ ଆତଙ୍କବାଦୀମାନେ ଟାର୍ଗେଟ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରତି କେତେବେଳେ କ'ଣ ଅଘଟଣ ନ ଘଟିବା ତାହା କହି ହେବ ନାହିଁ। ତୀର୍ଥଯାତ୍ରୀ ବେଶରେ ଆସି କେହି ବି କିଛି ଅଘଟଣ ଘଟାଇପାରନ୍ତି। ତେଣୁ ଆମକୁ ସତର୍କ ହେବାକୁ ପଡିବ, ବର୍ତ୍ତମାନ ସୁରକ୍ଷା ବ୍ୟବସ୍ଥା ଯାହା ରହିଛି ଆହୁରି କଡ଼ାକଡ଼ି କରାଯିବା ଦରକାର।

### ୟୁଥ୍ କନେକ୍ଟ କପ୍ ୨୦୧୯ ଉଦ୍‌ଯାପିତ
# ଇଟାମାଟି ପଞ୍ଚାୟତ ଜିତିଲା ଚାମ୍ପିୟନ୍ ଟ୍ରଫି

ନୟାଗଡ଼ ଅଫିସ,୨୨।୨

ନୟାଗଡ଼ ଖେଳ ପଡ଼ିଆରେ ୧୫ ଦିନ ଧରି ଚାଲି ଆସୁଥିବା ୟୁଥ୍ କନେକ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟ –୨୦୧୯ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ଇଟାମାଟି ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସି ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା। ଏଥିରେ ଇଟାମାଟି ପଞ୍ଚାୟତ ଚାମ୍ପିୟନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଇଟାମାଟି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୮୩ ରନ ସଂଗ୍ରହ କରିଥିଲା। ଏହା ପରେ ଓଡ଼ଗାଁ ଏନ୍‌ଏସି ଦଳ ୧୧ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୬୦ ରନ୍ ସଂଗ୍ରହ କରିଥିଲା। ଫଳରେ ୧୨୩ ରନ୍‌ରେ ଇଟାମାଟି ବିଜେତା ହେବା ସହ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଓଡ଼ଗାଁ ଦଳକୁ ରନର୍ସ ଅପ ଟ୍ରଫି ସହିତ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ , ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଇଟାମାଟି ସରପଞ୍ଚ ସୋନାଲିକା ମଙ୍ଗନ, ଘଡୁଆଳ ସମିତି ସଭ୍ୟ ରବୀନ୍ଦ୍ର ଜେନା, କ୍ରିକେଟ ଆସୋସିଏଶନର ସମ୍ପାଦକ ସଂଗ୍ରାମ ଗୁମାନ ସିଂ, ଗଙ୍ଗାଧର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଜେନା , ମୃତ୍ୟୁଞ୍ଜୟ ମହାପାତ୍ର ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ସତ୍ୟଜିତ୍ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳରେ ଇଟାମାଟି ଦଳର ସୂର୍ଯ୍ୟମଣି ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମନୋଜ କୁମାର ପ୍ରଧାନଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜୟୀ ଦଳ।

# ଭାରତ ବିକାଶ ପରିଷଦ ଶାଖା ସ୍ଥାପନ ସମାରୋହ

ଓଡ଼ଗାଁ, ୨୨।୨(ସ୍ୱ.ପ୍ର.)

ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣର ବାର୍ତ୍ତା ବହନ କରୁଥିବା ଭାରତ ବିକାଶ ପରିଷଦ ଓଡଗାଁରେ ରାଜ୍ୟର ୨୨ ତମ ଶାଖା ସ୍ଥାପନ କରିଛି । ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ଅଫିସର୍ସ କ୍ଲବ୍ ପରିସରରେ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟବାସୀ ଓ ନିକଟସ୍ଥ କୁରାଳ ଓ ବାହାଡ଼ାଝୋଲାରୁ ୩୦ରୁ ଉର୍ଦ୍ଧ୍ୱ ଆଗ୍ରହୀ ବ୍ୟକ୍ତି ସମାରୋହରେ ଉପସ୍ଥିତ ହୋଇ ପରିଷଦର ସଦସ୍ୟତା ଗ୍ରହଣ କରିଥିଲେ । ପ୍ରାନ୍ତୀୟ ଉପସଭାପତି ଶୁଭାଶିଷ କର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫେସର ହରପ୍ରସାଦ ମହାପାତ୍ର, ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସଂଗଠନ ସଚିବ ଶ୍ରୀଧର ସାହୁ, ଚନ୍ଦ୍ରଶେଖରପୁର ଶାଖା ଅଧକ୍ଷ ପ୍ରଦୀପ୍ତ ମହାରଣା ଓ ନୟାଗଡ଼ ଜିଲା ସଚିବ ପ୍ରଦୀପ କୁମାର ସାହୁ ମଞ୍ଚାସୀନ ଥିଲେ । ଅତିଥିମାନେ ପ୍ରଥମେ ଭାରତ ବିକାଶ ପରିଷଦର ଗଠନ, କାର୍ଯ୍ୟଧାରା ଆଦି ସମ୍ପର୍କରେ ସୂଚନା ଦେବା ପରେ ସମସ୍ତ ସଦସ୍ୟଙ୍କୁ ପ୍ରଫେସର ମହାପାତ୍ର ଶପଥ ପାଠ କରାଇଥିଲେ । ଏହି ଅବସରରେ ଓଡ଼ଗାଁ ଶାଖାର କର୍ମକର୍ତ୍ତା ଚୟନ ସଭା ଅନୁଷ୍ଠିତ ହୋଇଥିଲା। ସର୍ବ ସମ୍ମତିକ୍ରମେ ଅନନ୍ତ ଚରଣ ପଣ୍ଡା ଅଧକ୍ଷ, ନାରାୟଣ ବେହେରା ସାଧାରଣ ସଚିବ, କୃଷିବିତ୍ ବଳରାମ ସାହୁ ଉପସଭାପତି, ନାରାୟଣ ବେହେରା ସାଧାରଣ ସଚିବ, କିଶୋର ଚନ୍ଦ୍ର ମିଶ୍ର ସଙ୍ଗଠନ ସଚିବ ଏବଂ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ଅର୍ଥ ସଚିବ ତଥା ଆର୍ମି ଭେଟେରାନ୍ ଆଦର୍ଶ କୁମାର ପଟ୍ଟନାୟକଙ୍କୁ ଉପଦେଷ୍ଟା ଭାବେ ମନୋନୟନପୂର୍ବକ ଶପଥ ପାଠ କରାଯାଇଥିଲା । ପ୍ରାରମ୍ଭରେ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା ପରେ ଭାରତ ମାତା କି ଜୟ ଧ୍ୱନୀ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ସଦସ୍ୟମାନେ ଦଳ, ମତ ନିର୍ବିଶେଷରେ କେବଳ ଜନକଲ୍ୟାଣ ଓ ସେବା କାର୍ଯ୍ୟ କରିବେ ବୋଲି ସଂକଳ୍ପ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ, ୨୨।୨

ସେସ୍‌କୋ ଓ ଗ୍ରୀଡ୍‌କୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଅନଶନ ଓ ଧାରଣା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୁରୀ ବିଦ୍ୟୁତ୍‌ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଏହି ଧାରଣା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପରିଷଦ ସଭାପତି ତ୍ରିଲୋଚନ ମହାପାତ୍ର କହିଛନ୍ତି। ଏଥିରେ ସମ୍ପାଦକ ନିମାଇଁ ଚରଣ ଗିରି, ସଦସ୍ୟ ବଳଭଦ୍ର ମହାନ୍ତି ପ୍ରମୁଖ ଅନଶନରେ ବସିଛନ୍ତି। ସପ୍ତମ ବେତନ କମିଶନ ଏବଂ ବିଭାଗୀୟ ମଜୁରି ନିର୍ଦ୍ଧାରଣ ଅନୁଯାୟୀ, ୨୦୧୬ ଜାନୁୟାରୀ ପହିଲାରୁ ୨୦୧୮ ଜୁଲାଇ ୩୧ ପର୍ଯ୍ୟନ୍ତ ବକେୟା ପେନ୍‌ସନ ଦାବିରେ ଏହି ଆନ୍ଦୋଳନ ଚାଲିଛି। ସେସୁ କର୍ତ୍ତୃପକ୍ଷ ପରିଷଦ କର୍ମକର୍ତ୍ତାଙ୍କ ସହ କୌଣସି ଆଲୋଚନା କରି ନଥିବାରୁ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ପ୍ରେସ କ୍ଲବ ଦଶପଲ୍ଲାର ବାର୍ଷିକ ଉତ୍ସବ

ଦଶପଲ୍ଲା,୨୨।୨(ଡି.ଏନ.ଏ)

ପ୍ରେସ କ୍ଲବ ଦଶପଲ୍ଲାର ୮ମ . ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛ। ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ପ୍ରେସ କ୍ଲବ ସଭାପତି ସୁରେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ରାଜାରାମ ଶତପଥୀ, ମୁଖ୍ୟ ବକ୍ତାରୂପେ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ,ସମ୍ମାନିତ ଅତିଥି ରୂପେ ବରିଷ୍ଠ ଖବରଦାତା ମୁରଲୀଧର ସାମଲ ଏବଂ ଶରତ କୁମାର ସାହୁ, ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ଦଳବେହେରା ଯୋଗଦେଇଥିଲେ। ସତ୍ୟ,ନିର୍ଭିକ ଏବଂ ଖବରଦାତା ମାନଙ୍କ କର୍ତ୍ତବ୍ୟ ସହ କୌଣସି ଚାପର ବଶବର୍ତ୍ତୀ ନ ହୋଇ କଲମ ଚାଳନା କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ । ସଭାପତି ସୁରେଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଖବରଦାତା ପ୍ରଶାନ୍ତ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ଗୋ–ସେବକ ସନ୍ଥ ନାଗା ରାମଦାଶ ଏବଂ ଶ୍ରେଷ୍ଠ ପାଠକ ରୂପେ ଅଶୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତ୍ରିଲୋଚନ ମିଶ୍ର ପ୍ରଦତ୍ତ ଏକ ଟ୍ରଫିକୁ ପ୍ରେସ କ୍ଲବ ତରଫରୁ ଚଳିତ ବର୍ଷର ଶ୍ରେଷ୍ଠ ଖବରଦାତା ରୂପେ ପ୍ରକାଶ କୁମାର ପାଣିଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଖବରଦାତା ଡଃ ପ୍ରଫୁଲ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଖବରଦାତା ଆଲୋକ ସେନାପତି,କୁଞ୍ଜ ବିହାରୀ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ୧୩ ନୂତନ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଖଣ୍ଡପଡ଼ା,୨୨।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୧୩ଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ନିମନ୍ତେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଠା ଜଳସେଚନ ନିଗମ(ନୟାଗଡ଼)ଡିଭିଜନ ପକ୍ଷରୁ ଏହି ଅବସରରେ ସମାବେଶ ଆୟୋଜିତ ହୋଇଥିଲା। ବିଧାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷିକାର୍ଯ୍ୟର ବିକାଶ ନିମନ୍ତେ ଏହି ପ୍ରକଳ୍ପଗୁଡିକ ପାଇଁ ପ୍ରାୟ ୨.୧୦କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ନେଇ ସୂଚନା ଦେଇଥିଲେ । ଏହି ଅବସରରେ ଶରଧାପୁର ଅଞ୍ଚଳର ପ୍ରାୟ ୪୦ ହେକ୍ଟର ଜମିରେ ଜଳସେଚନ ପାଇଁ ୨୫.୫୫ ଲକ୍ଷ ଅନୁଦାନରେ ଶରଧାପୁର–୧, ଅଁଳାପଟା ଅଞ୍ଚଳର ୮୦ ହେକ୍ଟର ଜମି ପାଇଁ ଅଁଳାପଟା–୧,୨ ଓ ୩ନଂ ପ୍ରକଳ୍ପ ପାଇଁ ୫୮.୪୪ ଲକ୍ଷ, ବୋଦଶା ଅଞ୍ଚଳର ୬୦ ହେକ୍ଟର ଜମି ପାଇଁ ୪୧.୮୯ ଲକ୍ଷ ବ୍ୟୟରେ ବୋଦଶା –୪, ୫ ଓ ୬ନଂ ଉଠା ଜଳସେଚନ ପ୍ରକଳ୍ପ ଏବଂ ଗୁଣ୍ଡୁଣି ଅଞ୍ଚଳର ୭୨ ହେକ୍ଟର ଜମିରେ ଜଳସେଚନ ପାଇଁ ୫୫.୨୬ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ନଳ କୂପ ସହିତ ଗୁଣ୍ଡୁଣି ଉଠା ଜଳସେଚନ ପ୍ରକଳ୍ପ ନଂ୬, ୭ ଓ ୮ ଏହିପରି ସମୁଦାୟ ୧୩ଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ କୁମାର ଗନ୍ତାୟତ, ସହକାରୀ ଯନ୍ତ୍ରୀ ଇଂ. ବିଜୟ କୁମାର ତରାଇ, କନିଷ୍ଠ ଯନ୍ତ୍ରୀ ଇଂ. ନିତ୍ୟାନନ୍ଦ ପରିଡ଼ା ଓ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

# ସମର୍ପଣ ଜରାନିବାସ ଲୋକାର୍ପିତ

ନୟାଗଡ଼ ଅଫିସ,୨୨।୨

ଜିଲା ରେଡ଼କ୍ରସ୍ ସୋସାଇଟି, ରୋଟାରୀ କ୍ଲବ ଏବଂ ଶାନ୍ତି ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଡ଼ିଆରଡ଼ିଏ ରୋଡ ଲେଖନପୁର ଗ୍ରାମଠାରେ ସର୍ମପଣ ଜରାନିବାସ ଲୋକାର୍ପିତ ହୋଇଯାଇଛି। ବୟୋଜ୍ୟେଷ୍ଠ, ନିଃସହାୟ, ନିରାଶ୍ରୟ, ଅବହେଳିତ ବୃଦ୍ଧାବୃଦ୍ଧଙ୍କ ପାଇଁ ଏହି ଜରାନିବାସ ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଜିଲାପାଳ ତଥା ରେଡ଼କ୍ରସ୍ ସୋସାଇଟିର ଅଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ଲୋକାର୍ପଣ ଉତ୍ସବରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସମର୍ପଣ ଗୃହ ବରିଷ୍ଠ ଅବହେଳିତ ନାଗରିକମାନଙ୍କର ସୁଖ ଶାନ୍ତିର ଆଶ୍ରୟସ୍ଥଳ ହେବ ବୋଲି ମତ ପ୍ରକାଶ କରିଥିଲେ। ୩ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଜଣଙ୍କ ପାଇଁ ତିନି ମହଲାବିଶିଷ୍ଟ ଗୃହ ନିର୍ମାଣ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣଙ୍କ ପାଇଁ ଗୋଟିଏ ମହଲାକୁ ଲୋକାର୍ପିତ କରାଯାଇଥିଲା। ୨୦୧୯ ଶେଷ ସୁଦ୍ଧା ବଳକା କାର୍ଯ୍ୟ ଶେଷ ହୋଇ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁ , ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଉପସ୍ଥିତ ଥିଲେ। ନବନିର୍ମିତ ଜରାନିବାସର ପ୍ରଥମ ଅନ୍ତେବାସୀ ଭାବେ ଲେଙ୍କୁଡ଼ିପଡ଼ା ଗ୍ରାମର ୮୨ ବର୍ଷୀୟ ସୁଦାମ ଚରଣ ନାୟକ ରହିଛନ୍ତି। ରୋଟାରିଆନ ତଥା ସମାଜସେବୀ ପ୍ରମୋଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାନ୍ତି ଚାରିଟେବଲ ଟ୍ରଷ୍ଟର ସମ୍ପାଦକ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।




ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

